
ଧରିତ୍ରୀ 50 Years

DHARITRI

ଭୁବନେଶ୍ୱର, ଶନିବାର, ମେ ୨୫/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar,

୫୦ଶ ଭାଗ ୧୮୦ ସଂଖ୍ୟା www.orissakhabar.com/www.dharitri.com | Printed at Rayag


ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମେ ୨୫/୨୦୨୪ Bhubaneswar, Saturday, May 25/2024

# ବାତ୍ୟା 'ରେମଲ' ଆଣୁଛି ବର୍ଷା

## ୪ ଜିଲାକୁ ସତର୍କ କଲେ ଏସ୍‌ଆର୍‌ସି

**ଭୁବନେଶ୍ୱର, ୨୪।୫(ଅସମାପିକା ସାହୁ)**

ବଙ୍ଗୋପସାଗରରେ ଦାନା ବାନ୍ଧୁଛି ବାତ୍ୟା। ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ସକାଳେ ଅବପାତରେ ପରିଣତ ହେବା ସହ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିଛି। ସନ୍ଧ୍ୟା ସୁଦ୍ଧା ଏହା ବାଂଲାଦେଶ ଖେପୁପାରା ଉପକୂଳରୁ ୮୦୦ କି.ମି. ଦକ୍ଷିଣ ଓ ଦକ୍ଷିଣ- ପଶ୍ଚିମ ଏବଂ ପଶ୍ଚିମବଙ୍ଗ ଉପକୂଳରୁ ୮୧୦ କି.ମି. ଦକ୍ଷିଣରେ କେନ୍ଦ୍ରୀଭୂତ ରହି ଧୀରେ ଧୀରେ ଉତ୍ତରପୂର୍ବ ଦିଗରେ ଗତି କରୁଛି। ଅବପାତଟି ଅଧିକ ତୀବ୍ର ହୋଇ ୨୫ ତାରିଖ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବାତ୍ୟାର ନାଁ ରହିଛି 'ରେମଲ'। ଶନିବାର ସନ୍ଧ୍ୟା ସୁଦ୍ଧା ଏହା ଭୀଷଣ ବାତ୍ୟାରେ ପରିଣତ ହେବାର ଆଶଙ୍କା ରହିଛି। ଏହାପରେ 'ରେମଲ' ଉତ୍ତର ଦିଗକୁ ଗତି କରି ୨୬ ତାରିଖ ମଧ୍ୟ ରାତ୍ରିରେ ସାଗର ଦ୍ୱୀପ ଓ ଖେପୁପାରା ମଧ୍ୟ ଦେଇ ଅଗ୍ରସର ହେବା ପରେ ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳକୁ ଅତିକ୍ରମ କରିବା ସମ୍ଭାବନା ରହିଛି। ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ସେଥିପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ତେବେ ବାତ୍ୟାର ପ୍ରଭାବ ସିଧାସଳଖ ଓଡ଼ିଶା ଉପରେ ପଡ଼ିବ ନାହିଁ। କିନ୍ତୁ ଉତ୍ତର ଓ ଉପକୂଳ ଓଡ଼ିଶାର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବୋହିବ।




ମଝିରେ ମଝିରେ ଝଟକା ପବନର ବେଗ ଘଣ୍ଟା ପ୍ରତି ୬୦ କି.ମି. ପର୍ଯ୍ୟନ୍ତ ରହିବ। ସେହିପରି ୨୬ ତାରିଖ ସକାଳଠାରୁ ବାଲେଶ୍ୱର ଓ ଭଦ୍ରକ ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଏବଂ କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ। ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ବେଗରେ ପବନ ବୋହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷା ନେଇ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପକ୍ଷରୁ ଏହି ୪ ଜିଲାକୁ ସତର୍କ କରିବା ସହ ସମ୍ଭାବ୍ୟ ସ୍ଥିତିର ମୁକାବିଲା କରିବାକୁ ଜିଲାପାଳମାନଙ୍କୁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

ସେପଟେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲାରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ଶୁକ୍ରବାର ବଲାଙ୍ଗୀରରେ ଦିନ ତାପମାତ୍ରା ସର୍ବାଧିକ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ରେ ୪୧, ବୌଦ୍ଧ ଓ ସୋନପୁରରେ ୪୦.୫, ନୂଆପଡ଼ାରେ ୪୦.୪ ଡିଗ୍ରୀ ରହିଥିବା ସୂଚନା ଦିଆଯାଇଛି।



ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ମେ ୨୫/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 25/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 180 | ମୂଲ୍ୟ ₹୭/-




# ଆଜି ୬ ଲୋକ ସଭା, ୪୨ ବିଧାନସଭା ଆସନରେ ଭୋଟ

## ତୃତୀୟ ପର୍ଯ୍ୟାୟ ନିର୍ବାଚନର ପ୍ରମୁଖ ପ୍ରାର୍ଥୀ



ଧର୍ମେନ୍ଦ୍ର ପ୍ରଧାନ, ପ୍ରଣବ ପ୍ରକାଶ ଦାସ, ନଗେନ୍ଦ୍ର ପ୍ରଧାନ, ପ୍ରସନ୍ନ ଆଚାର୍ଯ୍ୟ, ଜୟନାରାୟଣ ମିଶ୍ର, ଭର୍ତ୍ତୃହରି ମହତାବ, ସଂତୃପ୍ତ ମିଶ୍ର, ଅପରାଜିତା ଷଡ଼ଙ୍ଗୀ
ସମ୍ବିତ୍ ପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରୁଦ୍ରନାରାୟଣ ପାଣି, ଅଶୋକ ଚନ୍ଦ୍ର ପଣ୍ଡା, ଅରୁଣ ସାହୁ, ଜୟଦେବ ଯେନା, ସଞ୍ଜୟ ଦାସବର୍ମା, ସୋଫିଆ ଫିର୍‌ଦୋସ୍

**ଭୁବନେଶ୍ୱର,୨୪।୫(ଅନିଲ ଦାସ)**

ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟର ୬ ଲୋକ ସଭା କଟକ, ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁର ସମେତ ଏହା ଅଧୀନରେ ଥିବା ୪୨ ବିଧାନସଭା ଆସନ ପାଇଁ ଶନିବାର ଭୋଟ ଗ୍ରହଣ ହେବ। ଏଥିପାଇଁ ପୋଲିଂ ପାର୍ଟି ଇଭିଏମ୍, ଭିଭିପିଏଟି ଓ ମତଦାନ ପାଇଁ ଆବଶ୍ୟକ ସାମଗ୍ରୀ ସହ ନିଜ ନିଜ ବୁଥ୍‌ରେ ପହଞ୍ଚି ସାରିଛନ୍ତି। କେତେକ ସ୍ଥାନରେ ଗୁରୁବାର ପୋଲିଂ ଅଧିକାରୀ ଓ କର୍ମଚାରୀ ପହଞ୍ଚି ସାରିଥିବା ବେଳେ ଶୁକ୍ରବାର ଅବଶିଷ୍ଟ ପହଞ୍ଚିଛନ୍ତି।

ତୃତୀୟ ପର୍ଯ୍ୟାୟ ମତଦାନ ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ରାଜ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ପୂର୍ବରୁ କେତେକ ଅଞ୍ଚଳରେ ରାଜନୈତିକ ହିଂସା ଓ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏ ସମସ୍ତ ଲୋକ ସଭା ଓ ଏହା ଅନ୍ତର୍ଗତ ବିଧାନସଭା ଆସନର ମତଦାନ କ୍ଷେତ୍ରରେ ୧୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ(ସିଏପିଏଫ୍ ) ମୁତୟନ କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସମ୍ବଲପୁର ପୋଲିସ ଜିଲାର ୪ଟି ବିଧାନସଭା କ୍ଷେତ୍ରରେ ୧୨ ସିଏପିଏଫ୍ କମ୍ପାନୀ ମୁତୟନ ହୋଇଥିବା ବେଳେ ଦେବଗଡ଼ର ଗୋଟିଏ ନିର୍ବାଚନମଣ୍ଡଳୀରେ ୨, ଅନୁଗୋଳର ୫ ବିଧାନସଭା କ୍ଷେତ୍ରରେ ୧୨, ଢେଙ୍କାନାଳର ୪ ବିଧାନସଭା କ୍ଷେତ୍ରରେ ୮, ମୟୂରଭଞ୍ଜର ୧ ବିଧାନସଭା କ୍ଷେତ୍ରରେ ୨, କେନ୍ଦୁଝର ୬ ବିଧାନସଭା କ୍ଷେତ୍ରରେ ୧୭, କଟକ ଗ୍ରାମୀଣ ୩ ବିଧାନସଭା କ୍ଷେତ୍ରରେ ୧୧, କଟକ ସହରାଞ୍ଚଳ କ୍ଷେତ୍ରର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ୮ କମ୍ପାନୀ ☞ପୃଷ୍ଠା-୭

| ଲୋକ ସଭା | ବିଧାନସଭା |
|---|---|
| ଭୁବନେଶ୍ୱର | ଭୁବନେଶ୍ୱର-ଉତ୍ତର, ଭୁବନେଶ୍ୱର-ମଧ, ଭୁବନେଶ୍ୱର-ଏକାମ୍ର, ଜୟଦେବ, ଜଟଣୀ, ଖୋର୍ଦ୍ଧା, ବେଗୁନିଆ |
| କଟକ | ବାରବାଟୀ-କଟକ, କଟକ-ଚୌଦ୍ୱାର, କଟକ-ସଦର, ଆଠଗଡ଼, ବଡମ୍ବା, ବାଙ୍କୀ, ଖଣ୍ଡପଡ଼ା |
| ପୁରୀ | ପୁରୀ, ସତ୍ୟବାଦୀ, ପିପିଲି, ବ୍ରହ୍ମଗିରି, ଚିଲିକା, ରଣପୁର, ନୟାଗଡ଼ |
| ସମ୍ବଲପୁର | ସମ୍ବଲପୁର, କୁଚିଣ୍ଡା, ରେଢ଼ାଖୋଲ, ରେଙ୍ଗାଲି, ଦେବଗଡ଼, ଆଠମଲ୍ଲିକ, ଛେଣ୍ଡିପଦା |
| ଢେଙ୍କାନାଳ | ଢେଙ୍କାନାଳ, କାମାକ୍ଷାନଗର, ପରଜଙ୍ଗ, ହିନ୍ଦୋଳ, ଅନୁଗୋଳ, ତାଳଚେର, ପାଲଲହଡ଼ା |
| କେନ୍ଦୁଝର | କେନ୍ଦୁଝର, ଚମ୍ପୁଆ, ତେଲକୋଇ, ପାଟଣା, ଘସିପୁରା, ଆନନ୍ଦପୁର, କରଞ୍ଜିଆ |

# ୨୬ରେ ମାଟ୍ରିକ ରେଜଲ୍ଟ


- **ଏକସଙ୍ଗେ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇବ**
- **ପୂର୍ବାହ୍ନ ୧୧ଟା ୩୦ରୁ ଉପଲବ୍ଧ ହେବ ପରୀକ୍ଷାଫଳ**

କଟକ,୨୪।୫ (କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ , ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ଆସନ୍ତା ୨୬ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ବୋର୍ଡ ମୁଖ୍ୟାଳୟରେ ପ୍ରକାଶ ପାଇବ। ସେହିଦିନ ପୂର୍ବାହ୍ନ ୧୧ଟା ୩୦ରେ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ଫଳ ଉପଲବ୍ଧ ହେବ। ଏନେଇ କଟକସ୍ଥିତ ବୋର୍ଡ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ବୋର୍ଡ ସଭାପତି ତରାଇଙ୍କ ସୂଚନା ଅନୁସାରେ, ଏଥର ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କ୍, ମୋବାଇଲ ଏସ୍‌ଏମ୍‌ଏସ୍ ସହ ପ୍ରଥମଥର ପାଇଁ ହ୍ୱାଟ୍ସଆପ୍ ଜରିଆରେ ପରୀକ୍ଷାଫଳ ଜାଣିପାରିବେ। ମୋବାଇଲ୍‌ର ମେସେଜ ବକ୍ସରେ OR10 ପରେ ଗୋଟିଏ ସ୍ପେସ୍ ଦେଇ ନିଜ ରୋଲ୍ ନମ୍ବର ଲେଖି 5676750 ନମ୍ବରକୁ ପଠାଇବେ। ଏହାପରେ ମୋବାଇଲ୍‌କୁ ପରୀକ୍ଷାଫଳ ଆସିଯିବ। ପ୍ରତି ହାଇସ୍କୁଲର ପରୀକ୍ଷାର୍ଥୀଙ୍କ ପରୀକ୍ଷାଫଳ ସମ୍ପର୍କିତ ଟାବୁଲେସନ ରେଜିଷ୍ଟର ବୋର୍ଡ ୱେବ୍‌ସାଇଟ୍‌ରେ ଅପରାହ୍ନ ୧୨ଟା ୩୦ରୁ ଉପଲବ୍ଧ ହେବ। ପ୍ରଧାନଶିକ୍ଷକମାନେ ୟୁଜର ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି ଟାବୁଲେସନ ରେଜିଷ୍ଟର ଡାଉନ୍‌ଲୋଡ୍ କରିବାକୁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି। ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**କୂଟନୀତିଜ୍ଞଙ୍କ କାହାଣୀ**



# ଆଜି କ’ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ପାଖ, ସମୟ: ସକାଳ ୮ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ ପ୍ରଦର୍ଶନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ୬ଷ୍ଠ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୪, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

**ପୁରୀ**
- ସ୍ୱରାଜ୍ୟ ଦ୍ୱିତୀୟ ଉତ୍ସବ, ସ୍ଥାନ: ସାକ୍ଷୀଗୋପାଳର ଆଦର୍ଶ ଗ୍ରାମ ନୂଆଗାଁ, ସମୟ: ରାତି ୮ଟା।

**ବାଲେଶ୍ୱର**
- ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଖବରଦାତା ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ଅପରାହ୍ନ ୫ଟା ୩୦।

**ଭଦ୍ରକ**
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଚାନ୍ଦବାଲି ପାର୍ଟି ଅଫିସ୍, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ରୋଡ୍ ଶୋ’, ସ୍ଥାନ: ନରେନ୍ଦ୍ରପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ରୋଡ୍ ଶୋ’ ଓ ମିଶ୍ରଣ ପର୍ବ, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ୧୨ ନମ୍ବର ୱାର୍ଡ, ଭଦ୍ରକ ପୌରପାଳିକା, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ନାରଦଙ୍କ ଜୟନ୍ତୀ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସକାଳ ୭ ଟା।
- ଲକ୍ଷ୍ମୀ ମନ୍ଦିରରେ ସପ୍ତସତୀ ଚଣ୍ଡୀପାଠ ଏବଂ ଯଜ୍ଞ, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ସକାଳ ୬ ଟା
- ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: କାଞ୍ଚନପୁର, ଚମ୍ପୁଆ, ସମୟ : ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଓଆର୍ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ଭିକାରୀ ବଳଙ୍କ ଜନ୍ମ ଦିବସ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା।

**କନ୍ଧମାଳ**
- ମୀନା ବଜାର ଆରମ୍ଭ, ସ୍ଥାନ: ବିଟିମ ପଡିଆ, ସମୟ: ସନ୍ଧ୍ୟା ୭ଟା।
- କୋମଲ ଗାନ୍ଧାର ପକ୍ଷରୁ ଭଜନ ସମାରୋହ, ସ୍ଥାନ : ନାରାୟଣୀ ଯାତ୍ରା ମଣ୍ଡପ: ସମୟ: ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ମା’ ଠାକୁରାଣୀ ପର୍ବର ଘଟ ପରିକ୍ରମା, ସ୍ଥାନ: ମିଲୁ ଢ଼େପ ସାହି, ଗୁଡାରି, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**
- ସନ୍ତୋଷୀ ମା’ଙ୍କ ସାହି ପରିକ୍ରମା ଉଦ୍‌ଯାପନ,ସ୍ଥାନ: କୋରାପୁଟ,ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ରାଧାକାନ୍ତ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ନାଲିବର, ସମୟ: ସକାଳ ୬ଟା।

**କେନ୍ଦ୍ରାପଡ଼ା**
- ଶ୍ରୀରକ୍ତକୁଣ୍ଡଳେଶ୍ୱର ପୀଠ ପରିସରରେ ଯଜ୍ଞ ମହୋତ୍ସବ, ସ୍ଥାନ: ତେଲିଆକଣ, ବୈକୁଣ୍ଠପୁର, ମାର୍ଶାଘାଇ, ସମୟ:ସନ୍ଧ୍ୟା ୭ଟା।

**ଯାଜପୁର**
- ଧର୍ମଶାଳା ବିଜେଡିର ସାଧାରଣ ସଭା, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- କୋରେଇ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବ୍ୟାସନଗର ପୌର ପରିଷଦ ଅଧୀନ ୧୬ ନମ୍ବର ୱାର୍ଡର ଉମାପଦା ପଡ଼ିଆ, ସମୟ: ଅପରାହ୍ନ ସାଢ଼େ ୪ଟା।

**ନୟାଗଡ଼**
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୧୬ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୧୬ତମ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୧୬ତମ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**
- ଯୋଗ ଶିବିର କାର୍ଯ୍ୟକ୍ରମ, ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୫ଟା।
- ଗ୍ରୀଷ୍ମକାଳୀନ ମାଗଣା ମାର୍ଶାଲ ଆର୍ଟ ପ୍ରଶିକ୍ଷଣ ଶିବିର, ଜିଲା ଜୁଡୋ ହଲ, ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଆୟୁର୍ବେଦିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ: ମାରୱାଡି ସେବା ସଦନ, ବଲାଙ୍ଗୀର, ସମୟ: ସକଳ ୮ଟା।

**ସୁବର୍ଣ୍ଣପୁର**
- ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ଅନ୍ତର୍ଡା, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ପୂଜା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଶନିଶ୍ଚର ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ଭଜନ ପରିବେଷଣ। ତରଭା ସହର ନୂଆପଡା ଶନି ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।

**ରାଉରକେଲା**
- ଡିଆରୟୁସିସି କର୍ମଚାରୀଙ୍କ ବିଭିନ୍ନ ରେଳ ଷ୍ଟେଶନ ପରିଦର୍ଶନ,ସ୍ଥାନ: ରାଉରକେଲା, ସମୟ: ସକାଳ ୯ଟା।
- ରଜ ମଉଜକୁ ନେଇ ଖବରଦାତା ସମ୍ମିଳନୀ,ସ୍ଥାନ: ସେହନାଇ ମଣ୍ଡପ, ସେକ୍ଟର-୨, ସମୟ: ଅପରାହ୍ନ ସାଢେ ୪ଟା।

**ବରଗଡ଼**
- ଛାତ୍ରୀଛାତ୍ରଙ୍କ ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ ନାମଯଜ୍ଞ, ସ୍ଥାନ: ଯୋଗେନ୍ଦ୍ରନାଥପୁର, ପାଇକମାଳ, ସମୟ: ମଧ୍ୟାହ୍ନ ୧୨ଟା।

**କଳାହାଣ୍ଡି**
- ସଡ଼କ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟାକୁ ନେଇ ଜୁନାଗଡ଼ ବଣିକ ସଙ୍ଘ ପକ୍ଷରୁ କଳାହାଣ୍ଡି ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଏସ୍‌ପି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନୂଆପଡ଼ା**
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ କଳସଯାତ୍ରା. ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ପାଣ୍ଡେଲବାହାଲି ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ସିନାପାଲି ସହର ରାବଣ ଛକ, ସମୟ: ସକାଳ ୭ଟା ୨୫।

**ବୌଦ୍ଧ**
- ଘଣ୍ଟାପଡା ପଞ୍ଚାୟତ ମାଣିକପୁର ଗ୍ରାମରେ ଶନିଶ୍ଚର ମେଳା ଉଦ୍‌ଯାପିତ, ସ୍ଥାନ: ମାଣିକପୁର ଗ୍ରାମ,କଣ୍ଟାମାଳ ବ୍ଲକ , ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ୩୩୮ ବୁଥରେ ମତଦାନ କରିବେ ମତଦାତା, ସ୍ଥାନ: ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀ, ସମୟ: ସକାଳ ୭ଟା।

**ଝାରସୁଗୁଡ଼ା**
- ଶନି ଦେବଙ୍କ ଆଳତୀ ସହିତ ପୂଜାଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ, ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା ୩୦ ମିନିଟ୍।

## ଯୁବତୀଙ୍କୁ ବଳାତ୍କାର: ୨ ଗିରଫ

**କୁଆଁରମୁଣ୍ଡା,୨୪।୫ (ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୁଟୁରିଖମନ ପଞ୍ଚାୟତ ଦୁମାଙ୍ଗଦିରି ଗ୍ରାମର ଜଣେ ୨୪ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୀବ ଲୁଗୁନ(୨୪) ଓ ତାଙ୍କ ସହଯୋଗୀ ସୀତାରାମ ଧନୱାର(୩୨)। ଏ ନେଇ ବୀରମିତ୍ରପୁର ଥାନାରେ ଦଫା ୩୭୬(ଡି)ରେ ଏକ ମାମଲା(ନଂ.୧୭୭/୨୪) ରୁଜୁ ହୋଇଥିବା ଥାନାଧିକାରୀଣି ବନ୍ଦନା ପାତ୍ର ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୮ଟାରେ ସୀତାରାମ ଓ ରାଜୀବ ଯୁବତୀଙ୍କୁ ଡାକି ନେଇ ଜଟିଆ ବାବା ମନ୍ଦିର ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରଥିଲେ। ପରେ ତାଙ୍କୁ ଘରେ ଛାଡି ଦେଇଥିଲେ। ପୀଡିତାଙ୍କ ଭାଉଜ ଏହା ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଏନେଇ ବୁଧବାର ପୀଡିତାଙ୍କ ଭାଉଜ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୀଡିତାଙ୍କୁ ଡାକ୍ତରୀମାଇନା କରାଯାଇଛି।

## ପୋଲିସ, ଅବକାରୀ ଅଧିକାରୀଙ୍କ ବଦଳି

**ବରଗଡ଼,୨୪।୫ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଗତ ୨୦ତାରିଖରେ ମତଦାନ ଚାଲିଥିବାବେଳେ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମରେ ଅଟୋ ଚାଳକ ହତ୍ୟା ଘଟଣାରେ ଶୁକ୍ରବାର ବରଗଡ଼ ସଦର ଥାନା ଅଧିକାରୀ ମାନସ କୁମାର ଭୋଇ ଏବଂ ଅବକାରୀ ଷ୍ଟେଶନ ଅଧିକାରୀ ସିଦ୍ଧାନ୍ତ ପାତ୍ରଙ୍କ ବଦଳି ହୋଇଛି। ଉଭୟଙ୍କୁ ନୂଆପଡ଼ା ଜିଲାକୁ ବଦଳି ହୋଇଥିବା ଜଣାପଡ଼ିଛି।

### ମତଦାନ ଦିନରେ ଅଟୋ ଚାଳକଙ୍କୁ ହତ୍ୟା ଘଟଣା

ସୂଚନା ଅନୁଯାୟୀ, ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ଘଟଣାର ତଦନ୍ତ ଦାୟିତ୍ୱ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଶ୍ରୀକାନ୍ତ ପୃଷ୍ଟିଙ୍କୁ ଦେଇଥିଲେ। ଗତ ୨୧ତାରିଖ ଆର୍‌ଡିସି ବରଗଡ଼ ଗସ୍ତରେ ଆସି ଏହାର ତଦନ୍ତ କରିଥିଲେ ଏବଂ ତଦନ୍ତ ରିପୋର୍ଟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଘଟଣା ଦିନ ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ରହିଥିବା ନେଇ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହାପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ୨୪ଘଣ୍ଟା ମଧ୍ୟରେ ବରଗଡ଼ ସଦର ଥାନା ଅଧିକାରୀ ଏବଂ ଅବକାରୀ ଷ୍ଟେଶନ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଦେଇଥିଲେ। ତେବେ ସଦର ଥାନା ଅଧିକାରୀଙ୍କ ସ୍ଥାନରେ ଶର୍ମିଷ୍ଠା ପ୍ରଧାନଙ୍କୁ ଅବସ୍ଥାପିତ କରାଯାଇ ଥିବାବେଳେ ଅବକାରୀ ଷ୍ଟେଶନ ଅଧିକାରୀ ପାତ୍ରଙ୍କ ସ୍ଥାନରେ ସ୍ୱପ୍ନାରାଣୀ ସେଠୀଙ୍କୁ ଅବସ୍ଥାପିତ କରାଯାଇପାରେ ବୋଲି ଶୁଣିବାକୁ ମିଳିଛି।

## ବୁଥ୍ ରିଗିଂ ଆଶଙ୍କାକରି ସିଏପିଏଫ୍ ମୁତୟନ ପାଇଁ ଜିଲାପାଳଙ୍କୁ ଚିଠି ଲେଖିଲେ ଅପରାଜିତା

**ଭୁବନେଶ୍ୱର, ୨୪।୫(ସୁନିତ୍ ମିଶ୍ର)**

ଓଡ଼ିଶାର ଚର୍ଚ୍ଚିତ ଲୋକ ସଭା ଆସନ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଶନିବାର ମତଦାନ ହେବ। ହେଲେ ଏଥର ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର କିଛି ବୁଥ୍‌ରେ ରିଗିଂ ହେବ ବୋଲି ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଆଶଙ୍କା କରିଛନ୍ତି। ଏହା ପଛରେ ୨ ଅବସରପ୍ରାପ୍ତ ପୋଲିସ ଅଫିସରଙ୍କ ଭୂମିକାକୁ ସେ ସନ୍ଦେହକରି ଖୋର୍ଦ୍ଧା ଜିଲାପାଳଙ୍କ ନିକଟକୁ ଚିଠି ଲେଖିଛନ୍ତି। ଯେଉଁ ଅଞ୍ଚଳର ବୁଥ୍‌ରେ ରିଗିଂ ହେବ ବୋଲି ସେ ଆଶଙ୍କା କରିଛନ୍ତି, ଏସବୁ ଅଞ୍ଚଳରେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳ ସିଏପିଏଫ୍ ମୁତୟନ ଲାଗି ସେ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହି ଦୁଇ ଅବସରପ୍ରାପ୍ତ ପୋଲିସ ଅଫିସରଙ୍କୁ ବିଜେଡି ଏଭଳି କାର୍ଯ୍ୟରେ ଲଗାଇଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି। ୨ଜଣ ଅବସରପ୍ରାପ୍ତ ପୋଲିସ ଅଧିକାରୀଙ୍କୁ ବ୍ୟବହାରକରି କିଛି ବୁଥ୍‌ରେ ରିଗିଂ ହେବ ବୋଲି ସେ ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବାକୁ ପାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଭୁବନେଶ୍ୱରର ଶହୀଦନଗର, ବାୟାବାବା ମଠ ଏରିଆ, ୟୁନିଟ୍-୮ ମାଳିସାହି ଅଞ୍ଚଳରେ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ସେ ଉଲ୍ଲେଖ କରିଛନ୍ତି। ଏହାସହ ଖୋର୍ଦ୍ଧା ପୌରାଞ୍ଚଳରେ ମଧ୍ୟ ରିଗିଂ ଆଶଙ୍କା ଥିବା ସେ ଦର୍ଶାଇଛନ୍ତି।

## ବ୍ୟବସାୟୀଙ୍କଠୁ ୧୦ କିଲୋ ରୁପା ଝାମ୍ପିନେଲେ

**ବାଲିଗୁଡା,୨୪।୫ (ସଞ୍ଜୟ କୁମାର ପାଣିଗ୍ରାହୀ)**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ପାଟଖଣ୍ଡା ସାହିରେ ଶୁକ୍ରବାର ଜଣେ ରୁପା ବ୍ୟବସାୟୀ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କଠାରୁ କେତେଜଣ ଲୁଟେରା ୧୦କିଲୋ ଓଜନର ରୁପା ଜିନିଷ ଝାମ୍ପି ନେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବ୍ୟବସାୟୀ ସନ୍ନ୍ୟାସୀ ନାୟକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ପାଟଖଣ୍ଡାସାହିର ସନ୍ନ୍ୟାସୀ ପ୍ରତିଦିନ ଭଳି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସାଇକେଲରେ ରୁପା ଜିନିଷ ଧରି ବେପାର କରିବା ପାଇଁ ଯାଉଥିଲେ। ଘରଠାରୁ ଅଳ୍ପ ଦୂରରେ ୨ଟି ବାଇକରେ ଆସିଥିବା ଲୁଟେରାମାନେ ଗାଡ଼ିରୁ ପଡ଼ିଗଲା ଭଳି ଅଭିନୟ କରିଥିଲେ। ସନ୍ନ୍ୟାସୀ ଏହା ଦେଖି ଅଟକି ଥିବା ବେଳେ ଲୁଟେରାମାନେ ତାଙ୍କ ସାଇକେଲରେ ଥିବା ରୁପା ଜିନିଷ ଭର୍ତ୍ତି ୨ଟି ବ୍ୟାଗ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ବ୍ୟାଗ୍‌ରେ ୧୦ କେଜିରୁ ଉର୍ଦ୍ଧ୍ୱ ରୁପା ଜିନିଷ ଥିବା ସନ୍ନ୍ୟାସୀ କହିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ୧୪ ଗାଡ଼ି ମାଲିକଙ୍କ ବିରୋଧରେ ଏତଲା

**ବାଲେଶ୍ୱର, ୨୪।୫ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ବିଭିନ୍ନ କାର୍ଯ୍ୟ ପାଇଁ ଅଧିକୃତ ହୋଇଥିବା ଯାନବାହନଗୁଡ଼ିକ ମଧ୍ୟରୁ କର୍ତ୍ତବ୍ୟରେ ଉଲ୍ଲଂଘନ ଅଭିଯୋଗରେ ୧୪ ଗାଡ଼ି ମାଲିକଙ୍କ ବିରୋଧରେ ଏତଲା ଦାୟର କରାଯାଇଛି। ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ବଜାୟ ରଖିବା ଏବଂ ଆଗାମୀ ମତଦାନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଏହି ଗାଡ଼ି ମାଲିକଙ୍କ ବିରୋଧରେ ଏତଲା ପଞ୍ଜିକୃତ ହୋଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

### କର୍ତ୍ତବ୍ୟରେ ଅବହେଳା ଅଭିଯୋଗ

ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯାନବାହନର ଆବଶ୍ୟକତା ଯାହା ଦ୍ୱାରା ନିର୍ଦ୍ଧାରିତ ମତଦାନ କେନ୍ଦ୍ରକୁ ପୋଲିଂ କର୍ମଚାରୀ, ଇଲେକ୍ଟ୍ରୋନିକ ଭୋଟିଂ ମେଶିନ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀକୁ ପରିବହନ କରାଯିବାର ସ୍ଥିରୀକୃତ କରାଯାଇଛି।

ସୂଚନାଥାଉ କି, ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୬୦ ଅନୁଯାୟୀ ମତଦାନ ସମୟରେ ପରିବହନ ଓ ଅନ୍ୟାନ୍ୟ ନିର୍ବାଚନୀ କାର୍ଯ୍ୟରେ ସହାୟତା କରିବା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏହି ଗାଡ଼ିଗୁଡ଼ିକୁ ଆଇନଗତ ଅଧିକୃତ କରାଯାଇଛି। ଉପଯୁକ୍ତ ନୋଟିସ୍ ସତ୍ତ୍ୱେ ଏହି ୧୪ଟି ଗାଡ଼ି ମାଲିକମାନେ ସେମାନଙ୍କ ନିର୍ଦ୍ଧାରିତ ତାରିଖରେ ଡ୍ୟୁଟି ପାଇଁ ରିପୋର୍ଟ କରି ନ ଥିବାରୁ ନିର୍ବାଚନ ପ୍ରସ୍ତୁତିରେ ବାଧା ଉପୁଜିଥିଲା। ନିର୍ବାଚନ ପ୍ରକ୍ରିୟାରେ ଯାନବାହନ ମାଲିକଙ୍କ ସମେତ ସମସ୍ତ ନାଗରିକ ପୂର୍ଣ୍ଣ ସହଯୋଗ କରିବା ସହ ସମ୍ବିଧାନରେ ପ୍ରଦତ୍ତ ନାଗରିକ ଦାୟିତ୍ୱ ପାଳନ କରିବାକୁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେ ତବତ ଖାଇଛି,**
**ସେ ପଖାଳ ଖାଉ;**
**ଯେ କିଛି ନ ଖାଇଛି,**
**ସେ ଓପାସ ରହୁ।**

ଥିଲାବାଲା ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ଖାଇପିଇ ଅୟସରେ ଚଳୁଥିଲେ ମଧ୍ୟ ତାଙ୍କ ସୁଖ ସୁବିଧା ପ୍ରତି ଅଧିକ ଯତ୍ନଶୀଳ ହୋଇଥାନ୍ତି। ପରନ୍ତୁ ଯିଏ ଅଭାବ ଅନଟନରେ ରହି କଠିନ ପରିଶ୍ରମ କରି ପେଟକୁ ଦାନା ଯୋଗାଡ଼ କରିଥାନ୍ତି ସେମାନଙ୍କ ଭଲମନ୍ଦ ପଚାରିବା ତ ଦୂରର କଥା ଆଡ଼ ଆଖିରେ ମଧ୍ୟ ତାଙ୍କୁ ଚାହିଁ ନ ଥାନ୍ତି। ମଳିମୁଣ୍ଡିଆ ବ୍ୟକ୍ତିଙ୍କ ଦୁରବସ୍ଥା ପ୍ରତି ଆଖି ବୁଜିଦେବା ଅପ୍ରିୟ ବାସ୍ତବତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହାକୁ ରଖିବେ ଜଗାବଳିଆ,**
**କି କରିବ ତା’ର ବଳୀ ବଳୁଆ।**

କୁହାଯାଏ ଈଶ୍ୱରଙ୍କ କୃପାଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ହୁଏ ନାହିଁ। ଈଶ୍ୱରଙ୍କ ଶକ୍ତି ଆଗରେ କାହାର ଜୋର ଚାଲି ନ ଥାଏ। ସେ ହିଁ ସର୍ବ ଶକ୍ତିମାନ, ତ୍ରାଣକର୍ତ୍ତା, ପ୍ରାଣକର୍ତ୍ତା ଓ ଦଇବ ବିଧାତା। ଈଶ୍ୱର ଦୁର୍ବଳ ଲୋକଙ୍କୁ ରକ୍ଷା କରିବାକୁ ଚାହିଁଲେ ଶକ୍ତିମାନ ପୁରୁଷ ତା’ର କୌଣସି କ୍ଷତି କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କଞ୍ଚନବାହାଲରେ ହାତୀ ଆତଙ୍କ

**ଭୁବନ,୨୪।୫(ବିପିନ ବିହାରୀ ସେଠୀ):** ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ କଞ୍ଚନ ବାହାଲରେ ଶୁକ୍ରବାର ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଷଡଙ୍ଗି ରେଞ୍ଜ ଅଞ୍ଚଳରୁ ଦନ୍ତାଟି ବ୍ରାହ୍ମଣୀ ନଦୀ ପାର ହୋଇ କଞ୍ଚନବାହାଲ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ରହିଛି। ଖବରପାଇ ଭୁବନ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ଉପରେ ନଜର ରଖିଛନ୍ତି। ହାତୀକୁ ବ୍ରାହ୍ମଣୀ ନଦୀ ପାର କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ଦଶପଲ୍ଲା ପୋଖରୀ ଗୋଛାରେ ୧୨ ହାତୀ

**ଦଶପଲ୍ଲା,୨୪।୫ (ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ପୋଖରୀ ଗୋଛା ସେକ୍ସନର ସେଣ୍ଟ୍ରାଲ ରିଜର୍ଭ ଫରେଷ୍ଟ ଜଙ୍ଗଲରେ ୧୨ଟି ହାତୀ ଥିବା ହାତୀ ଗଣନାରୁ ସୂଚନା ମିଳିଛି। ଉକ୍ତ ୧୨ ହାତୀ ମଧ୍ୟରୁ ୩ଟି ଦନ୍ତା, ୫ ମାଈ ଏବଂ ୪ ଛୁଆ ହାତୀ ଥିବା ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀ କହିଛନ୍ତି। ଗତ ୨୨ ତାରିଖରେ ୬ ହାତୀ ପୁରୁଣା ଦଶପଲ୍ଲା ଅଞ୍ଚଳରେ ଥିଲେ। ସେମାନେ ନିକଟସ୍ଥ ମହିପୁର ବନାଞ୍ଚଳକୁ ପଳାଇ ଯାଇଥିବା ଜଣାପଡ଼ିଛି। ବାଣୀଗୋଛା ଅଞ୍ଚଳରେ ବର୍ତ୍ତମାନ ହାତୀ ନାହାଁନ୍ତି। ଧାନ ଫସଲ ସମୟରେ ସେ ଅଞ୍ଚଳକୁ ଆସନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ୧୨ ହାତୀ ପୋଖରୀ ଗୋଛାର ଜଙ୍ଗଲରେ ରହିଛନ୍ତି। ୨୨ରୁ ୨୪ ତାରିଖ ୩ଦିନ ଧରି ହାତୀ ଗଣନା କାର୍ଯ୍ୟ ଚାଲିଥିଲା। ଦ୍ୱିତୀୟ ଦିବସ ସୁଦ୍ଧା ୧୨ ହାତୀ ଥିବା ବେଳେ ତୃତୀୟ ଦିବସ ରାତି ସୁଦ୍ଧା ଆଉ ଅଛନ୍ତି ନା ନାହିଁ ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି। ବନ ବିଭାଗ କର୍ମଚାରୀ ହାତୀ ଗଣତିରେ ସାମିଲ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। କୃତ୍ତିକା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶାଜନକ ଲାଭ କରିପାରିବେ। ସଭା ସମିତି, ରାଜନୀତି, ସଂଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** — କୁଟନୈତିକ କୌଶଳ ପ୍ରୟୋଗ କରି କାର୍ଯ୍ୟ ହାସଲରେ ସମର୍ଥ ହେବେ। ବନ୍ଧୁଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବଢ଼ିବ। କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଜନିତ ଟେନସନ୍ ଅପରାହ୍ନରେ ଦୂର ହେବ। ମୃଗଶିରା ନକ୍ଷତ୍ରର କଚେରି ମାମଲାରେ ବାଇଦା ପଡ଼ିବାରେ ମନସ୍ତାପ କରିପାରନ୍ତି।

**ମିଥୁନ** — ଆପଣ କିଛି ମିଥ୍ୟା ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ ଲାଗି ଚେଷ୍ଟା କରିପାରନ୍ତି। ସବୁ ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପାରିପାର୍ଶ୍ୱିକ ପରିବେଶରେ ଅତୀତ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଆରଦ୍ରା ନକ୍ଷତ୍ର ଆଲୋଚନା ପରିପ୍ରେକ୍ଷୀରେ ମନକଥା ମନରେ ରଖିପାରିବେ ନାହିଁ।

**କର୍କଟ** — ଶାରୀରିକ ଅସୁସ୍ଥତା କେତେକାଂଶରେ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ଅଭାବ ଅସୁବିଧା ନ ଥିଲେ ମଧ୍ୟ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ବାଧ୍ୟ ହେବେ। ଅଶ୍ଳେଷା ନକ୍ଷତ୍ର ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** — ସାମଗ୍ରିକ ସୁଖ, ସୁବିଧା ପାଇବା ସହ ପ୍ରତ୍ୟେକ କାମକୁ ନିରଙ୍କୁଶ ଭାବରେ କରିବାରେ ସମର୍ଥ ହେବେ। କିନ୍ତୁ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଆଲୋଚନା ସମୟରେ ନୀରବ ରହିବାକୁ ବାଧ୍ୟ ହେବେ। ପୂର୍ବାଫାଲଗୁନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରୀ।

**କନ୍ୟା** — ଆଜି ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମଗୁଡ଼ିକ ହେବାରେ ଅସୁବିଧା ଜୁଟିବ ନାହିଁ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ବରଂ ବିଶ୍ୱାସ କରି ଉପକୃତ ହେବେ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି।

**ତୁଳା** — ଆଜି ଆପଣଙ୍କର ସାଧାରଣ ବ୍ୟତିକ୍ରମ ମଧ୍ୟରେ ଅଭିଳଷିତ ଦ୍ରବ୍ୟ ପ୍ରାପ୍ତି ଘଟିବ। ସ୍ୱାତୀ ନକ୍ଷତ୍ର ସକାଶେ ଶିଳ୍ପ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**ବିଛା** — ସପ୍ତମ କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଯାହା ଚାହୁଁଛନ୍ତି ପାଇବାରେ ଅସୁବିଧା ହେବ ନାହିଁ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଅନୁରାଧା ନକ୍ଷତ୍ର ଆତ୍ମୀୟଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା, ସାହିତ୍ୟରେ ସମସ୍ୟା ସମାଧାନର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ** — ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଗୁରୁତର ହେବାର ବିଲକ୍ଷଣ ଦେଖାଯିବ ନାହିଁ। ପ୍ରଶାସନିକ କ୍ଷେତ୍ରରେ ସମୟାନ୍ତରରେ ତାହାର ସମାଧାନ ହୋଇପାରିବ। ଉତ୍ତରାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହୁଥିବାରୁ ମନରେ ଦୁଶ୍ଚିନ୍ତା ଦେଖାଦେଇପାରେ। ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଲାଗି ବିଚଳିତ ହୋଇପାରନ୍ତି। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିଭିନ୍ନ ପ୍ରକାରର କଥା କହିବାକୁ ପଡ଼ିପାରେ। ଶ୍ରବଣା ନକ୍ଷତ୍ରର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** — ଆଜି ଶତଭିଷା ନକ୍ଷତ୍ର ସକାଶେ ସାଂଗଠନିକ କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥଙ୍କ ମୁହଁ ସାମ୍ନାରେ ପ୍ରକାଶ କରିବାକୁ ପଛେଇଯିବେ। ପ୍ରତ୍ୟେକ କ୍ଷେତ୍ରରେ ବାଦବିବାଦ ଜଟିଳ ହେଲେ ମଧ୍ୟ ସଫଳତା ହାସଲ କରିବେ। ବିବାଦୀୟ ପରିସ୍ଥିତିରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** — ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦୂରଭିସନ୍ଧି ରଖି ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହି ପାରନ୍ତି। ରେବତୀ ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। କ୍ରମଶଃ ଖର୍ଚ୍ଚଭାର ଯୋଗୁ କେତେକ ସ୍ଥାନରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି।

ଆଜି ମେ ୨୫ ତାରିଖ, ଶନିବାର, ଅନ୍ତର୍ଜାତୀୟ ନିଖୋଜ ଶିଶୁ ଦିବସ, ଭଜନ ସମ୍ରାଟ ଭିକାରୀ ବଳ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୧୦।୩୫ ଗତେ ମୂଳା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦।୦୫ ଗତେ ଘ.୧୨।୦୯ ମଧ୍ୟେ, ଘ.୦୨।୫୯ ଗତେ ଘ. ୦୩।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୭ ଗତେ ଘ.୧୦।୦୫ ମଧ୍ୟେ ରାହୁ କାଳ।

ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୫/୨୦୨୪ | Bhubaneswar, Saturday, May 25/2024



# ଚଢ଼ାଦରରେ କୋଇଲା ବିକୁଥିଲା ଆଦାନୀ

**ନୂଆଦିଲ୍ଲୀ,୨୪।୫**

ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ୨୦୧୩ରେ ଇଣ୍ଡୋନେସିଆରୁ ନିମ୍ନମାନର କୋଇଲା ଆମଦାନୀ କରି ଭାରତ ଓ ଅନ୍ୟ ଦେଶଗୁଡ଼ିକରେ ଚଢ଼ାଦରରେ ବିକ୍ରି କରୁଥିଲା। କୋଇଲାର ଏହି ଓଭର ଭାଲ୍ୟୁଏଶନ୍‌କୁ ନେଇ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଜର୍ଜ ସୋରୋସ୍‌ଙ୍କ ଅର୍ଗାନାଇଜ୍‌ଡ କ୍ରାଇମ୍ ଆଣ୍ଡ୍ କରପ୍ସନ ରିପୋର୍ଟିଂ ପ୍ରୋଜେକ୍ଟ (ଓସିସିଆର୍‌ପି)ର କେତେକ ଦସ୍ତାବିଜ ଆଧାରରେ ଲଣ୍ଡନର ଫାଇନାନ୍ସିଆଲ ଟାଇମ୍ସ ଏହାକୁ 'ଆଦାନୀ ଗ୍ରୁପ୍‌ର ବଡ଼ ଠକେଇ' ବୋଲି ନିକଟରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା। ଏହାପରେ ସୁପ୍ରିମକୋର୍ଟରେ ଉକ୍ତ ମାମଲାର ଦ୍ରୁତ ଶୁଣାଣି କରିବା ପାଇଁ ଅନ୍ୟୁନ ୨୧ଟି ଅନ୍ତର୍ଜାତୀୟ ସଙ୍ଗଠନ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଅଷ୍ଟ୍ରେଲିଆନ୍ ସେଣ୍ଟର ଫର୍ ଇଣ୍ଟରନ୍ୟାଶନାଲ ଜଷ୍ଟିସ୍, ବ୍ୟାଙ୍କଟ୍ରାକ୍, ବବ୍ ବ୍ରାଉନ୍ ଫାଉଣ୍ଡେଶନ୍, କଲ୍‌ଚର ଅଣ୍ଡରଷ୍ଟେଣ୍ଡ, ଏକୋ, ଏକ୍ସଟିଙ୍କ୍ସନ ରେବେଲିଅନ୍, ଫ୍ରେଣ୍ଡସ ଅଫ୍ ଦି ଆର୍ଥ ଅଷ୍ଟ୍ରେଲିଆ, ଲଣ୍ଡନ୍ ମାଇନିଂ ନେଟ୍‌ୱର୍କ, ମେକେୟ କଞ୍ଜର୍ଭେଶନ୍ ଗ୍ରୁପ୍, ମାର୍କେଟ ଫୋର୍ସେସ୍, ମନିରେବେଲିଅନ୍ ପ୍ରମୁଖ ଅନ୍ତର୍ଜାତୀୟ ସଙ୍ଗଠନ ସିଜେଆଇଙ୍କ ନିକଟକୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ,



ସେମାନେ ଜୀବାଶ୍ମ ଇନ୍ଧନର ନିରବଚ୍ଛିନ୍ନ ବ୍ୟବହାରକୁ ଦୃଢ଼ ବିରୋଧ କରୁଛନ୍ତି। ନିମ୍ନମାନର କୋଇଲାକୁ ବ୍ୟୟବହୁଳ, ସ୍ୱଚ୍ଛ ଇନ୍ଧନ ରୂପେ ବ୍ୟବହାର କରାଯିବା

## ଶୀଘ୍ର ଶୁଣାଣି ଦାବି କଲେ ୨୧ ଅନ୍ତର୍ଜାତୀୟ ସଂସ୍ଥା

ଉପରେ ଫାଇନାନ୍ସିଆଲ ଟାଇମ୍ସ ରିପୋର୍ଟରେ ବିସ୍ତୃତ ପ୍ରମାଣ ଦିଆଯାଇଛି। ତାମିଲନାଡୁର ଟାଙ୍ଗେଡ୍‌କୋକୁ ଆଦାନୀ ଗ୍ରୁପ୍ ବିକ୍ରି କରିଥିବା କୋଇଲା ଏହାର ଏକ ଦୃଷ୍ଟାନ୍ତ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୂର୍ବରୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ ଦାବି କରିଥିବାବେଳେ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅନେକଥର ଏହାର ଅବତାରଣା କରିସାରିଛନ୍ତି। ଅନ୍ୟପକ୍ଷେ ଆଦାନୀ ଗ୍ରୁପ୍ ଏହି ଅଭିଯୋଗକୁ ଖଣ୍ଡନ କରିଛି। କୋଇଲା ଲୋଡ୍ ବେଳେ ଏହାର ମାନ ନିରପେକ୍ଷ ଭାବେ ଯାଞ୍ଚ କରାଯାଇଛି। ତାମିଲନାଡୁ ଜେନେରେଶନ୍ ଆଣ୍ଡ୍ ଡିଷ୍ଟ୍ରିବ୍ୟୁଶନ୍ କମ୍ପାନୀ (ଟାଙ୍ଗେଡ୍‌କୋ) ମଧ୍ୟ କୋଇଲା ଯାଞ୍ଚ ପରେ ହିଁ କିଣିଥାଏ ବୋଲି ଆଦାନୀ ଗ୍ରୁପ୍‌ର ଜଣେ ମୁଖପାତ୍ର କହିଛନ୍ତି। ୨୦୧୧ରୁ ୨୦୧୫ ମଧ୍ୟରେ ହୋଇଥିବା ଏହି କାରବାର ସମ୍ପର୍କରେ ୨୦୧୬ ମାର୍ଚ୍ଚରେ ଡାଇରେକ୍ଟୋରେଟ୍ ଅଫ୍ ଦି ରେଭିନ୍ୟୁ ଇଣ୍ଟେଲିଜେନ୍ସ ପକ୍ଷରୁ ଆଦାନୀ କମ୍ପାନୀଗୁଡ଼ିକ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଥିଲା।

# ଭୂସ୍ଖଳନରେ ୩୦୦ ମୃତ ଆଶଙ୍କା

**ସିଡ୍‌ନୀ,୨୪।୫**

ପପୁଆ ନିଉ ଗିନିର ଉତ୍ତରଭାଗରେ ଥିବା କାଓକଲାମ ଗ୍ରାମରେ ଭୂସ୍ଖଳନରେ ୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ବହୁ ପରିବାର ମାଟିତଳେ ପୋତି ହୋଇଛନ୍ତି। ୫୦ରୁ ଅଧିକ ଘର ମାଟିରେ ମିଶିଯାଇଛି। ଭୋର ୩ଟା ସମୟରେ ଭୂସ୍ଖଳନ ଘଟିଥିବାବେଳେ ଲୋକେ ଘରେ ଶୋଇଥିଲେ ବୋଲି ସ୍ଥାନୀୟ ବାସିନ୍ଦା ନିଙ୍ଗା ରୋଲେ କହିଛନ୍ତି। ରୋଲେଙ୍କ ୨ ଭାଇ ମଧ୍ୟ ଭୂସ୍ଖଳନରେ ପ୍ରାଣ ହରାଇଛନ୍ତି। ପରିବାର ସଦସ୍ୟଙ୍କୁ ଖୋଜିବା ପାଇଁ କେତେଜଣ ପଥର ଓ ଉପୁଡ଼ି ପଡ଼ିଥିବା ଗଛରେ ଚଢୁଥିବା ଦେଖାଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ଏବଂ ବିପର୍ଯ୍ୟୟ ପ୍ରଶମନ କର୍ମଚାରୀ ନିୟୋଜିତ ହୋଇଛନ୍ତି।






# ମୁଁ ସୁସ୍ଥ, ନିର୍ବାଚନ ପ୍ରଚାର କରୁଛି: ନବୀନ

**ଭୁବନେଶ୍ୱର,୨୪।୫ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ଅଛନ୍ତି। ତାଙ୍କୁ କାର୍ତ୍ତିକ ପାଣ୍ଡିଆନ ବନ୍ଦୀକରି ରଖିଥିବା ନେଇ ଭାଜପା ବିଭିନ୍ନ ସମୟରେ ଅଭିଯୋଗ କରିଆସୁଛି। ଏହାର ଜବାବରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏକ ନ୍ୟୁଜ ଏଜେନ୍ସିକୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ମିଛ କହିବାର ଗୋଟିଏ ସୀମା ଥାଏ। ଭାଜପା ମିଛ କହିବାର ସବୁ ସୀମା ଟପିଯାଇଛି। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି।



ମାସେ ହେଲା ରାଜ୍ୟ ସାରା ନିର୍ବାଚନ ପ୍ରଚାର କରୁଛି ବୋଲି ନବୀନ କହିଛନ୍ତି। ନିର୍ବାଚନ ଶେଷ ହୋଇ ଆସୁଥିବାବେଳେ ବିଜେଡି -ଭାଜପା ମଧ୍ୟରେ ବୟାନବାଜି ଚରମସୀମାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ସମୟରେ ନାନା ମତାମତ ଦେଉଥିବାରୁ ରାଜ୍ୟରେ ଗୁଜବ ସୃଷ୍ଟି ହେଉଛି। ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପର୍ଯ୍ୟାପ୍ତ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି।

# ମାନହାନି ମାମଲାରେ ମେଧା ପାଟକର ଦୋଷୀ

**ନୂଆଦିଲ୍ଲୀ,୨୪।୫**

ନର୍ମଦା ବଚାଓ ଆନ୍ଦୋଳନର ପ୍ରତିଷ୍ଠାତା ମେଧା ପାଟକର ଏକ ଆପରାଧିକ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଦୋଷୀସାବ୍ୟସ୍ତ ହୋଇଥିବାରୁ ମେଧାଙ୍କୁ ୨ ବର୍ଷ ଜେଲ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡ ମିଳିପାରେ। ୨୦୦୬ରେ ମାମଲା ରୁଜୁ ହୋଇଥିବାବେଳେ ଦିଲ୍ଲୀର ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ରାଘବ ଶର୍ମା ଉପରୋକ୍ତ ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ସାକ୍ସେନା 'ନ୍ୟାଶନାଲ କାଉନସିଲ୍ ଫର୍ ସିଭିଲ ଲିବର୍ଟିଜ' ☞ପୃଷ୍ଠା-୭



ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି। -ଶ୍ରୀଅରବିନ୍ଦ



# କୂଟନୀତିଜ୍ଞଙ୍କ କାହାଣୀ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିର୍ବାଚନ ଋତୁ ହେଉଛି ଏକ ସମୟ, ଯେତେବେଳେ ପ୍ରତ୍ୟେକ ପ୍ରସଙ୍ଗ, ଯେତେଦିନ ନଜର ଆଢୁଆଳରେ ରହିଥିଲେ ମଧ୍ୟ ତାହା ହଠାତ୍ ଜନସାଧାରଣଙ୍କ ସାମ୍ନାକୁ ଆସିଯାଇଥାଏ। ଏହି କ୍ରମରେ ଖୋବ୍ରାଗଡେଙ୍କ କାହାଣୀ ଅନ୍ୟତମ। ଅଧ୍ୟାୟଟି ଶାନ୍ତ ପଡ଼ିଥିଲା ବୋଲି ତୁମେ ଭାବୁଥିବାବେଳେ ବର୍ତ୍ତମାନ କାମ୍ବୋଡିଆରେ ଭାରତୀୟ ରାଷ୍ଟ୍ରଦୂତ ଭାବେ ଦେବଯାନୀ ଖୋବ୍ରାଗଡେଙ୍କ ପଦୋନ୍ନତି ଯୋଗୁ ଏହା ପୁନର୍ବାର ଲୋକଲୋଚନକୁ ଆସିଛି। ତାଙ୍କ ପଦୋନ୍ନତିକୁ ଭାରତୀୟ ବୈଦେଶିକ ସେବା(ଆଇଏଫ୍ଏସ୍)ରେ ଥିବା ଅଭିଜ୍ଞ ବାବୁମାନେ ଗୁରୁତ୍ୱ ଦେଉନାହାନ୍ତି। ଏକ ଭୁଲ୍‌କୁ ସୁଧାରିବାର ଉପାୟ ବୋଲି ଏହାକୁ ସେମାନେ ବିବେଚନା କରୁଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ, ୧୯୯୯-ବ୍ୟାଚ୍ ଆଇଏଫ୍ଏସ୍ ଅଧିକାରୀ ଖୋବ୍ରାଗଡେ ୨୦୧୩ରେ କୂଟନୈତିକ ନାଟକର ତାରକା ପାଲଟିଥିଲେ, ଯେତେବେଳେ ସେ ଆମେରିକାରେ ନିଯୁକ୍ତ ହୋଇଥିଲେ। ସେ ସମୟରେ ଭାରତ-ଆମେରିକା ସମ୍ପର୍କ ଏକ ନିମ୍ନ ସ୍ତରକୁ ଆସିଥିଲା। ଆମେରିକାରେ ଘରୋଇ ସହାୟିକାଙ୍କୁ କମ୍ ଦରମା ଦେଉଥିବା ଅଭିଯୋଗକୁ କେନ୍ଦ୍ର କରି ତାଙ୍କୁ ଗିରଫ କରାଯିବା ଘଟଣା ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। କୋର୍ଟ ଏହାକୁ ବେଆଇନ ଦର୍ଶାଇଥିଲେ। କୂଟନୈତିକ ପ୍ରତିରକ୍ଷା କାରଣରୁ ଆମେରିକାର ଅଦାଲତ ଚୁକ୍ତିନାମାରେ ସ୍ୱୀକୃତି ଦେଲେ ଏବଂ ଭାରତ ତାଙ୍କୁ ନିଜ ଦେଶକୁ ଫେରାଇ ଆଣିଥିଲା। ବର୍ତ୍ତମାନ ସାଧାରଣ ନିର୍ବାଚନ ସମୟରେ ଖୋବ୍ରାଗଡେଙ୍କ ନାମ ପୁଣି ସାମ୍ନାକୁ ଆସିଛି। ଏଥର କାମ୍ବୋଡିଆର ନୂତନ ବର୍ଷ ଉତ୍ସବ ପାଇଁ ପାରମ୍ପରିକ କାମ୍ବୋଡିଆ ପୋଷାକରେ ଏକ ଚମତ୍କାର ଫଟୋଶୁଟ ସହିତ ଦେଖାଯାଇଥିଲେ। ତେବେ ତତ୍କାଳୀନ କୂଟନୀତିଜ୍ଞମାନେ ତାଙ୍କ କାମ୍ବୋଡିଆ ନିଯୁକ୍ତିକୁ ବିଜୟ ଅପେକ୍ଷା ଏକ ଗୁରୁତ୍ୱହୀନ ବିଷୟ ଭାବେ ସ୍ୱୀକାର କରୁଛନ୍ତି।

### ବିଦେଶରେ ତଦନ୍ତ

କୂଟନୈତିକ ଜଗତର ଅନ୍ୟ ଏକ ଖବର ସାମ୍ନାକୁ ଆସିଛି। ମୁଖ୍ୟତଃ ବିଦେଶରେ ଭାରତୀୟ ମିଶନ ଦ୍ୱାରା କିଛି ବେଆଇନ ରିୟଲ ଇଷ୍ଟେଟ୍ କାରବାର ଉପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍ଇଏ) ତତ୍ପରତା ପ୍ରକାଶ କରିଛି। ଭଡ଼ାଘରେ କାର୍ଯ୍ୟ କରୁଥିବା ଏହି ମିଶନଗୁଡ଼ିକୁ ଜମି କିଣିବା ଏବଂ ଦୂତାବାସ ନିର୍ମାଣ କରିବା ପାଇଁ ଏମ୍ଇଏ କହିଥିଲା। ଏହି ମିଶନଗୁଡ଼ିକ ମଧ୍ୟରୁ କେତେକ ଜମି ପାଇଁ ବଜାର ମୂଲ୍ୟଠାରୁ ଦୁଇଗୁଣ କିମ୍ବା ତିନିଗୁଣ ଦେଇ ଜମି କିଣିଛନ୍ତି। ଏହି ଦେଶଗୁଡ଼ିକୁ ଗସ୍ତ ସମୟରେ କମ୍ପ୍ଟ୍ରୋଲର ଏବଂ ଅଡିଟର ଜେନେରାଲ (ସିଏଜି )ର ଏକ ଟିମ୍ ଯଦି ସେମାନଙ୍କୁ ସତର୍କ କରି ନ ଥାନ୍ତା, ତେବେ ଏହି ସବୁ ଘଟଣା ଗୁପ୍ତ ରହିଯାଇଥାନ୍ତା। ନୀତିର ଖୋଲା ଉଲ୍ଲଂଘନ ହୋଇଥିବା ସିଏଜି ଜାଣିପାରିଲା ଏବଂ ନିଶ୍ଚିତ କଲା ଯେ ଦେୟ ମୂଲ୍ୟ ବଜାର ଦରଠାରୁ ଯଥେଷ୍ଟ ଅଧିକ। ବର୍ତ୍ତମାନ ଏହାକୁ ଲୁକ୍କାୟିତ ରଖାଯାଇପାରିବ ନାହିଁ। ସନ୍ଦେହଜନକ ଜମି କାରବାର ଉପରେ ଯାଞ୍ଚ କରିବାକୁ ଏମ୍ଇଏ ବାଧ୍ୟ। କିନ୍ତୁ ଏହା ଏକ ପୃଥକ ଘଟଣା ନୁହେଁ ବୋଲି ସୂତ୍ରରୁ ପ୍ରକାଶ। ସେହିଭଳି ଘଟଣା ଅନ୍ୟ ସବୁଦେଶରୁ ବି ସାମ୍ନାକୁ ଆସୁଛି ଏବଂ ଏମ୍ଇଏ ବର୍ତ୍ତମାନ ଘଟଣାର ତଳସ୍ତରକୁ ଯିବାକୁ ଚେଷ୍ଟା କରୁଛି। ସାଉଥ୍ ବ୍ଲକରେ କେତେଜଣ ଅଧିକାରୀଙ୍କ ସମ୍ଭାବ୍ୟ ସମ୍ପୃକ୍ତିକୁ ମଧ୍ୟ ଏହା ପ୍ରକାଶ କରୁଛି। ବିଶୃଙ୍ଖଳାକୁ ଦୂର କରିବା ପାଇଁ, ଗତ ଦଶନ୍ଧିରେ ମିଶନଗୁଡ଼ିକ ଦ୍ୱାରା କରାଯାଇଥିବା ସମ୍ପତ୍ତି କାରବାରର ମୂଳ କାରଣ ଖୋଜିବାକୁ ଦୁଇଟି ଭିନ୍ନ ଏମ୍ଇଏ ଦଳ ପଠାଯାଇଛି। ଏକ ଫୋରେନ୍ସିକ ପରୀକ୍ଷା ଚାଲିଛି। ମନ୍ତ୍ରଣାଳୟରେ ଦୁଇ ଶତ୍ରୁ ଗୋଷ୍ଠୀ ମଧ୍ୟରେ ଏକ ଯୁଦ୍ଧ ଚାଲିଥିବା ବିଷୟରେ ମଧ୍ୟ ଗୁଞ୍ଜରଣ ସୃଷ୍ଟି ହୋଇଛି। ଯାହା ବି ହେଉ, ସମସ୍ତ ତଥ୍ୟ ବର୍ତ୍ତମାନ ମନ୍ତ୍ରଣାଳୟର ରିପୋର୍ଟ ଉପରେ ରହିଛି, ଯାହା ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଦକ୍ଷ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ। ନାଟକର ଏଇ ଆରମ୍ଭ ମାତ୍ର।

### ବିଭାଗରେ ବିଶୃଙ୍ଖଳା

ଜଣେ ବ୍ୟସ୍ତ ବ୍ୟକ୍ତି ସୂଚନା ଦେଇଛନ୍ତି ଯେ, ମଧ୍ୟପ୍ରଦେଶର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶୃଙ୍ଖଳା ଚାଲିଛି। ପ୍ରଭାବ ମାଧ୍ୟମରେ ନିଯୁକ୍ତ ଦୁଇ ପ୍ରଭାବଶାଳୀ ଅଧିକାରୀଙ୍କର ମୁଖ୍ୟ ଶାସନ ସଚିବଙ୍କ ସହ ଝଗଡ଼ା ଲାଗିଛି। ଏହି ବିବାଦ ବିଭାଗକୁ ବିଭ୍ରାନ୍ତିରେ ପକାଇ ଦେଇଛି, ଯାହାକି ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ମାମଲାଗୁଡ଼ିକର ମୁକାବିଲା କରିବାରେ ଅସମର୍ଥ ହେଉଛି। ଏହି ଉତ୍ସଗୁଡ଼ିକ ଆମକୁ ସୂଚିତ କରନ୍ତି ଯେ ବର୍ତ୍ତମାନ ଚାଲିଥିବା ନିର୍ବାଚନ ଆଚରଣବିଧି ହେତୁ ଏହି ଆଭ୍ୟନ୍ତରୀଣ ଅଶାନ୍ତି ଏପର୍ଯ୍ୟନ୍ତ ସର୍ବସାଧାରଣରେ ପ୍ରକାଶ ହୋଇପାରି ନାହିଁ। ତେବେ ଆଚରଣବିଧି ଉଠାଯିବା ପରେ ଦୁଇ ବରିଷ୍ଠ ବାବୁଙ୍କ ମଧ୍ୟରେ ବିବାଦ ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ଉଭୟ ଅଧିକାରୀ କିଛି ଅନିଶ୍ଚିତ ନିଷ୍ପତ୍ତି ନେବାକୁ ଆଗ୍ରହୀ ଥିବା ଜଣାପଡିଛି। ଅପରପକ୍ଷରେ ସେମାନଙ୍କ ବସ୍ ମୁଖ୍ୟ ସଚିବ ମଧ୍ୟ ଦ୍ୱନ୍ଦ୍ୱରେ ଥିବା ଜଣାପଡ଼ିଛି। ଏଭଳି ସ୍ଥିତି ସମ୍ଭବତଃ ଆହୁରି ଖରାପ ହେବ ଏବଂ ପ୍ରମୁଖ ସଚିବ ବୋଧହୁଏ ନକାରାତ୍ମକ ଭାବେ ପ୍ରଭାବିତ ହେବେ। ଭୋପାଳର ବାବୁମାନେ ଅନୁଭବ କରୁଛନ୍ତି ଯେ, ବିଭାଗରେ ଚାଲିଥିବା ଅଶାନ୍ତି କାରଣରୁ ତାଙ୍କୁ ବର୍ତ୍ତମାନ ପଦ ଛାଡ଼ିବାକୁ କୁହାଯାଇଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | 7 | | | 4 | | | |
| | 9 | | | | | | | 6 |
| | | | 7 | 1 | | | 3 | |
| | | | | 9 | 3 | | 4 | |
| 9 | | | 5 | | | | | 1 |
| | 7 | | 1 | 6 | | | | |
| 4 | 2 | | | | | | | |
| | | | | 5 | | | | 3 |
| | | | | 8 | 9 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 9 | 2 | 6 | 3 | 7 | 5 |
| 2 | 7 | 9 | 5 | 4 | 3 | 6 | 8 | 1 |
| 6 | 5 | 3 | 1 | 8 | 7 | 9 | 2 | 4 |
| 1 | 2 | 7 | 6 | 9 | 4 | 5 | 3 | 8 |
| 8 | 4 | 5 | 3 | 7 | 1 | 2 | 6 | 9 |
| 3 | 9 | 6 | 8 | 5 | 2 | 1 | 4 | 7 |
| 9 | 6 | 2 | 7 | 1 | 8 | 4 | 5 | 3 |
| 7 | 3 | 1 | 4 | 6 | 5 | 8 | 9 | 2 |
| 5 | 8 | 4 | 2 | 3 | 9 | 7 | 1 | 6 |

ଗତକାଲିର ଉତ୍ତର

# ଓଡ଼ିଶା ଓ ଅସ୍ମିତାର ବିତର୍କ



ବିଚିତ୍ର ବିଶ୍ୱାଳ

ଅସ୍ମିତା ପରି ଏକ କ୍ଳିଷ୍ଟ ଓ କମ୍ ଲୋକପ୍ରିୟ ଶବ୍ଦ ସମ୍ପ୍ରତି ନିର୍ବାଚନ ସମୟରେ ଆମ ରାଜ୍ୟରେ ବହୁଳ ବ୍ୟବହାର ହୋଇ ହଠାତ୍ ଲୋକପ୍ରିୟ ହୋଇଯାଇଛି। ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନେତୃବୃନ୍ଦ ନିର୍ବାଚନୀ ପ୍ରଚାରରେ ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା କଥା ଉଠେଇ ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରିଛନ୍ତି। ବିଜୁ ଜନତା ଦଳ ବି ଓଡ଼ିଆଙ୍କ ଅସ୍ମିତା ପ୍ରସଙ୍ଗକୁ ନିର୍ବାଚନରେ ବ୍ୟବହାର କରୁଥିବାର ଦେଖାଯାଉଛି। କିନ୍ତୁ ବର୍ତ୍ତମାନ ସମୟରେ କ୍ୱଚିତ୍ କେହି ଥିବେ, ଯିଏକି ନେତାମାନଙ୍କର ନିର୍ବାଚନୀ ଭାଷଣକୁ ଗୁରୁତର ସହିତ ଗ୍ରହଣ କରୁଥିବେ! ସମସ୍ତେ ଜାଣିଗଲେଣି ନେତାମାନଙ୍କ ନିର୍ବାଚନୀ ଭାଷଣ ପାଣିରେ ଗାର ବ୍ୟତୀତ ଆଉ କିଛି ନୁହେଁ। ନେତାମାନଙ୍କ ଦ୍ୱାରା ଓଡ଼ିଆଙ୍କ ଅସ୍ମିତା କଥା ନିର୍ବାଚନୀ ପ୍ରସଙ୍ଗ ହେବା ପରେ 'ଅସ୍ମିତା' ଶବ୍ଦକୁ ନେଇ ସାମାଜିକ ଗଣମାଧ୍ୟମରେ କଟାକ୍ଷର ସୁଅ ଛୁଟୁଛି।

ଓଡ଼ିଶାର ସାମ୍ପ୍ରତିକ ଅବସ୍ଥା ଓ ଗତ ତିରିଶ ବର୍ଷର ଇତିହାସ ଉପରେ ଆଖି ପକାଇଲେ ଓଡ଼ିଶାର ତଥା ଓଡ଼ିଆଙ୍କ ଅସ୍ମିତାକୁ ନେଇ କୌଣସି ରାଜନୈତିକ ଦଳ ଗମ୍ଭୀର ଥିବା ପରି ମନେହୁଏ ନାହିଁ। ସମସ୍ତେ କେବଳ ଓଡ଼ିଆଙ୍କ ଅସ୍ମିତା ପ୍ରସଙ୍ଗକୁ ରାଜନୀତିର ରୁଟି ସେକିବାରେ ବ୍ୟବହାର କରୁଛନ୍ତି। ଶାସକ ଦଳଙ୍କ ପାଖରୁ ଏହି ପ୍ରସଙ୍ଗରେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଥିବା ବେଳେ ବିରୋଧୀ ବି କେଉଁଠି ହଜିଯାଇଥିବା ପରି ତଥା ବୁଝାମଣା ହୋଇଯାଇଥିବା ପରି ମନେ ହେଉଛି। ଯେଉଁ ଦୁଇଟି ଦଳ ଏବେ ନିର୍ବାଚନ ସମୟରେ ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ନେଇ ପରସ୍ପରଙ୍କ ଉପରକୁ କାଦୁଅ ଫୋପାଡୁଛନ୍ତି, ଦୁଇମାସ ତଳେ ସେହି ଦୁଇଟି ଦଳ ପରସ୍ପରଙ୍କ ସହିତ ମେଣ୍ଟ କରିବାକୁ ଯୋଜନା କରୁଥିଲେ। ତେଣୁ ଏହା ସ୍ପଷ୍ଟ ଯେ ଶାସକ ହୁଅନ୍ତୁ କି ବିରୋଧୀ, ଓଡ଼ିଶାର ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତା ପ୍ରସଙ୍ଗକୁ ନେଇ ଆଦୌ ଗମ୍ଭୀର ନୁହନ୍ତି।

ବିଜୁ ଜନତା ଦଳ ଭାଜପାର ଅସ୍ମିତା କୈନ୍ଦ୍ରିକ ପ୍ରଶ୍ନର ଉତ୍ତର ଦେଇ ଭିନ୍ନ ଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ଗଣେଇବାରେ ଲାଗିଛି। ବିଜୁ ଜନତା ଦଳ ପ୍ରଚାର କରୁଥିବା ବିଜ୍ଞାପନଗୁଡ଼ିକରେ କହୁଛି ଯେ, ଓଡ଼ିଶା ଦୁଇଟି ହକି ବିଶ୍ୱକପ୍ ଆୟୋଜନ କରିଛି। ହକି ଖେଳାଳିମାନଙ୍କ ଜର୍ସିରେ ଓଡ଼ିଶା ଲେଖାଯାଉଛି, ଏହା ହିଁ ଓଡ଼ିଆଙ୍କ ଅସ୍ମିତା। ସତରେ କ'ଣ ଏଇ ସବୁ ଓଡ଼ିଶାର ସ୍ୱାଭିମାନ ତଥା ଓଡ଼ିଆଙ୍କ ଅସ୍ମିତା? ଭାରତ ସ୍ୱାଧୀନତା ପାଇବାର ୧୧ ବର୍ଷ ପୂର୍ବରୁ ମଧୁବାବୁ ଓ ଗୋପବନ୍ଧୁ ପ୍ରମୁଖଙ୍କ ପ୍ରୟାସରେ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିବା ଓଡ଼ିଶାର ଅସ୍ମିତା କ'ଣ କିଛି ରାଜନୈତିକ କାର୍ଯ୍ୟକ୍ରମ, ଯୋଜନା ଓ ନେତାଙ୍କ ପାଖରେ ସୀମିତ! ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେଇଥିବା ମହାମନୀଷୀଙ୍କ ସ୍ୱପ୍ନର ଓଡ଼ିଶା କ'ଣ ଆମେ ପାଇଛେ? ଆଜି ଅସ୍ମିତାର ବିତର୍କ କରୁଥିବା ରାଜନୈତିକ ଦଳଗୁଡ଼ିକ ଆଉ ବାର ବର୍ଷ ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶକୁ ଶହେ ବର୍ଷ ପୂରିବା ବେଳକୁ କେମିତିକା ଓଡ଼ିଶାର ପରିକଳ୍ପନା କରୁଛନ୍ତି? କ'ଣ କେବଳ ଓଡ଼ିଆ ଭାଷା କହୁଥିବା ଜଣେ ଶୀର୍ଷ ନେତା ନ ହେଲେ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ପ୍ରଚାର ପ୍ରସାର ହେଲେ ଓଡ଼ିଆ ଅସ୍ମିତାର ସୁରକ୍ଷା ହୋଇଯିବ? କୋଟି କୋଟି ସାଧାରଣ ଓଡ଼ିଆ ଲୋକ ସେମାନଙ୍କ ବିତର୍କରେ ନାହାନ୍ତି କି ସ୍ୱପ୍ନର ଓଡ଼ିଶା ନିର୍ମାଣରେ ବି ନାହାନ୍ତି। ଯଦି ଏହିପରି ଚାଲେ ତେବେ ଏହା ନିଶ୍ଚିତ ଯେ, ଓଡ଼ିଶାର ସ୍ୱାଭିମାନ ତଥା ଓଡ଼ିଆଙ୍କ ଅସ୍ମିତା ଆହୁରି ଭୂଲୁଣ୍ଠିତ ହେବ।



ଆଜି ବି ଓଡ଼ିଶାର ଲକ୍ଷ ଲକ୍ଷ ଯୁବକ ନିଯୁକ୍ତି ନ ପାଇ ପରିସ୍ଥିତିର ଚାପରେ ସୁରଟ, ବମ୍ବେ, କେରଳ ଆଦି ଯାଇ ଅତ କଦର୍ଯ୍ୟ ଅବସ୍ଥାରେ ଦାଦନ ଖଟୁଛନ୍ତି। ସେମାନଙ୍କ ଜୀବନ ସଂଘର୍ଷର କାହାଣୀ ଯେତିକି ଦୁଃସ୍ଥ ସେତିକି କରୁଣ। ଏହି ଅସ୍ମିତାର ବିତର୍କରେ ଏମାନେ କେଉଁଠି? ଓଡ଼ିଆ ଯୁବକଙ୍କ ପାଇଁ ସମ୍ମାନଜନକ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା କ'ଣ ଓଡ଼ିଆ ଅସ୍ମିତା ସୁରକ୍ଷାର ଏକ ମାପକାଠି ନୁହେଁ! ଏ ବିଷୟରେ ରାଜନୈତିକ ଦଳଗୁଡ଼ିକ କେବଳ ସ୍ଲୋଗାନ୍‌ରେ ହିଁ ସିମୀତ ଅଛନ୍ତି। ଓଡ଼ିଶାରେ ଥିବା କାରଖାନା ସବୁ ବନ୍ଦ ହୋଇସାରିଛି ନ ହେଲେ ଧୀରେ ଧୀରେ ବନ୍ଦ କରାଯାଉଛି। ସେସବୁର ପୁନରୁଦ୍ଧାରର ଯୋଜନା ପ୍ରାୟତଃ ବନ୍ଦ। ନୂଆ ଶିଳ୍ପ ନାଁରେ ଆଜି କେବଳ ଖଣିଭିତ୍ତିକ ଶିଳ୍ପର ସ୍ୱପ୍ନ ଦେଖାଯାଉଛି। ଯେଉଁଥିରେ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଆମ ରାଜ୍ୟରେ ଖଣି ଖୋଳି, ଲୋକମାନଙ୍କୁ ବିସ୍ଥାପିତ କରି, ଏଠାରେ ଲୁହାପଥର ଓ ବକ୍ସାଇଟ୍ ତରଲେଇ ଓଡ଼ିଶାର ମାଟି ତଳେ ଥିବା ସମ୍ପଦକୁ ନିଜ ଦେଶକୁ ବୋହିନେବେ। ଏପରି ପ୍ରକଳ୍ପରେ ସ୍ଥାନୀୟ ଲୋକମାନଙ୍କର ନିଯୁକ୍ତି ସୁଯୋଗ ବି ବହୁତ କମ୍। ବିସ୍ଥାପନ ସହିତ ଏପରି ଖଣିଭିତ୍ତିକ ପ୍ରକଳ୍ପ ଓଡ଼ିଶାର ପ୍ରକୃତି ପରିବେଶକୁ ନଷ୍ଟ କରିଦେଇ ଓଡ଼ିଶାକୁ ଶ୍ମଶାନରେ ପରିଣତ କରିଦେବ। ଦୁର୍ଭାଗ୍ୟର ବିଷୟ ଯେ, ଏପରି ପ୍ରକଳ୍ପକୁ ଡାକି ଆଣୁଥିବା ନେତାମାନେ ତଥା ରାଜନୈତିକ ଦଳମାନେ ଓଡ଼ିଆଙ୍କ ଅସ୍ମିତାର କଥା କହୁଛନ୍ତି। ଶହେ ବର୍ଷ ତଳେ କୁହାଯାଉଥିଲା ପ୍ରାଚୁର୍ଯ୍ୟରେ ଭରପୂର୍ ଥିବା ଓଡ଼ିଶା ଏକ ଗରିବ ରାଜ୍ୟ। ଆଜି ବି ଓଡ଼ିଶା ସମ୍ବନ୍ଧରେ ଠିକ୍ ଏହି ଆଲୋଚନା ହେଉଛି। ଓଡ଼ିଶାର ଚାଷୀମାନଙ୍କ ପରିସ୍ଥିତି ଭାରତର ଅନ୍ୟ ରାଜ୍ୟର ଚାଷୀମାନଙ୍କ ତୁଳନାରେ ଅତନ୍ତ ଦୁସ୍ଥ। ଆମ ରାଜ୍ୟକୁ ଧାନର ଅନ୍ୟତମ ଜନ୍ମସ୍ଥାନ କୁହାଯାଏ। ଓଡ଼ିଶାର ଚାଷୀମାନଙ୍କ ପାଖରେ ପ୍ରାୟ ତିରିଶ ହଜାରରୁ ଅଧିକ ପ୍ରକାରର ଦେଶୀ ଧାନ ବିହନ ଥିଲା। କିନ୍ତୁ ଏବେ ସେସବୁ ବୁଡ଼ିଗଲାଣି। ହାଇ-ୟିଲ୍‌ଡିଙ୍ଗ୍ ଓ ହାଇବ୍ରିଡ ବିହନ ନ ହେଲେ ଓଡ଼ିଶାର ଚାଷୀମାନେ ଚାଷ କଥା ଚିନ୍ତା କରିପାରିବେ ନାହିଁ। ଓଡ଼ିଶାର ଏହି ଐତିହ୍ୟକୁ ଫେରେଇ ଆଣିବା ପାଇଁ ଶାସକ କି ବିରୋଧୀ କେହି ବି ଆଗ୍ରହୀ ଥିବା ପରି ଜଣାଯାଉନାହିଁ। ଆଳୁ, ପିଆଜ ହେଉ କି ଡାଲି, ତେଲ, ମାଛ, ଅଧିକାଂଶ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ବାହାରୁ ଖାଦ୍ୟ ନ ଆସିଲେ ଓଡ଼ିଶାରେ ଚୁଲି ଜଳିପାରିବ ନାହିଁ। ସମସ୍ତ ପ୍ରକାର ଭିତ୍ତିଭୂମି ଥାଇ ମଧ୍ୟ କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ନ ପାରିବା ଓଡ଼ିଶାର ସ୍ୱାଭିମାନ ପ୍ରତି ଏକ ଧକ୍କା ନୁହେଁ କି? ଓଡ଼ିଶା ସରକାର ଦାବି କରୁଛନ୍ତି, ଓଡ଼ିଶାର ଅର୍ଥନୈତିକ ପ୍ରଗତି ବହୁଗୁଣିତ ହୋଇଛି। ବଜେଟ ବଳକା ହେଉଛି। କିନ୍ତୁ ଠିକ୍ ତାହାର ଅପରପାର୍ଶ୍ୱରେ ଦେଖାଯାଉଛି ଯେ, ଆଜି ପ୍ରତେକ ଓଡ଼ିଆଙ୍କ ମୁଣ୍ଡ ଉପରେ ୧୮୯୮୪ ଟଙ୍କାର ଋଣ। ଯୁବକମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଗାଁ ଗାଁରେ ମଦ ଦୋକାନ ଖୋଲାଯାଉଛି। କୃଷିଜାତ ଦ୍ରବ୍ୟର ସୁରକ୍ଷା ତଥା ଗଚ୍ଛିତ ରଖିବା ପାଇଁ ପ୍ରତ୍ୟେକ ଜିଲା ସ୍ତରରେ ଶୀତଳ ଭଣ୍ଡାର କି ଗୋଦାମ ଗୃହ କରିବାରେ ଅକ୍ଷମ ହୋଇଥିବା ସରକାର ମଦ ପହଞ୍ଚେଇବାରେ ସଫଳ ହୋଇଛନ୍ତି। ପ୍ରାଥମିକ ଶିକ୍ଷାର ଅବସ୍ଥା ନ କହିବା ଭଲ। ବିଦ୍ୟାଳୟର ବାହାର କାନ୍ଥ ଚକ୍‌ମକ୍ ହେଉଛି କିନ୍ତୁ ଗୁଣବତ୍ତାକୁ ନେଇ କାହାରି ଚିନ୍ତା ନାହିଁ। ପିଲାମାନେ ସାଧାରଣ ଓଡ଼ିଆ ଭାଷା ପଢ଼ି ପାରୁନାହାନ୍ତି। ସପ୍ତମ ଶ୍ରେଣୀରେ ପଢୁଥିବା ପିଲା ତୃତୀୟ ଶ୍ରେଣୀର ସଂଖ୍ୟା ଗଣିତ କରିବାକୁ ସକ୍ଷମ ହୋଇପାରୁନାହାନ୍ତି। ଭାଷା ଭିତ୍ତିରେ ଗଠନ ହୋଇଥିବା ଆମ ରାଜ୍ୟ ଓଡ଼ିଶାରେ ଏପର୍ଯ୍ୟନ୍ତ ଓଡ଼ିଆ ପୂର୍ଣ୍ଣ ଭାବେ ଅଫିସିଆଲ ଭାଷା ଭାବେ ବ୍ୟବହାର ହୋଇପାରିନାହିଁ।

ଓଡ଼ିଶାର ସ୍ୱାଭିମାନ, ସ୍ୱାବଲମ୍ବନ ତଥା ଓଡ଼ିଆଙ୍କ ଅସ୍ମିତାର ବାସ୍ତବ ପରିସ୍ଥିତିର ତାଲିକା କଲେ ଏହା ଆହୁରି ଦୀର୍ଘ ହେବ। ପ୍ରତ୍ୟେକ ଓଡ଼ିଆ ଏପରି ପରିସ୍ଥିତି ସହିତ ଦିନରାତି ସଂଘର୍ଷ କରୁଛନ୍ତି। ନିକଟ ଭବିଷ୍ୟତରେ ଏଥିରୁ ମୁକ୍ତିର ଆଶା ଦେଖାଯାଉ ନାହିଁ। କାରଣ ଆମ ଶାସକ ଓ ବିରୋଧୀ ସମସ୍ତଙ୍କ ପାଇଁ ଓଡ଼ିଶା କେବଳ ଏକ ନିର୍ବାଚନୀ ମୈଦାନ। ଯେଉଁଠି କୌଶଳ କରି କ୍ଷମତାର ଚୌକି ହାସଲ କରାଯାଇପାରେ। ଓଡ଼ିଶାର ସ୍ୱାଭିମାନ, ଓଡ଼ିଆଙ୍କ ଅସ୍ମିତା ସେମାନଙ୍କ ପାଇଁ କେବଳ ଏକ ନିର୍ବାଚନୀ ଥୋପ। ଯାହାକୁ ସାହାରା କରି ସାଧାରଣ ଓଡ଼ିଆମାନଙ୍କ ଭାବାବେଗକୁ ଆକର୍ଷିତ କରି ସେମାନେ ଭୋଟ ହାସଲ କରିବାକୁ ଚାହାନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ସାର୍ଥକ ମାର୍ଗ



ଅନୀତା ପଟ୍ଟନାୟକ

ପାଞ୍ଚ ଝିଅଙ୍କ ପରେ ଆମ ଘରେ ପ୍ରଣବର ଜନ୍ମ। ସେଥିପାଇଁ ପ୍ରଣବର ସ୍ଥାନ ଆମ ଘରେ ସ୍ୱତନ୍ତ୍ର ଥିଲା। ମୋର ମାତାପିତା ତାକୁ ଖୁବ୍ ଭଲ ପାଉଥିଲେ ମୁଁ କୋଡ଼ପୋଛା ଝିଅ ହୋଇଥିବାରୁ ପ୍ରଣବର ଜନ୍ମ ପୂର୍ବରୁ ମୋର ମାତାପିତା ଓ ବଡ଼ଭଉଣୀଙ୍କଠାରୁ ଅଧିକ ସ୍ନେହ ପାଉଥିଲି। ପ୍ରଣବ ଜନ୍ମ ହେବା ପରେ ମୋ ଜୀବନରେ ସତେଯେପରି ସବୁକିଛି ଓଲଟପାଲଟ ହୋଇଗଲା। ଘରେ ମହାଆଡ଼ମ୍ବରରେ ପ୍ରଣବର ଜନ୍ମଦିନ ପାଳିତ ହେବାକୁ ଲାଗିଲା ଓ ଆମ ଭଉଣୀମାନଙ୍କର ଜନ୍ମଦିନ ପାଳନ ବନ୍ଦ ହୋଇଗଲା। ମୁଁ ଏହାର କାରଣ ବୁଝିବାକୁ ଯାଇ ଅତ୍ୟନ୍ତ କ୍ଷୋଭର ସହ ମୋର ମାମୁ ସରଞ୍ଜନଙ୍କୁ ପଚାରିବାରୁ ସେ କହିଲେ 'ସଂସାରରେ ଆମେ ସମ୍ମୁଖୀନ ହେଉଥିବା ଉତ୍ଥାନ, ପତନ ହିଁ ସୁଖ ଓ ଦୁଃଖର କାରଣ। ଦୁଃଖ ନିବୃତ୍ତିକୁ ସୁଖ ହିସାବରେ ସ୍ୱାଗତ କରାଯାଏ ଓ ସୁଖ ନ ମିଳିଲେ ତାହା ଦୁଃଖଦ ବିଳାପ ପାଲଟିଯାଏ। ସୁଖ ଓ ଦୁଃଖ ସଂସାରରୂପୀ ମୁଦ୍ରାର ଦୁଇଟି ପାର୍ଶ୍ୱ। ସଂସାରରେ ଅଣୁମାତ୍ର ସତ୍ୟ ଅଛି। ଏହା ଅଶ୍ୱ ବୃକ୍ଷ ଭାବେ ଭଗବତ ଗୀତାରେ ବର୍ଣ୍ଣନା କରାଯାଇଛି। ଏହାର ଅର୍ଥ କାଲିକି ଯାହା ନ ଥିବ। ମାମୁ କହିଲେ, ତତେ ସଂସାର ଚିରସ୍ଥାୟୀ ବା ସତ ଲାଗୁଛି। ଏହା ପ୍ରକୃତରେ ଏକ ମୋହ ଓ ବିଶାଳ ବୃକ୍ଷ ସଦୃଶ। ଜ୍ଞାନାଗ୍ନି ଦ୍ୱାରା ଏ ବିଶାଳ ବୃକ୍ଷକୁ ନଷ୍ଟ କରାଯାଇପାରିବ।'

ମୋର ଜ୍ଞାନ ତୁଳନାରେ ମାମୁଙ୍କ କଥା ମୁଁ ବୁଝିପାରି ନ ଥିଲି। ବଡ଼ ହେବା ସହିତ ଜଗନ୍ନାଥ ଚେତନାରେ ନିମଗ୍ନ ହେଲି। ସାଂସାରିକ ଜିନିଷରେ ଅଧିକ ମୁଣ୍ଡ ଖେଳାଇ ଲାଭ ନାହିଁ। ଦିନେ ମୋର ଜଣେ ବାନ୍ଧବୀ ମୁକ୍ତି ସହିତ ପୁରୀରେ ଦେଖାହେଲା। ମୁକ୍ତି କହିଲା ତୋର ସଂସାର କିପରି ଚାଲିଛି? ମୁଁ କହିଲି ଜଗନ୍ନାଥଙ୍କ କୃପାରୁ ସବୁ ଠିକ୍‌ଠାକ୍ ଚାଲିଛି। ମୁଁ ତା' ପରିବାର ବିଷୟରେ ପଚାରିବାରୁ ସେ ପରିବାର ତ୍ୟାଗ କରି ଏକ ମଠରେ ରହୁଥିବାର କହିଲା। ମୁକ୍ତି କହିଲା ଚେତନାର ଅଗ୍ନି ଉତ୍ପନ୍ନ କରିବାକୁ ହେଲେ ଆଧ୍ୟାତ୍ମିକ ଶୃଙ୍ଖଳା ଆବଶ୍ୟକ। ଏହା ହିଁ ଏକମାତ୍ର ମାର୍ଗ। ଚେତନାରେ ଚେର ବିସ୍ତାର କରିଥିବା ଅହଂକାରକୁ ଅତିକ୍ରମ କରିବା ଅତ୍ୟନ୍ତ ଜରୁରୀ। ପ୍ରତିଟି କର୍ମ ଈଶ୍ୱରଙ୍କୁ ଅର୍ପିତ ହେବା ଆବଶ୍ୟକ। ସତ୍‌କର୍ମ, ସତ୍‌ସଙ୍ଗ, ଗୁଣ ମଣ୍ଡିତ ପ୍ରେମରେ ଉବୁଟୁବୁ ହେବା ଦରକାର। ଏହି ଗୁଣଗୁଡ଼ିକ ମଣିଷର ଅନ୍ତର୍ନିହିତ ଶୋଭା। ଭଗବାନଙ୍କ ପ୍ରତି ସଭକ୍ତି ପାଇଁ ମୁଁ ମଠରେ ରହୁଛି। ସାଂସାରିକ ବିବାଦ, କଳହ ମୋର ଶୃଙ୍ଖଳାକୁ ଭାଙ୍ଗି ନ ଦେଉ, ସେ ନିମନ୍ତେ ପ୍ରାର୍ଥନା ପାଇଁ ପୁରୀ ଜଗନ୍ନାଥଙ୍କ ପାଖକୁ ଆସିଛି। ମୁଁ କହିଲି ଠିକ୍ କହିଲୁ। ଧର୍ମ ନାମରେ ବିଭିନ୍ନ ସମ୍ପ୍ରଦାୟର ଲୋକ, ଯେଉଁମାନେ କେବେ ବି ଭଗବାନଙ୍କୁ ଦର୍ଶନ କରି ନ ଥାନ୍ତି, ସେମାନେ ବିବାଦୀୟ କଳହ ସୃଷ୍ଟି କରିଥାନ୍ତି। ଶୁକୁବାଇ ପଥରମୂର୍ତ୍ତିକୁ ଏକ ସାକାର ପ୍ରତିମାରେ ପରିଣତ କରିପାରିଥିଲେ। ଆମେ ନିଜର ବିଶ୍ୱାସକୁ ବଢ଼ାଇବା, ଅନ୍ୟର ବିଶ୍ୱାସକୁ ବିଚଳିତ କରିବା ନାହିଁ। ଦୁଇବନ୍ଧୁ ମିଶି ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିବାକୁ ଗଲୁ। ମୁଁ ପଚାରିଲି ତୁ ଘର ଛାଡ଼ିଲୁ କାହିଁକି? ସେ କହିଲା, ଆଧ୍ୟାତ୍ମିକ ଶୃଙ୍ଖଳା ପାଇଁ ଚାଲାକି, ଆଡ଼ମ୍ବରପୂର୍ଣ୍ଣ ଜୀବନ ଓ ବାକ୍‌ଚାତୁରି କାମ କରେ ନାହିଁ। କଥା ଚାତୁରିରେ ଆମେ ସାରସ ପକ୍ଷୀକୁ ଚନ୍ଦ୍ରଠାରୁ ବଡ଼ ବୋଲି ପ୍ରମାଣ କରିବାକୁ ଯାଇ ଆମେ କହିଥାଉ, ଚନ୍ଦ୍ର କେବଳ ଗୋଟିଏ ପକ୍ଷରେ ଧଳା କିନ୍ତୁ ସାରସ ପକ୍ଷୀ ସବୁବେଳେ ଧଳା। ଚନ୍ଦ୍ର ଫୁଟୁଥିବା ପଦ୍ମଫୁଲର ଶତ୍ରୁ, କାରଣ ଚନ୍ଦ୍ର ଉଦୟ ହେଲେ ପଦ୍ମ ବୁଜି ହୋଇଯାଏ। ଏପରି ସବୁ ପାଣ୍ଡିତ୍ୟ ମୂଲ୍ୟହୀନ। ମୋ ଜଗନ୍ନାଥଙ୍କ ପାଇଁ ପ୍ରେମ ଯଥେଷ୍ଟ। ସେ ପୁଣି ଘୃଣାଭାବ ନ ଥିବା ପ୍ରେମ, ସ୍ନେହ ଓ ସମବେଦନାଶୀଳ ପ୍ରେମ। ଜଗନ୍ନାଥଙ୍କର ଚାରୋଟି ଗୁଣ ଅଛି। ପ୍ରେମ, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଶୋଭା ପ୍ରେମ, ଯାହା ସମସ୍ତଙ୍କୁ ପୁରୀ ବଡ଼ଦାଣ୍ଡକୁ ଟାଣି ଆଣେ। ଭଗବାନଙ୍କ ସହ ପ୍ରେମ ହିଁ ସୌନ୍ଦର୍ଯ୍ୟ। ତୁମେ ଯେତେବେଳେ ବିଶ୍ୱପ୍ରେମରେ ନିମଜ୍ଜିତ ହେବ ତାହା ହେବ ମାଧୁର୍ଯ୍ୟତା। ଭଗବାନଙ୍କ ମନ ଓ ତୋ ମନ ଏକ ହୋଇଗଲେ ତୁ ତୋର ପରିଚୟ ହରାଇବୁ ଓ ତୋ ନିକଟରେ ଅବର୍ଣ୍ଣନୀୟ ଶୋଭା ପରିଲକ୍ଷିତ ହେବ। ମୁଁ କହିଲି ଶୃଙ୍ଖଳାବାଟ ଦୁର୍ବଳ ଓ ଅସ୍ଥିର ମଣିଷଙ୍କ ପାଇଁ ନୁହେଁ। ନିଜକୁ ପ୍ରମାଣିତ କରିବା ପାଇଁ ସେ କୌଣସି ନା କୌଣସି ଆଳ ଦେଖାଇବେ।



ଥରେ ଆମ ଘର ପୋଷା ବିଲେଇ ମତେ ରାମ୍ପୁଡ଼ି ଦେଲା। ମୁଁ ତାକୁ ଗୋଟିଏ କଣ୍ଟାବାଡ଼ିରେ ପିଟିଲି। ମୋର ଭାଇ ପ୍ରଣବ ବାପାଙ୍କୁ ଏକଥା ଜଣାଇଲା। ବାପା କହିଲେ, ନିଜକୁ ବଞ୍ଚାଇବା ପାଇଁ ତୁ କ'ଣ ଗୋଟିଏ କଣ୍ଟା ନ ଥିବା ବାଡ଼ିରେ ବିଲେଇକୁ ବାଡ଼େଇ ପାରିନଥାନ୍ତୁ। ମୁଁ କହିଲି ଜୀବନ ବଞ୍ଚାଇବା ସମୟରେ ବାଡ଼ି ବାଛିବା ଓ ତାକୁ ପସନ୍ଦ କରି ଜୀବନ ରକ୍ଷା କରିବାକୁ ବେଳ ନଥିଲା। ସେ ତା'ର ମୁନିଆ ଦାନ୍ତ ଦେଖାଇ ମତେ ରାମ୍ପୁଡ଼ି ନ ଥିଲେ ଓ ତା'ର ଗୁମୁରୁମିଆ ଲାଞ୍ଜ ମୋ ଦେହରେ ବଜାଇ ଥିଲେ ମୁଁ ଏପରି କରି ନ ଥାନ୍ତି। କଥା ଚାତୁରିରେ ବାପାଙ୍କଠାରୁ ଗାଳି ଖାଇବାରୁ ମୁଁ ବଞ୍ଚିଗଲି। କିନ୍ତୁ ମୋର କାର୍ଯ୍ୟରେ ଶୃଙ୍ଖଳା ନ ଥିଲା। ମୁକ୍ତି କହିଲା, ତୁ ଠିକ୍ କହିଲୁ। ସିଧାସଳଖ କଥାରେ ଆମ ମନ ଭରେ ନାହିଁ। ଏହି ସମୟରେ ମନ୍ଦିର ଭିତରୁ ଓଁକାର ଧ୍ୱନି ଶୁଣାଗଲା। ମୁକ୍ତି କହିଲା, ଓଁ ସୃଷ୍ଟିର ମୂଳ। ଏହା ହିଁ ଜୀବନ ଶକ୍ତି, ଏହା ହିଁ ବଳ। ପ୍ରତ୍ୟେକ ଜୀବର ପ୍ରାଣ ହେଉଛି ଓଁ। ଗୀତାରେ ଭଗବାନ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଯିଏ ପ୍ରଣବ ଧ୍ୱନି (ଓଁ) ସହ ଶେଷ ନିଃଶ୍ୱାସ ତ୍ୟାଗ କରେ ସେ ନିଶ୍ଚୟ ମୁକ୍ତିଲାଭ କରେ। ମୁଁ କହିଲି, ଏହା କ'ଣ ସ୍ତ୍ରୀଲୋକଙ୍କ ପକ୍ଷେ ସମ୍ଭବ? ମୁକ୍ତି କହିଲା ନିଶ୍ଚୟ। ଯାଜ୍ଞବଲ୍କଙ୍କ ସ୍ତ୍ରୀ ମୈତ୍ରେୟୀ ବ୍ରହ୍ମବିଦ୍ୟା ଲାଭ କରିଥିଲେ। ଗାର୍ଗୀ ଜଣେ ବିଦୁଷୀ ନାରୀ ଥିଲେ ଯେ ନିଜକୁ ଜନକଙ୍କ ରାଜଦରବାରରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ମହାନ ପଣ୍ଡିତ ଭାବେ ପ୍ରମାଣିତ କରିଥିଲେ। ପ୍ରଣବ ହିଁ ଓଁ। ଓଁ ଏକାକ୍ଷର ବ୍ରହ୍ମ। ତେଣୁ ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ଓଁ ଲେଖାଯାଏ। ମୁଁ ସେହି ଦିନ ବୁଝିପାରିଲି ବାପା ଭାଇର ନାଁ କାହିଁକି ପ୍ରଣବ ରଖିଛନ୍ତି। ମୁଁ ମଧ୍ୟ ମୋର ବାନ୍ଧବୀ ମୁକ୍ତିକୁ ପ୍ରତିଶ୍ରୁତି ଦେଲି ମୁଁ ମଧ୍ୟ ସେହି ମାର୍ଗରେ ବ୍ରତୀ ହେବି। ସେ ମତେ ଆନନ୍ଦରେ କୁଣ୍ଢାଇ ପକାଇଲା।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ମୋ: ୯୬୯୨୯୮୦୦୨୬

## ଏଇ ଭାରତରେ

ସିଗାରେଟ ବଟ୍‌କୁ ରିସାଇକେଲ କରି ପରିବେଶ ସୁରକ୍ଷାରେ ଲାଗିଛନ୍ତି ନଏଡାର ନମନ ଗୁପ୍ତା। ସେ ସିଗାରେଟ ବଟ୍‌ରୁ ଖେଳଣା, କାଗଜ ଓ ଖତ ପ୍ରସ୍ତୁତ କରୁଛନ୍ତି। ନମନ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ ପରେ ସିଗାରେଟ ବର୍ଜ୍ୟ ସମସ୍ୟାର ସମାଧାନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ଭାରତରେ ପ୍ରତିବର୍ଷ ୧୦ ହଜାର କୋଟି ସିଗାରେଟ ବଟ୍ ଫିଙ୍ଗି ଦିଆଯାଏ, ଯାହାର ଓଜନ ୨୬,୦୦୦ ଟନ୍‌ରୁ ଅଧିକ। ଏଣୁ ଛୋଟ ହେଲେ ମଧ୍ୟ ପରିବେଶ ଉପରେ ଏହାର ବଡ଼ ନକାରାତ୍ମକ ପ୍ରଭାବ ଥିବାରୁ ଏହାକୁ ରିସାଇକେଲ କରି ପରିବେଶ ସୁରକ୍ଷାରେ ଲାଗିଛନ୍ତି ନମନ। ସେ ୭ ମାସ ଗବେଷଣା କରିବା ପରେ ସିଗାରେଟ ୱେଷ୍ଟର ରିସାଇକେଲ କରିବା ଆରମ୍ଭ କରିଥିଲେ। ଏହି କାର୍ଯ୍ୟ ପାଇଁ ସେ 'କୋଡ୍ ଇଫେକ୍ଟ' କମ୍ପାନୀ ଖୋଲିଛନ୍ତି। ଗୋଟିଏ ମାସରେ ପାଖାପାଖି ୧ ଟନ୍‌ରୁ ଅଧିକ ସିଗାରେଟ ବଟ୍ ରିସାଇକେଲ କରୁଛନ୍ତି। ଏବେ ସୁଦ୍ଧା ସେ ୨୦୦ କୋଟି ସିଗାରେଟ ବଟ୍ ରିସାଇକେଲ କରିସାରିଲେଣି। ଏହି ପରିମାଣର ବଟ୍ ରିସାଇକେଲ କରି ନମନ ୫ହଜାର କୋଟି ଲିଟର ପାଣିକୁ ଦୂଷିତ ହେବାରୁ ରୋକିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୭୫

- ଦରମା ଓ ଭତ୍ତା ସମ୍ପର୍କରେ ସରକାରଙ୍କ ସହ ହୋଇଥିବା ରାଜିନାମାକୁ କାର୍ଯ୍ୟକାରୀ କରାଯିବା ପାଇଁ ଦାବି କରି ବିହାରରେ ୩୦,୦୦୦ ସ୍ୱାୟତ୍ତଶାସନ କର୍ମଚାରୀଙ୍କ ଧର୍ମଘଟ।
- ଫିଲିପାଇନ୍ସ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ହୋଇଥିବା ନିରାପତ୍ତା ସଂକ୍ରାନ୍ତୀୟ ରାଜିନାମାଗୁଡ଼ିକୁ ପୁନଃ ସମୀକ୍ଷା କରି ଦେଖିବା ନେଇ ଫିଲିପାଇନ୍ସର ଘୋଷଣା।

## ଚିରନ୍ତନୀ

ବହୁ ଦିବସର ବିସ୍ମୃତ ମୋର ବିବାହ ନବ ସ୍ୱପନ।
ପଉଷ ବାଆରେ ପଠାଇଛି ତା'ର ମଙ୍ଗଳ ନିମନ୍ତ୍ରଣ
ଦୂର ଦିଗନ୍ତୁ କାନ୍ଦେ ମହୁରୀ
ବାଜି ଉଠେ ଢକା ବାଜି ଉଠେ ତୂରୀ
ଶୁଭ୍ର ତୁଷାର ଶ୍ୟାମଳ ଧରାରେ କରେ ପଦ ଅରପଣ
ଆଣିଛି ସେ ମୋର ବିବାହର ନିମନ୍ତ୍ରଣ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀକ୍ଷେତ୍ର ଅପରାଧମୁକ୍ତ ହେଉ

ମହାଶୟ,

ପୁରୀକୁ ଯଥାଶୀଘ୍ର ଅପରାଧ ମୁକ୍ତ ସହରଭାବରେ ଦେଖିବା ପାଇଁ ସମଗ୍ର ଓଡ଼ିଶାବାସୀ ଚାହିଁ ରହିଛନ୍ତି। ବିଶ୍ୱର କୋଣ, ଅନୁକୋଣରୁ ପ୍ରତିଦିନ ଲକ୍ଷ୍ୟ ଲକ୍ଷ୍ୟ ସଂଖ୍ୟାରେ ଭକ୍ତ ଏଠାକୁ ଧାଇଁ ଆସନ୍ତି। ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସାଙ୍ଗକୁ ଅପରାଧ ପାଇଁ ଜିରୋଟଲେରାନ୍ସ ନୀତି ଗ୍ରହଣ କରାଯାଉ। ସହରର ସମସ୍ତ ଗଳି, କନ୍ଦି, ଅପରାଧ ମୁକ୍ତ ଜୋନ ହିସାବରେ ବିବେଚନା କରାଯିବା ଉଚିତ୍। ଶ୍ରୀକ୍ଷେତ୍ର ପୁରୀର ନିଜସ୍ୱ ମର୍ଯ୍ୟାଦା ରହିଛି। ଏହାକୁ ନିୟନ୍ତ୍ରିତ କରି ରଖିବା ପୋଲିସ ପ୍ରଶାସନର ଦାୟିତ୍ୱ। ଯେଉଁମାନେ ପୁରୀରେ ଅପରାଧ ଘଟାଇବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାର ଉଦାହରଣ ସୃଷ୍ଟି କରନ୍ତୁ।

-ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଫ୍ଲାଇଂ ସ୍କ୍ୱାଡ୍ ହାତରେ ୬ ଲକ୍ଷ: ତଥ୍ୟ ଲୁଚାଉଛି ପୋଲିସ

ଭୋଗରାଇ, ୨୪।୫(ପ୍ରଦୀପ ଦାସ)

ନିର୍ବାଚନ ପରିପ୍ରେକ୍ଷୀରେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟପଥ କମର୍ଦ୍ଦାଠାରେ ଶୁକ୍ରବାର ସନ୍ଧ୍ୟାରେ ଫ୍ଲାଇଂସ୍କ୍ୱାଡ୍ ଚେକିଂ ବେଳେ ଏକ କାର୍(ନଂ. ଓଡି୦୧ଜେ୫୩୦୦)ରୁ ୬ଲକ୍ଷ ଟଙ୍କା କମର୍ଦ୍ଦା ପୋଲିସ ଜବତ କରିଛି। ଏହି ଟଙ୍କା ଭୋଗରାଇ ରେଜେଷ୍ଟ୍ରି ଅଫିସର ଜଣେ ଭେଣ୍ଡର ତାଙ୍କ ଝିଅ ବାହାଘର ପାଇଁ ନେଉଥିବା ପୋଲିସ ସୂଚନା ଦେଇଛି। ପୋଲିସର କାର୍ଯ୍ୟ ସନ୍ଦେହାତ୍ମକ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମସ୍ତ ଟଙ୍କା ଏକ ନିର୍ଦ୍ଦିଷ୍ଟ ଦଳର ଏବଂ ଗାଁରେ ଲୋକଙ୍କୁ ବଣ୍ଟାଯିବାକୁ ଯାଉଥିବା ବେଳେ ଫ୍ଲାଇଂ ସ୍କ୍ୱାଡ୍ ହାତରେ ଧରାପଡିଥିବା କୁହାଯାଉଛି। କମର୍ଦ୍ଦା ପୋଲିସ ସମସ୍ତ ତଥ୍ୟ ଲୁଚାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।




# ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ୩୫ ହଜାର ପୋଲିସ

- ୨୬ ବର୍ଷ ପରେ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ନିର୍ବାଚନ: ଡିଜିପି
- ୪ ଜିଲା ପାଇଁ ୫ ଯୁବ ଆଇପିଏସ୍ ଅଫିସର

ଭୁବନେଶ୍ୱର,୨୪।୫
(ସତ୍ୟଜିତ୍ ରାଉତ)

ରାଜ୍ୟରେ ଶନିବାର ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ୧୨ ପୋଲିସ ଜିଲାରେ ୭ ହଜାର ୬୪୬ ସ୍ଥାନରେ ୧୦ ହଜାର ୫୫୧ ମତଦାନ କେନ୍ଦ୍ର ରହିଛି। ଏହା ମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ବୁଥ୍ ସମ୍ବେଦନଶୀଳ। ତେଣୁ ଶୃଙ୍ଖଳିତ ତଥା ସୁରକ୍ଷିତ ନିର୍ବାଚନ କରିବାକୁ ବିଭିନ୍ନ ର୍ୟାଙ୍କ୍‌ର ୩୫ ହଜାର ପୋଲିସ ନିୟୋଜିତ ହୋଇଛନ୍ତି। ଏଥିରେ ୧୨୧ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ ଓ ୧୦୬ ପ୍ଲାଟୁନ୍ ସଶସ୍ତ୍ର ବାହିନୀ ରହିଛନ୍ତି। କୌଣସି ବି ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସାକୁ ବରଦାସ୍ତ କରାଯିବ ନାହିଁ ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସେବା ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ କହିଛନ୍ତି।

ଡିଜିପି କହିଛନ୍ତି, ଦୀର୍ଘ ୨୬ ବର୍ଷ ପରେ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିପାଇଁ ଜିଲା ଏସ୍‌ପି, ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସକୁ ଡିଜିପି ଧନ୍ୟବାଦ ଜଣାଇଛନ୍ତି। ତେବେ ଶନିବାର ହେବାକୁ ଥିବା ନିର୍ବାଚନରେ ୪୩ଜଣ ଅତିରିକ୍ତ ଏସ୍‌ପି, ୯୫ ଡିଏସ୍‌ପି, ୨୩୮ ଇନ୍ସପେକ୍ଟର, ୨୧୬୦ ଏସ୍‌ଆଇ/ଏଏସ୍‌ଆଇ, ୧୦ ହଜାର ୨୧୨ କନ୍‌ଷ୍ଟେବଲ/ହାବିଲଦାର ଓ ୭ ହଜାର ୧୧୭ ଗୃହରକ୍ଷୀ/ଗ୍ରାମରକ୍ଷୀ ନିୟୋଜିତ ହୋଇଛନ୍ତି। ଏଥିସହ ୭୬୩ ମୋବାଇଲ ପାଟ୍ରୋଲିଂ ପାର୍ଟି ଓ ୩୪୩ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ବୁଲୁଛନ୍ତି। ଏଥିସହ ୧୩୩ଟି ଚେକ୍‌ପୋଷ୍ଟ ରହିଛି। ନିର୍ବାଚନ ହେବାକୁ ଥିବା ୧୨ଟି ଜିଲାରେ ୨୫ଟି ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ପାଇଁ ଦୁଇସ୍ତରରେ ସୁରକ୍ଷା ଦାୟିତ୍ୱ ବିଭକ୍ତ କରାଯାଇଛି। ସମ୍ବଲପୁର, ଖୋର୍ଦ୍ଧା, କେନ୍ଦୁଝର ଓ କଟକ ପାଇଁ ୫ ଯୁବ ଆଇପିଏସ୍ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟବ୍ୟାପୀ କଡ଼ାକଡି ଯାଞ୍ଚ ଚାଲୁରହିଛି। ଜାନୁଆରୀରୁ ଏଯାଏ ୬.୦୩ କୋଟି ଟଙ୍କା ଜବତ ହୋଇଛି। ୬ ଲକ୍ଷ ୭୮ ହଜାର ୫୪୭ ଲିଟର ମଦ ଜବତ ସହ ୩୯୪୧ ବେପାରୀଙ୍କୁ ଗିରଫ କରାଯାଇଛି। ୧୧ ଜଣଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରାଯାଇଛି। ୮୪୩.୨୩ କୁଇଣ୍ଟାଲ ଗଞ୍ଜେଇ, ୫ କେଜି ବ୍ରାଉନସୁଗାର, ୪ ହଜାର ୫୦୭ ଲିଟର କଫ୍ ସିରପ ଜବତ ସହ ୧୧୮୯ ମାମଲାରେ ୧ ହଜାର ୨୪୦ ଜଣଙ୍କୁ ଗିରଫ କରାଯାଇଛି। ଏହାସହ କମିଶନରେଟ ପୋଲିସ ଅଞ୍ଚଳରୁ ୩ଜଣ ଅଭ୍ୟାସଗତ ଅପରାଧୀଙ୍କୁ ତଡିପାର କରାଯାଇଛି ବୋଲି ପୋଲିସ ଡିଜି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଡିଜିପି ଅରୁଣ ଷଡ଼ଙ୍ଗୀ ସୂଚନା ଦେଉଛନ୍ତି।

# ପ୍ରଫେସର ଶରଣଜିତ ସିଂହ କିଟ୍ ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର, ୨୪।୫
(ଅସମାପିକା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଶରଣଜିତ ସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି। କୁଳପତି ଚୟନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ବିଭିନ୍ନ ପ୍ରକ୍ରିୟା ଅନୁସରଣ ସହ ଆବେଦନକାରୀଙ୍କ ପୂରା ରେକର୍ଡ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରଫେସର ସିଂହଙ୍କ ନାମ କୁଳାଧିପତି ଅଶୋକ ପରିଜାଙ୍କ ନିକଟକୁ ପଠାଯାଇଥିଲା। ଶିକ୍ଷାଦାନ ଓ ପ୍ରଶାସନିକ ଅଭିଜ୍ଞତା ସମେତ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ କୁଳାଧିପତି ପରିଜା ପ୍ରଫେସର ସିଂହଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତି ଦେଇଥିଲେ। ପ୍ରଫେସର ସିଂହ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ୧୧ତମ କୁଳପତି। କିଟ୍ ବିଶ୍ୱବିଦ୍ୟାଳୟ ଆରମ୍ଭରୁ ଏହାର କୁଳପତି ଭାବେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ କାର୍ଯ୍ୟ କରିଛନ୍ତି। ଏଥିରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଫେସର ସିଂହଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଫେସର ଶରଣଜିତ ସିଂହଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ଆଗକୁ ଆହୁରି ସଫଳତା ହାସଲ କରିବ ବୋଲି ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି।


କିଟ୍ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ କରୁଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ସରପଞ୍ଚଙ୍କ ସ୍ୱାମୀ ଗିରଫ

ପୁରୁଷୋତ୍ତମପୁର, ୨୪।୫(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର ଏକ ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ସେହି ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଗିରଫ ହୋଇଛନ୍ତି। ସେ ହେଲେ ଟୁଟୁ ଦାସ। ପୁରୁଷୋତ୍ତମପୁର ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ, ନାବାଳିକାଙ୍କୁ ଟୁଟୁ ଦାସ ବିଭିନ୍ନ ପ୍ରଲୋଭନ ଦେଖାଇ ବାରମ୍ବାର ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିଲେ। ଟୁଟୁ ଏହା ଜାଣିବା ପରେ କିଛି ଔଷଧ ଆଣି ନାବାଳିକାଙ୍କୁ ଖାଇବାକୁ ଦେଇ ଗର୍ଭପାତ କରାଇଥିଲେ। ନାବାଳିକା ଜଣଙ୍କ ଏ ନେଇ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଟୁଟୁଙ୍କୁ ଗିରଫ କରିଥିବା ଆଇଆଇସି ବିପିନ ବିହାରୀ ହୋତା କହିଛନ୍ତି।

# ସୋସିଆଲ ମିଡିଆ, ମୋବାଇଲରେ ଭୋଟ ଡିଲ୍

ଭୁବନେଶ୍ୱର,୨୪।୫
(ସୂର୍ଯ୍ୟକାନ୍ତ ବେହେରା)

**ନିଜେ ବାଣ୍ଟିଲେ, ପରସ୍ପର ଉପରେ ନଜର ରଖିଲେ କର୍ମୀ**

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ୧୨ ଜିଲାରେ ଶନିବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଛି। ଏଥିପାଇଁ ୨୩ ତାରିଖ ଗୁରୁବାର ସନ୍ଧ୍ୟାରୁ ପ୍ରଚାର ବନ୍ଦ ରହିଛି। ତେଣୁ ଭୋଟରଙ୍କୁ ମତଦାନ ଯାଏ ନିଜ ସପକ୍ଷରେ ରଖିବା ଲାଗି ପ୍ରାର୍ଥୀ ଓ ଦଳୀୟ ନେତା, କର୍ମକର୍ତ୍ତାମାନେ ବିଭିନ୍ନ ପ୍ରୟାସ ଚଳାଇଥିଲେ। ତେବେ ପ୍ରାର୍ଥୀଙ୍କ ପାଇଁ ଶୁକ୍ରବାର ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବିଶେଷକରି ରାତିରେ ଯେପରି କିଛି ଓଲଟପାଲଟ ନ ହେବ ସେଥିପାଇଁ ବିଭିନ୍ନ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରତିପକ୍ଷ ଗୋଷ୍ଠୀଙ୍କ ଉପରେ ନଜର ରଖିଥିଲେ। ଏଥିସହ ସମ୍ପର୍କୀୟ ଓ ଅନ୍ୟ ଲୋକଙ୍କୁ ଧରି ଭୋଟରଙ୍କୁ ମନାଇବାରେ ଲାଗି ପଡିଥିଲେ। ଅନ୍ୟପକ୍ଷରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ଟଙ୍କା ଓ ମଦ ଭଳି ବେଆଇନ କାରବାରର ଆଶଙ୍କା ଥିବାରୁ ଏହା ଉପରେ କମିଶନରେଟ ପୋଲିସ ମଧ୍ୟ କଡ଼ା ନଜର ରଖି ଚଢ଼ାଉ ଜାରି ରଖିଥିଲା। ଏହାସତ୍ତ୍ୱେ ବିଭିନ୍ନ ସ୍ଥାନରେ ବିଶେଷକରି ବସ୍ତି ଅଞ୍ଚଳରେ ଟଙ୍କା, ମଦ କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଲୋକଙ୍କୁ ନିୟମ କରାଇ ଟଙ୍କା ଦିଆଯାଇଥିଲା। କେଉଁ ଗୋଷ୍ଠୀ ବା ବ୍ୟକ୍ତିଙ୍କ ହାତରେ କେତେ ଭୋଟ ଅଛି, ସେହି ଅନୁଯାୟୀ ମୂଲଚାଲ ହୋଇଥିଲା। ଏହାବ୍ୟତୀତ ସାହିଗୁଡିକରେ କେତେଜଣ ମଧ୍ୟସ୍ଥଙ୍କ ଜରିଆରେ ଭୋଟରଙ୍କ ପାଇଁ ଉପହାର ସହ ଭୋଜିଭାତ ଆୟୋଜନ କରାଯାଇଥିଲା। ଏହି ଅପରେଶନକୁ ନେତାଙ୍କ ଘନିଷ୍ଠ କର୍ମୀମାନେ ନିୟନ୍ତ୍ରଣ କରିଥିଲେ। ଅନ୍ୟପକ୍ଷରେ ଅନ୍ଧାରି ବିଜେ କରି ନ ପାରି ବହୁ ପ୍ରାର୍ଥୀଙ୍କ ସମର୍ଥକ ଓ କର୍ମୀମାନେ ସୋସିଆଲ ମିଡିଆ ଓ ମୋବାଇଲ୍ ଫୋନ୍‌ରେ ଭୋଟ ଡିଲ୍ କରିଥିଲେ। ଏପରିକି ଗୁଗଲ୍ ପେ’, ଫୋନ୍ ପେ’ ଆଦି ମାଧ୍ୟମରେ ଲୋକଙ୍କ ପାଖକୁ ଟଙ୍କା ଯାଇଥିବା ମଧ୍ୟ ସୂଚନା ମିଳିଛି। ଏହାବ୍ୟତୀତ କେତେକ ସ୍ଥାନରେ ସରକାରୀ ଯୋଜନାରେ ୱାର୍କ ଅର୍ଡର ମଧ୍ୟ ରାତାରାତି ବଣ୍ଟା ଚାଲିଥିବା ଚର୍ଚ୍ଚା ହେଉଛି। ଏସବୁ କାର୍ଯ୍ୟ ଅତି ସତର୍କତାର ସହ ହେଉଥିଲା। ପୋଲିସ, ନିର୍ବାଚନ ପର୍ଯ୍ୟବେକ୍ଷକ ଓ ପାଟ୍ରୋଲିଂ ଟିମ୍ ଉପରେ ନଜର ରଖାଯାଇ ସେସବୁ ଅଞ୍ଚଳକୁ ଆଗୁଆ ଖବର ଦିଆଯାଇଥିଲା।

# ରବିବାର ଅପରାହ୍ନ ୩ଟାରେ ଯୁକ୍ତ୨ ରେଜଲ୍ଟ

ଭୁବନେଶ୍ୱର, ୨୪।୫
(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖରେ ପ୍ରକାଶ ପାଇବ। ପରିଷଦ କାର୍ଯ୍ୟାଳୟରେ ରବିବାର ଅପରାହ୍ନ ୩ଟାରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଶୁକ୍ରବାର ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଚଳିତବର୍ଷ ପ୍ରଥମଥର ପାଇଁ ଗୋଟିଏ ଦିନରେ ଏକାଥରକରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟର ରେଜଲ୍ଟ ବାହାରିବ। ଛାତ୍ରୀଛାତ୍ର www.orissaresults.nic.in ୱେବ୍‌ସାଇଟରେ ରେଜଲ୍ଟ ଦେଖିପାରିବେ। ସୂଚନାଯୋଗ୍ୟ, ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁ

ବୈପାରିଗୁଡା,୨୪।୫ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ଟେଣ୍ଟୁଳିଗୁମ୍ମା ପଞ୍ଚାୟତର ଲୁଲେର ଗ୍ରାମରେ ଏକ ନିର୍ମାଣାଧୀନ କାମରେ ନିୟୋଜିତ ଜଣେ ଶ୍ରମିକ ଉପରୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ହେଲେ ସୋମନାଥ ଗତନ (୪୫)। ତାଙ୍କ ଘର ବୈପାରିଗୁଡା ବ୍ଲକର ଟାଙ୍ଗିଣିଗୁଡା ଗ୍ରାମରେ। ସେ ଲୁଲେର ଗ୍ରାମରେ ଜଣେ ଠିକାଦାରଙ୍କ ଅଧୀନରେ ଓଲଡିଂ କାମ କରୁଥିଲେ। ଓଲଡିଂ କରିବା ବେଳେ ହଠାତ୍ ସେ ଉପରୁ ତଳକୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମାଥିଲି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଥିଲେ। ଖବରପାଇ ବୈପାରିଗୁଡା ପୋଲିସ୍ ମାଥିଲି ଯାଇ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (୧୪/୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ କହିଛନ୍ତି।

### ଜଗନ୍ନାଥ ସାଗର ବିକାଶ ନେଇ ସମୀକ୍ଷା

ଜୟପୁର, ୨୪।୫(ପବନ ପାଣିଗ୍ରାହୀ)

ପୌର ନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଶୁକ୍ରବାର ଜିଲାପାଳ ଭି. କିର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ଜୟପୁରସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ସମୀକ୍ଷା କରିଛନ୍ତି। ନିର୍ବାହୀ ଅଧିକାରୀ ପଟ୍ଟନାୟକ, ରାସ୍ତା ଓ ଗୃହ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପାନଙ୍କ ସହ ଏକ ବୈଷୟିକ ଟିମ ସାଗରକୁ ଯାଇ କାର୍ଯ୍ୟ ସମୀକ୍ଷା କରିଥିଲେ। ବର୍ଷା ପୂର୍ବରୁ ଯେପରି ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହେବ ସେନେଇ ଟିମ୍ ଗୁରୁତ୍ୱାରୋପ କରିଥିଲେ। ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର ସହ ଓ ସୌନ୍ଦଯକରଣ କାର୍ଯ୍ୟ ହେବ। ସାଗରର କାର୍ଯ୍ୟ ୮୫ଟି ଏସଏଚଜି ଗ୍ରୁପ ନେଇଛନ୍ତି। ୧୪ କୋଟି ୮୭ ଲକ୍ଷ ଟଙ୍କା ବିନିମୟରେ ପାଣି ନିଷ୍କାସନ, ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯିବ।

### ଉନ୍ନୟନ କାର୍ଯ୍ୟ ସମୀକ୍ଷା

କୋଷାଗୁମୁଡ଼ା, ୨୪।୫(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ରାଜେଶ ପଟ୍ଟନାୟକ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରଥମେ ବ୍ଲକରେ ଚାଲୁରହିଥିବା ଗ୍ରାମୀଣ ଆବାସ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସିଏମ୍‌ଏସ୍‌ଓ, ଭତ୍ତା ବଣ୍ଟନ ଓ ଅନ୍ୟ ଉନ୍ନୟନ କାମର ସମୀକ୍ଷା କରିଥିଲେ। ଏହାପରେ ନୂତନ ଭାବେ ବ୍ଲକରେ ଯୋଗଦେଇଥିବା ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଶୃଙ୍ଖଳିତଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟକୁ ନିୟମିତ ତଦାରଖ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ବିଡିଓ ଆଶିଷ ତ୍ରିପାଠୀ, ଜିପିଓ ତ୍ରିଲୋଚନ ଛଞ୍ଚାଣ, ଚିନ୍ମୟ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ନାମରେ ମାମଲା

ଜୟପୁର, ୨୪।୫(ପବନ ପାଣିଗ୍ରାହୀ)

ବିବାହର ୧୫ ବର୍ଷ ପରେ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତ ସ୍ୱାମୀ ଗୁପ୍ତେଶ୍ୱର ନାୟକଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜୟପୁର ଇରିଗେସନ କୋଲନୀରେ ରହୁଥିବା ଅଞ୍ଜଳି ନାୟକ ତାଙ୍କୁ ସ୍ୱାମୀ ଗୁପ୍ତେଶ୍ୱର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଲିଖିତ ଅଭିଯୋଗ କରିଥିଲେ ବୋଲି ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

# ପୌର କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆବର୍ଜନା

ମାଲକାନଗିରି,୨୪।୫ (ଦୁର୍ଯ୍ୟୋଧନ ପାତ୍ର)



ପୌର କାର୍ଯ୍ୟାଳୟ ସମ୍ମୁଖରେ ଗଦାହୋଇଥିବା ଅଳିଆ।

ସହରକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ କରିବାକୁ ନାରା ଦେଉଥିବା ମାଲକାନଗିରି ପୌର ପରିଷଦ ନିଜ କାର୍ଯ୍ୟାଳୟ ସମ୍ମୁଖରେ ଗଦା ହୋଇଥିବା କୁଢ଼କୁଢ଼ ଅଳିଆ ଆବର୍ଜନ ସଫା କରିବାକୁ ଭୁଲିଯାଇଛି। ଦୀପ ତଳ ଅନ୍ଧାର ଭଳି କାର୍ଯ୍ୟାଳୟ ସମ୍ମୁଖ ମାହେଶ୍ୱରୀ କଲୋନି ରାସ୍ତା ଜାତୀୟ ରାଜପଥ ପାର୍ଶ୍ୱ କ୍ୱାଲିଟି ଷ୍ଟୋର ନିକଟରେ ଏହି ଅଳିଆ ଆବର୍ଜନା ଗଦାହୋଇ ରହିଥିବା ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା ହେଲେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉଭୟ ପାର୍ଶ୍ୱର ନାଳରେ ଭର୍ତ୍ତି ହୋଇଥିବା ଅଳିଆ ଆବର୍ଜନା ନିଷ୍କାସିତ ହୋଇ ନ ପାରି ଅନେକ ସମୟରେ ମୁଖ୍ୟ ରାସ୍ତା ଉପରେ ନାଳପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳେ। ଏହି ଆବର୍ଜନା ପାଣି ମୁଖ୍ୟ ରାସ୍ତା କଡ଼ରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ଘରଗୁଡ଼ିକରେ ପଶି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାଏ। ଅନ୍ୟପକ୍ଷରେ ପୌର ପରିଷଦ ପକ୍ଷରୁ କୌଣସି ପରିସ୍ରାଗାର ଉକ୍ତ ଅଞ୍ଚଳରେ ନ ଥିବାରୁ ବ୍ୟବସାୟୀ ଏବଂ ଗ୍ରାହକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଯେଉଁ ସ୍ଥାନରେ ଏହି ଅଳିଆ ଆବର୍ଜନା ପଡ଼ି ରହିଛି ସେହି ରାସ୍ତା କଡ଼ରେ କ୍ୱାଲିଟି ଷ୍ଟୋର ମାଲିକ

**ଦୀପ ତଳ ଅନ୍ଧାର**

ସୁରେନ୍ଦ୍ର ପାଢ଼ୀ ନିଜ ଉଦ୍ୟମରେ ଏକ ଆବଦ୍ଧ ପରିସ୍ରାଗାର ଏବଂ ପରିଷ୍କାର ପାଇଁ ଜଳ ବ୍ୟବସ୍ଥା ନିର୍ମାଣ କରିଥିଲେ। ମାତ୍ର ନାଳ ଉପରେ କୁଢ଼ କୁଢ଼ ଅଳିଆ ଜମିଥିବାରୁ ଏହି ପରିସ୍ରାଗାର କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏ ସମ୍ପର୍କରେ ପାଢ଼ୀ କୁହନ୍ତି, ନାଳ ସଫା କରିବାକୁ ସେ ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ତାଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଇନାହାନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ। ଫଳରେ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖ ସ୍ଥିତି ଯଦି ଏପରି ତେବେ ପୌର ପରିଷଦର ବିଭିନ୍ନ ୱାର୍ଡର ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ।

# ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ଗାଗଡ଼ ସାଥୀଙ୍କୁ ତାଲିମ

ଜୟପୁର,୨୪।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଏମ୍‌ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ତତ୍ତ୍ୱାବଧାନରେ ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପାଇଁ ଗୋଷ୍ଠୀ ନେତୃତ୍ୱ ପ୍ରକଳ୍ପ ପକ୍ଷରୁ ଦୁଇଦିନିଆ ଆବାସିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲାର ଦୁଇଟି ବ୍ଲକ୍ ଦଶମନ୍ତପୁର ଏବଂ ଲମତାପୁଟର ବିଭିନ୍ନ ଗ୍ରାମରୁ ଚୟନ କରାଯାଇଥିବା ୩୫ ଜଣ ଗୋଷ୍ଠୀ ଚାମ୍ପିୟନ ଗାଗଡ଼ ସାଥୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ଏମ୍‌ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ସହଯୋଗରେ ଏହି ପ୍ରକଳ୍ପ ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ମାତୃ, ନବଜାତ ଶିଶୁ, ପୋଷଣ, ଜଳ ପରିମଳ ଓ ସ୍ୱାସ୍ଥ୍ୟସେବା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଜନସଚେତନତା ସୃଷ୍ଟି ଦିଗରେ ଗୋଷ୍ଠୀ ଚାମ୍ପିୟନ ଗାଗଡ଼ ସାଥୀମାନଙ୍କ ଭୂମିକା ସେମାନଙ୍କ ଗ୍ରାମରେ ଗୁରୁତ୍ୱ ବହନ କରିଥାଏ। ଏ ସମ୍ପର୍କରେ ପ୍ରତିଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା ବିସ୍ତୃତ ଭାବରେ ଗାଗଡ଼ ସାଥୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ପ୍ରକଳ୍ପ ପରିଚାଳକ ଡ. ଅସିତ ମାନସିଂହ ଏବଂ ଜିଲା ପ୍ରକଳ୍ପ ସଂଯୋଜକ ଯଶମିନ୍ ମହାନ୍ତିଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ଗାଗଡ଼ ସାଥୀମାନଙ୍କୁ ଗର୍ଭବତୀ ମା' ଓ ଶିଶୁଙ୍କ ଯତ୍ନ, ପୌଷ୍ଟିକ ଖାଦ୍ୟ, ନିରାପଦ ଜଳ ଏବଂ ପରିମଳ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଡ. ପ୍ରଶାନ୍ତି ଜ୍ୟୋତି ମହାନ୍ତି ଟିକାକରଣର ଜରୁରୀ ଆବଶ୍ୟକତା ଓ ଉପକାରିତା ଉପରେ ବୁଝାଇଥିଲେ। ଏହି ତାଲିମ ପରେ ଗାଗଡ଼ ସାଥୀମାନଙ୍କୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ସେମାନେ ନିଜ ନିଜ ଗ୍ରାମରେ ଜରୁରିକାଳୀନ ସେବା ଯୋଗାଇ ଗର୍ଭବତୀ ମହିଳାମାନଙ୍କୁ ସଚେତନ କରିପାରିବେ। ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଜ ଗ୍ରାମରେ ସହଯୋଗ କରିବେ। ପ୍ରକଳ୍ପର ଦଶମନ୍ତପୁର ବ୍ଲକ୍ ସଂଯୋଜକ କୃତ୍ତିବାସ ରାଉତ ଏବଂ ଲମତାପୁଟ ବ୍ଲକ ସଂଯୋଜକ ରାଜଦୀପ ବେହେରାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ଛପର ଉଡାଇଲା, ଗଛ ଭାଙ୍ଗିଲା




କାଳବୈଶାଖୀରେ ଏକ ଗଛ ଉପୁଡ଼ି ଘର ଉପରେ ପଡିଛି ।

ମାଲକାନଗିରି,୨୪।୫ (ଦୁର୍ଯ୍ୟୋଧନ ପାତ୍ର)

**ସ୍ୱାଭିମାନ ଅଞ୍ଚଳରେ କାଳ ବୈଶାଖୀ ତାଣ୍ଡବ**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ଗତ ଦୁଇଦିନ ଧରି କାଳ ବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ସହ ସ୍ୱାଭିମାନ ଅଞ୍ଚଳର ଗାଜୁଲମାମୁଡି ପଞ୍ଚାୟତ ତନ୍ତାଗୁଡା ଗ୍ରାମରେ କାଳ ବୈଶାଖୀ ବର୍ଷା ପବନରେ ଅନେକ ଘର ଭାଙ୍ଗି ଯାଇଥିବା ଜଣାପଡିଛି। କେତେକ ଘରର ଛପର ଉଡି ଯାଇଛି। ଏଥିସହ ବହୁ ବଡ ବଡ ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଅନେକ ଜାଗାରେ ନାଳ ନର୍ଦ୍ଦମାରେ ପାଣି ଭର୍ତ୍ତି ହୋଇ ଏହା ନିଷ୍କାସନ ହୋଇ ନ ପାରିବାରୁ ଅନେକ ଘରେ ପାଣି ପଶିଛି। ରାସ୍ତା ଉପରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହୋଇଛି। ତେବେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ପାଇଁ କେହି ଅଧିକାରୀ ଯାଇ ନ ଥିବା ଜଣାପଡିଛି। ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟ ପ କ୍ଷରେ ବର୍ତ୍ତମାନ ସୁଦ୍ଧା କାଳ ବୈଶାଖୀ ପ୍ରଭାବ ଲାଗି ରହିଥଇବାରୁ ପ୍ରଶାସନ ତରଫରୁ କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଂଚି ପାରିନାହାଁ ଆସଂ। କାଲି ସୁଦ୍ଧା ଯଦି କାଳ ବୈଶାଖୀର ପ୍ରଭାବ କିଛି କମିଲେ କ୍ଷୟ କ୍ଷତି ଆକଳନ ନିମନ୍ତେ ଅଧିକାରୀ ମାନେ ଯିବ ବୋଲି ପ୍ରଶାସନ ତରଫରୁ ସୁଚନା ପ୍ରଦାନ କରା ଯାଇଛି।

# ଫେରାର ଅଭିଯୁକ୍ତ ଗିରଫ

ବାଲିମେଳା, ୨୪।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋରାକୋଣ୍ଡା ବ୍ଲକ୍ ପାରକନମାଲା ପଞ୍ଚାୟତ ହାତିଆମ୍ବ ଗ୍ରାମର ଦାମୁ ଚାଲାଣ। ପୋଲିସ ସୂଚନା ଅନୁଯାୟୀ, ୨୦୨୧ରେ ଚିତ୍ରକୋଣ୍ଡା ଅଞ୍ଚଳରେ ୨୦୦ କେଜି ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମୟରେ ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ପ୍ରାୟ ୨ବର୍ଷ ଜେଲଦଣ୍ଡ ଭୋଗିବା ପରେ ଜାମିନରେ ଆସି ଦାମୁ କୋର୍ଟଙ୍କ ନିର୍ଦ୍ଦେଶ ନ ମାନି ଫେରାର ହୋଇଯାଇଥିଲେ। ପରେ କୋର୍ଟ ତାଙ୍କ ନାମରେ ଏକ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ପୋଲିସ ଦାମୁଙ୍କୁ ଖୋଜିବା ଜାରି ରଖିଥିଲା।



ଗିରଫ ଅଭିଯୁକ୍ତ।

ଗୁରୁବାର ରାତିରେ ଦାମୁ ନିଜ ଘରେ ଥିବା ଖବର ପାଇ ପୋଲିସ ଚଢ଼ାଉକରି ତାଙ୍କୁ ଧରିଥିଲା ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

# ସାପ କାମୁଡ଼ାରେ ଯୁବତୀ ମୃତ

ବାଲିମେଳା, ୨୪।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ପଣସପୁଟ ପଞ୍ଚାୟତର ଡାବଲାଗୁଡ଼ା ଗ୍ରାମରେ ସାପ କାମଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ଗ୍ରାମର ରାମଦାସ ହନ୍ତାଳଙ୍କ ଝିଅ ସଖିଲା (୨୦) ବୋଲି ଜଣାପଡିଛି। ଗୁରୁବାର ରାତିରେ ସଖିଲା ଓ ତାଙ୍କ ସାଙ୍ଗମାନେ ଘରେ ଶୋଇଥିବା ବେଳେ ଭୋର ୩ଟାରେ ତାଙ୍କ ଡାହାଣ ହାତ କାଣି ଆଙ୍ଗୁଠିରେ ହଠାତ୍ ଯନ୍ତ୍ରଣା ହୋଇଥିଲା। ସଖିଲା ଉଠିପଡ଼ି ଆଲୋକ ଲଗାଇବାରୁ ଘର ଭିତରେ ଥିବା ଏକ ଗାତରେ ସାପଟିଏ ପଶିଯାଉଥିବା ସେ ଦେଖିବାକୁ ପାଇଥିଲେ। ଏହା ପରିବାର ଲୋକେ ଜାଣିବା ପରେ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଡକାଇ ତାଙ୍କୁ ଯୋଡ଼ାମ୍ବ ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଅବସ୍ଥାରେ କିଛି ପରିବର୍ତ୍ତନ ନ ଆସିବାରୁ ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସମୟରେ ଚିତ୍ରକୋଣ୍ଡା–ବାଲିମେଳା ମୁଖ୍ୟରାସ୍ତା ମନ୍ତ୍ରିପୁଟଠାରେ ତାଙ୍କର ଶରୀର ସମ୍ପୂର୍ଣ୍ଣ ସ୍ଥିର ହୋଇଯାଇଥିଲା। ମାଲକାନଗିରି ପରିବର୍ତ୍ତେ ସଖିଲାଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଥିଲେ। ସେଠାରେ ଡାକ୍ତର ସମ୍ବିତ ପ୍ରଧାନ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଯୋଡ଼ାମ୍ବ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଏନ୍‌ସିସି କ୍ୟାଡେଟ୍‌ଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଶେଷ

ଜୟପୁର,୨୪।୫(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ନେଇ ଚାଲିଥିବା ପ୍ରଶିକ୍ଷଣ ଶିବିରର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଯାଇଛି। ଶିବିରରେ ବ୍ରହ୍ମପୁର ଗ୍ରୁପ୍ ହେଡ୍ କ୍ୱାଟର ଅଧୀନରେ ଥିବା ସମସ୍ତ ୟୁନିଟ୍‌ର ୩୧୭ କ୍ୟାଡେଟ୍ ଯୋଗଦେଇଥିଲେ। କମାଣ୍ଡାଣ୍ଟ ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରୀତିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କ୍ୟାଡେଟ୍‌ମାନଙ୍କୁ ରାଇଫଲ ଚାଳନା, ମ୍ୟାପ୍ ରିଡିଂ, ଏନ୍‌ସିସିର ଗୁରୁତ୍ୱ, ଡ୍ରିଲ, ନାରୀ ସଶକ୍ତୀକରଣ ଉପରେ ପ୍ରଶିକ୍ଷଣ ଦିଆଯାଇଛି । ଏହି ଅବସରରେ କ୍ୟାଡେଟ୍‌ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ୟାଡେଟ୍‌ଙ୍କୁ କମାଣ୍ଡାଣ୍ଟ ପ୍ରମାଣପତ୍ର ପ୍ରଦାନ କରିଥିଲେ। କ୍ୟାଡେଟ୍‌ମାନେ ନିଜ ଅନୁଭୂତି ପ୍ରକାଶ କରିବାକୁ ଯାଇ ଏହା ଆମମାନଙ୍କ ପାଇଁ ପ୍ରଶିକ୍ଷଣ ନ ଥିଲା ଏକ ଘର ସଦୃଶ ଥିଲା। ଏଠାରୁ ଆମେ ଅନେକ କିଛି ଶିକ୍ଷା କଲୁ, ଯାହା ଆମ ଆଗାମୀ ଜୀବନରେ ଏହି ଶିକ୍ଷାକୁ କାର୍ଯ୍ୟରେ ଲଗାଇବୁ ବୋଲି କହିଥିଲେ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶିବିରକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। କ୍ୟାମ୍ପ କମାଣ୍ଡାଣ୍ଟ ଦାସ, ଏନ୍‌ସିସି ଶିବିରର ଉଦ୍ଦେଶ୍ୟ ଓ ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ଜୁନିୟର ଓ ସିନିୟର ଡିଭିଜନରେ ୪ ଶହ କ୍ୟାଡେଟ ଯୋଗଦେଇଛନ୍ତି । ଏଥିରେ ସହଯୋଗ କରିବାକୁ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଏନ୍‌ସିସି ଅଫିସର ଏବଂ ପିଆଇ ଷ୍ଟାଫ ଯୋଗଦେଇଛନ୍ତି । କ୍ୟାଡେଟମାନଙ୍କୁ ମ୍ୟାପ ରିଡିଂ, ଡ୍ରିଲ, ରାଇଫଲ ଚାଳନା, ସାଇବର ସିକ୍ୟୁରିଟି, ଡିଜିଟାଲ ବ୍ୟାଙ୍କିଂ, ଅଗ୍ନି ନିରାପତ୍ତା ଆଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହା ଆସନ୍ତା ୨ ତାରିଖରେ ଶେଷ ହେବ।

# ଭଉଣୀଭାଇଙ୍କୁ ଉଦ୍ଧାରକରି ଚାଇଲ୍ଡଲାଇନକୁ ହସ୍ତାନ୍ତର

ମାଲକାନଗିରି,୨୪।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲାକନଗିରି ଜିଲା ପଡ଼ିଆ ବ୍ଲକ୍ ଅନ୍ତର୍ଗତ ନିଳିଗୁଡ଼ା ଗ୍ରାମର ୨ଜଣ ଅସହାୟ ଭଉଣୀଭାଇଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ଉଦ୍ଧାର କରାଯାଇ ଶୁକ୍ରବାର ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି।

ନିଳିଗୁଡ଼ା ଗ୍ରାମର ଜଣେ ଶିଶୁ କନ୍ୟା ଓ ତାଙ୍କର ଛୋଟ ଭାଇଙ୍କ ବାପା ଗତ ୮ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। କରୋନା ସମୟରେ ସେମାନଙ୍କ ମା'ଙ୍କ ମୃତ୍ୟୁ ଘଟିଥିଲା। ମାଆବାପାଙ୍କ ମୃତ୍ୟୁ ପରେ ଭଉଣୀଟି ନିଜେ ନିଜର ଯତ୍ନ ନେବାସହ ଛୋଟ ଭାଇଟିର ମଧ୍ୟ ଯତ୍ନ ନେଉଥିଲେ। ଜଙ୍ଗଲକୁ ଯାଇ ମହୁଲ, ଟୋଲ, କେନ୍ଦୁପତ୍ର ଆଦି ଗୋଟାଇ ବିକ୍ରିକରି ଚଳୁଥିଲେ। ଭଉଣୀଟିର ବୟସ ୧୩ ବର୍ଷ ହୋଇଥିବା ବେଳେ ତାଙ୍କ ଭାଇର ବୟସ ୧୦ ବର୍ଷ। ମାଆବାପାଙ୍କ ମୃତ୍ୟୁ ପରେ ଅସହାୟ ଅବସ୍ଥାରେ ଚଳୁଥିଲେ ମଧ ସେମାନଙ୍କ କୌଣସି ସମ୍ପର୍କୀୟ ସେମାନଙ୍କୁ ସହାୟତା କରି ନ ଥିଲେ। ଆଇନସେବା ପ୍ରାଧିକରଣ ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅଶୋକ ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ପାଇ ଉଭୟ ଶିଶୁଙ୍କୁ ଉଦ୍ଧାରକରି ପ୍ରାଧିକରଣ ସଚିବ ରାକେଶ ମୁଦୁଲିଙ୍କ



ଭଉଣୀଭାଇଙ୍କୁ ଉଦ୍ଧାର କରିଥିବା ଅଧିକାରୀମାନେ।

- ଆଇନସେବା ପ୍ରାଧିକରଣର ପ୍ରୟାସ
- ମା'ବାପାଙ୍କ ମୃତ୍ୟୁ ପରେ ଅସହାୟ ଅବସ୍ଥାରେ ଥିଲେ

ନିକଟରେ ହାଜର କରିଥିଲେ। ସଚିବଙ୍କ ନିର୍ଦ୍ଦେଶରେ ଏହି ଦୁଇ ଭଉଣୀଭାଇଙ୍କ ଯତ୍ନ ଓ ସୁରକ୍ଷା ନିମନ୍ତେ ଉଭୟଙ୍କୁ ଚାଇଲ୍ଡଲାଇନ ମାଧ୍ୟମରେ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଇଥିଲେ। ପରେ ଶିଶୁ ମଙ୍ଗଳ କମିଟି କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ଅନୁସାରେ ପଦକ୍ଷେପ ଗ୍ରହଣକରି ସେମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ବରିଷ୍ଠ ଓକିଲ ତଥା ପ୍ରାଧିକରଣର ରିମାଣ୍ଡ ଓକିଲ ଗୌତମ ସରକାର ପରାମର୍ଶ ଦେଇଛନ୍ତି।

# ୨ ଜଳାଶୟର ପୁନରୁଦ୍ଧାର ସୂଚନା ଦେଲେ ନିର୍ବାହୀ ଅଧିକାରୀ

କୋଟପାଡ,୨୪।୫ (କେ. ରାଜଶେଖର ରାଓ)

**ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲାଣି ଦେବାନ ମୁଣ୍ଡା ପୋଖରୀ କାର୍ଯ୍ୟ**

କୋରାପୁଟ ଜିଲା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଦମୟନ୍ତୀ ସାଗର ଓ ଦେବାନ ମୁଣ୍ଡା ପୋଖରୀର ପଙ୍କ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଶୁକ୍ରବାର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟ କିଭଳି ଚାଲିଛି ଏବଂ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ସେ ମତ ରଖିଥିଲେ। ବର୍ତ୍ତମାନ ସୁଦ୍ଧା ଦେବାନ ମୁଣ୍ଡା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୮୨ ଏକର ପରିମିତ ଜାଗାରେ ଥିବା ଦମୟନ୍ତୀ ସାଗର କାର୍ଯ୍ୟ ଚାଲୁ ରହିଛି ବୋଲି ସେ କହିଥିଲେ । ତେବେ କୋଟପାଡ଼ ଜନସାଧାରଣଙ୍କୁ ନେଇ ଗଠିତ ମୋ ଦମୟନ୍ତୀ ସାଗର କମିଟି କର୍ମକର୍ତ୍ତା କହିଛନ୍ତି, ପୁରୁଣା ତହସିଲ ରେକର୍ଡ ଅନୁଯାୟୀ ଦମୟନ୍ତୀ ସାଗର ୧୧୨ ଏକର ପରିସୀମାରେ ରହିଥିଲା। ରେକର୍ଡ ଅନୁଯାୟୀ ସାଗରର ଏହି ପରିସୀମା ଫେରାଇ ଆଣିବା ଲାଗି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନା କରାଯାଇଥିଲେ ମଧ୍ୟ ଏଯାଏ କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ୮୨ ଏକର ପରିସୀମାରେ ସାଗରର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷରେ କୌଣସି ସରକାରୀ କାର୍ଯ୍ୟ ଆରମ୍ଭ ହେଲେ କାର୍ଯ୍ୟର ସୂଚନା ଫଳକ ଦେବା ନିୟମ ରହିଥିବା ବେଳେ ଦେବାନ ମୁଣ୍ଡା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ ସୂଚନା ଫଳକ ଲାଗିନାହିଁ। ଦମୟନ୍ତୀ ସାଗର କ୍ଷେତ୍ରରେ ମଧ ଏପରି ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଦେବାନ ମୁଣ୍ଡା ପୋଖରୀ ପୁନରୁଦ୍ଧାର ବେଳେ ଉଠାଯାଇଥିବା ପଙ୍କ ଓ ମାଟି ପୋଖରୀ ହିଡ଼ରେ ଅଳ୍ପ ପରିମାଣରେ ପକାଇ ଅଧିକାଂଶ ପଙ୍କ ଓ ମାଟି କେତେକ ଜମି ମାଲିକ ସେମାନଙ୍କ କାର୍ଯ୍ୟ ପାଇଁ ନେଇ ଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପାଢ଼ୀଙ୍କୁ ପଚାରିବାରୁ ଏ ବିଷୟରେ ମୁଁ କିଛି ଜାଣିନାହିଁ ଏହା ମୋ ସମୟରେ ହୋଇନାହିଁ ବୋଲି କହିଥିଲେ । ବର୍ତ୍ତମାନ ଅଳ୍ପ ବର୍ଷା ହେଲେ ଦେବାନ ମୁଣ୍ଡା ପୋଖରୀ ପାର୍ଶ୍ୱର ଜାତୀୟ ରାଜପଥରେ ବର୍ଷା ଜଳ ଜମି ରହୁଛି। ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଦମୟନ୍ତୀ ସାଗର ପୁନରୁଦ୍ଧାର ସକାଶେ ୧୬ କୋଟି ୭୨ ଲକ୍ଷ ୫୬ ହଜାର ଓ ଦେବାନ ମୁଣ୍ଡା ପାଇଁ ୨ କୋଟି ୫୭ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର କରିଛନ୍ତି।

# 'ଆଦିବାସୀଙ୍କ ମଧ୍ୟରେ ଏକତାର ଭାବ ରହିଛି'

**ପ୍ରଫେସର ଅଜିତ ମିତ୍ର ମେମୋରିଆଲ ବକ୍ତୃତା**

କୋରାପୁଟ,୨୪।୫(ଅମିତାଭ ବେହେରା)

ବିଭିନ୍ନ ଆଦିବାସୀ ଜାତି ମଧ୍ୟରେ ଏକତାର ଭାବ ରହିଛି ବୋଲି ଶୁକ୍ରବାର କୋରାପୁଟସ୍ଥିତ କୋଟସ ସଭାଗୃହରେ ଆୟୋଜିତ ପ୍ରଫେସର ଅଜିତ କୁମାର ମିତ୍ର ମେମୋରିଆଲ ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ସତ୍ୟ ନାରାୟଣ ରଥ କହିଛନ୍ତି। କୋଟସ ଓ ପ୍ରଫେସର ଅଜିତ ମିତ୍ର ମେମୋରିଆଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଟସ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରଥ କହିଲେ, ପ୍ରଫେସର ଅଜିତ ମିତ୍ର ତାଙ୍କ କାର୍ଯ୍ୟ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ସହଯୋଗରେ ସୂଚାରୁରୂପେ କରୁଥିଲେ। ରାୟଗଡା ଜିଲା ଚାଲକମ୍ବା ଗ୍ରାମରେ ବସବାସ କରୁଥିବା ସୌରା ଜନଜାତି ସମେତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ପରିବାରଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ଏବଂ ସମ୍ପର୍କକୁ ଦୃଢ଼ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ରଥ ପ୍ରକାଶ କରିଥିଲେ। ସ୍ୱଗତ ମିତ୍ରଙ୍କ ନାମରେ ପ୍ରତିବର୍ଷ ଏକ ଆଲୋଚନାଚକ୍ର ଆୟୋଜନ କରି ତାଙ୍କର କାର୍ଯ୍ୟକୁ ସ୍ମରଣୀୟ କରି ରଖିବା ପାଇଁ କୋଟସର ସହାୟତା ନେଇ ତାଙ୍କ ସ୍ତ୍ରୀ ଡ. ବିମଳା ମିତ୍ର ଗତ ୨୦୧୦ରେ ପ୍ରଥମେ ବକ୍ତୃତାମାଳା ଆରମ୍ଭ କରିଥିଲେ। ୨୦୧୮ ସୁଦ୍ଧା ୯ମ ବକ୍ତୃତାମାଳା ହୋଇଥିଲା। ମାତ୍ର କୋଭିଡ ଯୋଗୁ ଏହା ଗତ ୫ ବର୍ଷ ଧରି ବନ୍ଦ ରହିଥିଲା ବୋଲି ଅନ୍ୟତମ ସମ୍ମାନିତ ଅତିଥି ଡ. ଜଗବନ୍ଧୁ ସାମଲ କହିଥିଲେ। କାର୍ଯ୍ୟକ୍ରମକୁ ପରେଶ ରଥ ପରିଚାଳନା କରିଥିଲେ। ସୁଧାକର ପଟ୍ଟନାୟକ, ନାରାୟଣ ପଣ୍ଡା, ପଦ୍ମା ଶାସ୍ତ୍ରୀ, ରାଜେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘର ନିର୍ମାଣକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ସରକାରୀ ଜମିରେ ନିର୍ମାଣାଧୀନ ଘର ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକେ**

ରାୟଗଡ଼ା,୨୪।୫(ଆଶିଷ ରଞ୍ଜନ ପଣ୍ଡା)

ସରକାରୀ ଜମିରେ ନିର୍ମାଣାଧୀନ ଘର ଭାଙ୍ଗିବାକୁ ନେଇ ୨ ଗ୍ରାମର ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଯାଇଛି। ଫଳରେ ଉଭୟ ଗ୍ରାମରେ ଅଶାନ୍ତକର ପରିବେଶ ସୃଷ୍ଟି ହୋଇଛି।

ସୂଚନା ମୁତାବକ, କୋଲନରା ବ୍ଲକ ଥେରୁବାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶାନ୍ତାବାଡ଼ି ଗାଁ ମୌଜାର ଖାତା ନମ୍ବର ୨୭ରେ ଥିବା ସରକାରୀ ଜମିରେ ଦେଓପୁର ଗ୍ରାମର ହରିଜନସାହି ବାସିନ୍ଦା ଘର ନିର୍ମାଣ କାମ ଆରମ୍ଭ କରିଥିଲେ। ଦେଓପୁରର ୩୧ ଜଣ ଗ୍ରାମବାସୀଙ୍କୁ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ଅନୁମତି ମିଳିଥିଲା। ତେବେ ସାହିରେ କୌଣସି ଖାଲି ଜମି ନ ଥିବାରୁ ନିକଟସ୍ଥ ଶାନ୍ତାବାଡ଼ି ଗାଁ ସରକାରୀ ଜମିରେ ଆବାସ ଯୋଜନା ପାଇଥିବା ଦେଓପୁର ଗ୍ରାମ ହରିଜନସାହିର ୩୧ଜଣ ବାସିନ୍ଦା ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଘର ନିର୍ମାଣକୁ ନେଇ ଶାନ୍ତାବାଡିଗାଁ ଆଦିବାସୀ ସମ୍ପ୍ରଦାୟ ଏବଂ ଦେଓପୁର ହରିଜନ ସମ୍ପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିଥିଲା। ଶୁକ୍ରବାର ହଠାତ୍ ଶାନ୍ତାବାଡ଼ିଗାଁ ଗ୍ରାମବାସୀ ଦଳବଦ୍ଧ ଭାବେ ନିର୍ମାଣାଧୀନ ଘରକୁ ଭାଙ୍ଗିଦେଇଥିଲେ। ଏହାକୁ ନେଇ ସେଠାରେ ଘର ନିର୍ମାଣ ଆରମ୍ଭ କରିଥିବା ଦେଓପୁର ଗ୍ରାମବାସୀ ପହଞ୍ଚି ବିରୋଧ ପ୍ରଦର୍ଶନ କରିଥିଲେ। ଖବରପାଇ ଥେରୁବାଲି ଫାଣ୍ଡି ଅଧିକାରୀ ସେଠାରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଏହି ଘଟଣାର ସମାଧାନ କରିବା ପାଇଁ ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ ବେହେରା ଓ ପୋଲିସ ଟିମ୍ ଚେଷ୍ଟା କରୁଥିବା ସୂଚନା ମିଳିଛି।


ଶାନ୍ତାବାଡ଼ି ଗାଁରେ ଥିବା ସରକାରୀ ଜମିରେ ନିର୍ମିତ ଘରକୁ ଗ୍ରାମବାସୀ ଭାଙ୍ଗୁଛନ୍ତି ।

## ସଂକ୍ଷେପରେ

### ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

କୋଡ଼ିଙ୍ଗା, ୨୪।୫(ସମରେନ୍ଦ୍ର ପଟ୍ଟନାୟକ)

ନିର୍ମାଣାଧୀନ ଭାରତମାଳା ପ୍ରକଳ୍ପରୁ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପୋଲିସ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋଡିଙ୍ଗା ଗ୍ରାମର ଲକିଧର ହରିଜନ(୨୭), ଫେଜାନ ଅହମ୍ମଦ(୨୨) ଓ ଅଲେଖ ବିନ୍ଧାଣି(୨୭)। ସୂଚନାନୁଯାୟୀ ଭାରତମାଳା ପ୍ରକଳ୍ପର ଡଙ୍ଗରା କ୍ୟାମ୍ପ ସୁପରଭାଇଜର କ୍ଷେମରାଜ ବର୍ମା ଖରକି ଚ୍ୟାନେଲ ନଂ. ୨୨୬/୧୫୪ ସ୍ଥାନରୁ ୨ଟି ଲୁହା ପ୍ଲେଟ, ୪ଟି ଲୁହା କ୍ରାସ୍‌ବେରିଏଲ୍ ପ୍ଲେଟ୍, ୨ ମିଟର ୱାଲ୍ ଚ୍ୟାନେଲ ୪୦ଟି, ଷ୍ଟିଲ ପ୍ଲେଟ ୧୩ଟି ଚୋରି ହୋଇଥିବା ଜାଣି ଗୁରୁବାର କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୧୧୦/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କୋଡିଙ୍ଗା ଥାନାଧିକାରୀ ଯୁଗଳ ଶବର ଭଣ୍ଡିଆ ଛକଠାରେ ପାଟ୍ରୋଲିଂ କରିବାବେଳେ ଦିନ ପ୍ରାୟ ୧୧ଟାରେ ଲୁହା ସାମଗ୍ରୀ ନେଇ ଯାଉଥିବା ଏକ ୪୦୭କୁ ଅଟକାଇଥିଲେ। ଏହାପରେ କୋଡିଙ୍ଗା ପୋଲିସ ଉକ୍ତ ଗାଡ଼ି ଓ ଡ୍ରାଇଭର ଫେଜାନଙ୍କୁ ଥାନାକୁ ଆଣିଥିଲେ। ଡ୍ରାଇଭରଙ୍କୁ ପଚରାଉଚୁରା କରିବାରୁ ଖରକିଠାରେ ଚାଲିଥିବା ଭରତମାଳା ପ୍ରକଳ୍ପର ଲୁହା ସାମଗ୍ରୀ ନେଉଥିବା ସେ ସ୍ୱୀକାର କରିଥିଲେ। ସେ ତାଙ୍କ ସହଯୋଗୀ ଲକିଧର ଓ ଅଲେଖଙ୍କ ନାମ ପୋଲିସ ଆଗରେ କହିଥିଲେ। ପୋଲିସ କୋଡିଙ୍ଗା ଗାଁକୁ ଯାଇ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ କହିଛନ୍ତି।

### ମୋକିଆ ଗାଁ ନିକଟରେ ବୁଲିଲା ଭାଲୁ

ପାପଡ଼ାହାଣ୍ଡି,୨୪।୫(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ଗାଁ ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ଭାଲୁଟି ଗାଁ ନିକଟକୁ ଚାଲି ଆସିଥିବା ସନ୍ଦେହ କରାଯାଉଛି। ଭାଲୁକୁ ଦେଖି ଲୋକେ ଭୟଭୀତ ହୋଇ ପାଟି କରିଥିଲେ। ପରେ ସାହସ ଜୁଟାଇ ଠେଙ୍ଗାବାଡ଼ି ଧରି ଭାଲୁକୁ ଘଉଡ଼ାଇଥିଲେ। ପେଟ ଫୁଲା ନାଳ ଦେଇ ଭାଲୁଟି ଜଙ୍ଗଲ ଆଡ଼କୁ ପଳାଇଥିଲା।

# ଡ୍ରେସ୍ ଇସ୍ତ୍ରି ସମୟରେ ବିଦ୍ୟୁତ୍ ଆଘାତରେ ଯୁବତୀ ମୃତ

ରାୟଗଡ଼ା,୨୪।୫(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ଜିଲା କୋଲନରା ବ୍ଲକ୍‌ର ଜଣେ ଯୁବତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଲକ୍ଷ୍ମୀ ଗୌଡ଼ (୨୫)। ତାଙ୍କ ଘର କୋଲନରା ବ୍ଲକ ସୁରି ପଞ୍ଚାୟତ ଅନ୍ତର୍ଗତ ମୁନିସିଙ୍ଗ ଗ୍ରାମରେ । ଘଟଣାରୁ ପ୍ରକାଶ ଯେ, ଭାସ୍କର ଗୌଡ଼ଙ୍କ ଝିଅ ଲକ୍ଷ୍ମୀ ଗାଧୋଇ ସାରି ନିଜ ଡ୍ରେସ୍ ଇସ୍ତ୍ରି କରୁଥିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତରେ ଲକ୍ଷ୍ମୀ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଥେରୁବାଲି ଫାଣ୍ଡି ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତକରି ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ମୁନିଗୁଡ଼ା,୨୪।୫
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ବଗିଚାସାହି ପୂଜା ମଣ୍ଡପରେ ଚାଲିଥିବା ୩୧ତମ ଷୋହଳ ପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ପୁରହିତ ନାରାୟଣ ମିଶ୍ର ଓ ନିକୁଞ୍ଜ ଶତପଥୀଙ୍କ ମିଳିତ ପୌରାହିତ୍ୟରେ ବୈଦିକ ରୀତିନୀତି ଅନୁସାରେ ବିଭିନ୍ନ ପୂଜାର୍ଚ୍ଚନା କରିବା ପରେ ହୋମଯଜ୍ଞ ସହ ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ଓ ଆଳତୀ କରାଯାଇଥିଲା । କର୍ତ୍ତା ଭାବେ କାଳିଆ ବେହେରା କାର୍ଯ୍ୟ ତୁଲାଇଥିଲେ। ଶେଷ ଦିନରେ ବହୁ ସଂଖ୍ୟାରେ ଭକ୍ତଙ୍କ ନିମନ୍ତେ ଅନ୍ନଭୋଗର ଆୟୋଜନ କରାଯାଇଥିଲା। ଏଥିସହ ସାହିରେ ସମସ୍ତେ ନାଚଗୀତ ସହ ପରସ୍ପରକୁ ରଙ୍ଗ ଲଗାଇ ଶୁଭେଚ୍ଛା ଜଣାଇବା ସହ ସାହିର ଯୁବକମାନେ ବିଭିନ୍ନ ପାରମ୍ପରିକ ବେଶ ଧାରଣ କରିଥିବା ଦେଖାଯାଇଥିଲା। ଚଳିତ ବର୍ଷ ମୁନିଗୁଡାର ବଗିଚା ସାହି ସମେତ ରାୟଗଡା ଜିଲାର ପେଡିଗୁଡା, ମେରିଙ୍ଗି, କଳାହାଣ୍ଡି ଜିଲାର ବୁଡ଼ିପଦର,ରଘୁନାଥପୁର, ବଲାଙ୍ଗୀର ଜିଲା ମଖାପାଲି,ବରଗଡ଼ ଜିଲା ଗୌଡ଼ମାଲରୁ ସଂକୀର୍ତ୍ତନ ଦଳ ଏହି ନାମଯଜ୍ଞରେ ଭାଗ ନେଇଥିଲେ। ଆଗାମୀ ବର୍ଷ ପୁଣି ଥରେ ଭକ୍ତିଭାବ ଓ ରୀତିନୀତି ଅନୁସାରେ କାର୍ଯ୍ୟକ୍ରମ କରାଯିବା ସହ ଆହୁରି ଅଧିକ ଜିଲାରୁ ସଙ୍କୀର୍ତ୍ତନ ମଣ୍ଡଳୀଙ୍କୁ ନିମନ୍ତ୍ରଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟିର କାଳିଆ ବେହେରା, ଧୀର ବେହେରା, ପଦ୍ମ ବେହେରା ପମୁଖ କହିଛନ୍ତି। ନାମଯଜ୍ଞକୁ କମିଟିର ସଦସ୍ୟଙ୍କ ସମେତ ଯୁବଗୋଷ୍ଠୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ ।


ଷୋହଳ ପ୍ରହର ନାମଯଜ୍ଞରେ ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଉଛି।

# ଗୁଡ଼ାରିରେ ମା' ଠାକୁରାଣୀ ପର୍ବ ଆରମ୍ଭ

ଗୁଡାରି,୨୪।୫ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ସହରସ୍ଥିତ ମିଲୁ ଢ଼େପ ସାହିରେ ଶୁକ୍ରବାରଠାରୁ ମା' ଠାକୁରାଣୀଙ୍କ ପର୍ବ ଆରମ୍ଭ ହୋଇଛି। ୫ଦିନ ଧରି ଏହି ପର୍ବ ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଦିନରେ ମା'ଙ୍କ ପାଦ ଅଣାଯାଇ ପୂଜାମଣ୍ଡପ ପରିସରରେ ଘଟ ସ୍ଥାପନ କରାଯାଇଥିଲା। ମା'ଙ୍କ ନିକଟରେ ପ୍ରତିଦିନ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପ୍ରସିଦ୍ଧ ବେଜୁ ନାଚ କରାଯିବ। ପରେ ସନ୍ଧ୍ୟା ୬ରୁ ମା ସାହି ପରିଭ୍ରମଣ କରିବେ। ଗ୍ରାମରେ ଭଲ ଫସଲ ହେବା ସାଙ୍ଗକୁ ଗୃହ ପାଳିତ ପଶୁଙ୍କୁ ବିଭିନ୍ନ ରୋଗ ଦାଉରୁ ରକ୍ଷା କରିବା ଏବଂ ଗ୍ରାମବାସୀଙ୍କ ସୁଖ ସମୃଦ୍ଧି କାମନା କରି ଏହି ପର୍ବ ପାଳନ କରାଯାଉଥିବା କମିଟି ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ମିଲୁ ଢ଼େପ ସାହିର ସମସ୍ତ ପରିବାର ସହଯୋଗ କରୁଛନ୍ତି।


ଗୁଡ଼ାରିରେ ମା' ଠାକୁରାଣୀ ପର୍ବରେ ବେଜୁ ନାଚ ପରିବେଷଣ କରୁଛନ୍ତି।

# ପାଣି ପାଇଁ ରାସ୍ତାରେ ବସିଲେ ମହିଳା



ଝରିଗାଁ,୨୪।୫(କିଶୋର ଚନ୍ଦ୍ର ମଣ୍ଡଳ)

ଗାଁରେ ଲାଗି ରହିଥିବା ପାଣି ସମସ୍ୟା ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳିଲାନାହିଁ। ଶେଷରେ ମହିଳାମାନେ ଖାଲି ହାଣ୍ଡି, ବାଲ୍ଟି ଧରି ଝରିଗାଁ – ଉମରକୋଟ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ କୌଣସି ଗାଡ଼ିମଟର ଯାତାୟାତ କରି ନ ଥିଲା। ଲମ୍ବା ଲାଇନରେ ବସ୍, ଟ୍ରକ୍, ଅଟୋ ସବୁ ଅଟକି ଥିବା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଶୁକ୍ରବାର ଦେଖିବାକୁ ମିଳିଛି। ବାରମ୍ବାର ପଞ୍ଚାୟତକୁ ଯାଇ ସରପଞ୍ଚଙ୍କ ପାଖରେ ଗୁହାରିକଲେ ବି ପାଣି ସମସ୍ୟା ସମାଧାନ ହୋଇ ନ ଥିବା ରାସ୍ତା ଅବରୋଧ କରିଥିବା ମହିଳାମାନେ କହିଛନ୍ତି।

ସୂଚନାନୁଯାୟୀ, ଝରିଗାଁ ପଞ୍ଚାୟତ ତାଳିଆମ୍ବ ସାହି (ଥାନା ସାହି) ଗ୍ରାମବାସୀ ଦୀର୍ଘ ଦିନ ଧରି ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମ୍ପୃକ୍ତ ବିଭାଗ ଏହାର ସ୍ଥାୟୀ ସମାଧାନ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଝରିଗାଁ ବ୍ଲକ ସଦର ମହକୁମାରେ ପାନୀୟ ଜଳ ଯୋଗାଣ ପାଇଁ ପୂର୍ବରୁ ମେଗା ପ୍ରୋଜେକ୍ଟର ଶୁଭ ଦିଆଯାଇଥିଲେ ମଧ୍ୟ ଦୈନନ୍ଦିନ ତାହା ଠିକ୍ ଭାବରେ କାର୍ଯ୍ୟରେ ଆସୁନାହିଁ। ରାସ୍ତାରୋକୋ ଖବରପାଇ ପୋଲିସ ଏଏସ୍‌ଆଇ ବେଦବ୍ୟାସ ବଞ୍ଜରା, ମମତା ସେଠୀ ଏବଂ ସରପଞ୍ଚ ଯୋଗେଶ୍ୱର ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବହୁ ବୁଝାଶୁଝା କରିଥିଲେ। ସମସ୍ୟାର ସମାଧାନ ନେଇ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମହିଳାମାନେ ରାସ୍ତାରୋକୋରୁ ହଟିଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଲିଙ୍ଗରାଜ ବାଘଙ୍କୁ ପଚାରିବାରୁ ଝରିଗାଁ ବ୍ଲକ ସଦର ମହକୁମାରେ ପ୍ରାୟ ୧୬ଶହ ହିତାଧିକାରୀଙ୍କୁ ପାନୀୟ ଜଳ ଯୋଗାଣ କନେକ୍ସନ୍ ଦିଆଯାଇଛି। ପ୍ରତ୍ୟେକ ଦିନ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି।

# ଗୌରୀ ମିଶ୍ର ହତ୍ୟା ମାମଲା: ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ

- **ସୁପାରି କିଲରଙ୍କ ହତ୍ୟା ମାମଲାରେ ସାକ୍ଷୀ ଆସିଲେନି**
- **୧ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ**

ଗୁଣପୁର,୨୪।୫(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ଶୁକ୍ରବାର ଆଶା ସଂସ୍ଥାର ନିର୍ଦ୍ଦେଶକ ଗୌରୀ ମିଶ୍ର ହତ୍ୟା ମାମଲାରେ ୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ସେମାନେ ହେଲେ ଗୁଣପୁର ଶାନ୍ତିନଗରର ଗୋକୁଳ ପଣ୍ଡା ଏବଂ ରାମନାଗୁଡାର ପତ୍ରି ବେଣୁ ଗୋପାଳ । ଉଭୟଙ୍କ ସାକ୍ଷ୍ୟ ଗ୍ରହଣ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧ ତାରିଖକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ, ଗୁରୁବାର ମାମଲାର ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ କୌଣସି ସାକ୍ଷୀ ସାକ୍ଷ୍ୟ ପ୍ରଦାନ କରିବାକୁ ଆସି ନ ଥିଲେ। ସେହିପରି ଏହି ଘଟଣାକୁ ନେଇ ଅନ୍ୟ ଏକ ମାମଲା ତଥା ସୁପାରି କିଲର ରାଜେଶଙ୍କ ହତ୍ୟା ମାମଲାର ମଧ୍ୟ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ରହିଥିଲା, ହେଲେ କୌଣସି ସାକ୍ଷୀ ସାକ୍ଷ୍ୟ ପ୍ରଦାନ ପାଇଁ ଆସି ନ ଥିବା ଅଭିଯୁକ୍ତଙ୍କ ପାଇଁ ମାମଲା ଲଢୁଥିବା ଓକିଲ ଫଣିଭୂଷଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୧୩ ମେ ୧୩ ରାତିରେ ବଂଶଧାରା ନଦୀ ବ୍ରିଜ୍ ଉପରେ ଗୌରୀ ମିଶ୍ର ତାଙ୍କ ୨ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ। ଫେରିବା ପାଇଁ ଗୌରୀ ପ୍ରସ୍ତୁତ ହୋଇ ନିଜ ଗାଡିରେ ବସୁଥିବାବେଳେ ୩ ଜଣ ଯୁବକ ଭି.ରାଜେଶ, ମୁନା ଲିମା ଏବଂ କାହ୍ନା ପ୍ରଧାନ ସେଠାକୁ ଆସି ନିକଟରୁ ଗୁଳି କରିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଏହି ଘଟଣାରେ ସୁପାରିକିଲର ଥିବା ଭି.ରାଜେଶଙ୍କୁ ହତ୍ୟା କରାଯାଇଥିବାବେଳେ ଏହି ମାମଲା ମଧ୍ୟ ଗୁଣପୁର ଏଡିଜେଙ୍କ କୋର୍ଟରେ ବିଚାର ଚାଲୁ ରହିଛି। ତେବେ ଗୌରୀ ମିଶ୍ର ହତ୍ୟା ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଥିବାବେଳେ ଏ ପର୍ଯ୍ୟନ୍ତ ଅନ୍ୟ ଜଣେ ଅଭିଯୁକ୍ତ କାହ୍ନା ପ୍ରଧାନଙ୍କୁ ପୋଲିସ ଗିରଫ କରିପାରିନାହିଁ। ୯ ଅଭିଯୁକ୍ତଙ୍କ ମଧ୍ୟରୁ ଆର୍.ଜଗନ୍ନାଥମ, ଆକାଶ କୁମାର ବଡାପୁ ଏବଂ ଡି.ଭେଙ୍କେଟ ରାଓ ହାଇକୋର୍ଟ ଜାମିନରେ ଆସିଛନ୍ତି। ଗୌରୀ ମିଶ୍ର ହତ୍ୟାକାଣ୍ଡ ଏବଂ ସୁପାରି କିଲର ଭି.ରାଜେଶ ହତ୍ୟାକାଣ୍ଡକୁ ନେଇ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରିଥିଲା।

ସୂଚନାଯୋଗ୍ୟ, ଗୌରୀ ମିଶ୍ର ଏବଂ ଅଭିଯୁକ୍ତ ଆର.କ୍ରିଷ୍ଣାଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଥିଲା। କ୍ରିଷ୍ଣା ଏବଂ ତାଙ୍କ ସମ୍ପର୍କୀୟ ଆକୁଲୁ ଗୋବିନ୍ଦା ଗୋରୀଙ୍କୁ ହତ୍ୟା କରିବା ପାଇଁ ଯୋଜନାକରି ସୁପାରି କିଲର ଭି.ରାଜେଶ ସହ ୩୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଯୋଜନା ମୁତାବକ ୨୦୨୩ ମେ ୧୩ରେ ଭି.ରାଜେଶ, ମୁନା ଲିମା ଏବଂ କାହ୍ନା ପ୍ରଧାନ ଗୌରୀଙ୍କୁ ହତ୍ୟା କରିଥିଲେ। ହତ୍ୟାର ଡିଲ୍ ମୁତାବକ ଟଙ୍କା ନ ମିଳିବାରୁ ରାଜେଶ ଟଙ୍କା ମାଗିବା ସହ ଘଟଣା ପ୍ରଘଟ କରିବାକୁ ଚେତାବନୀ ଦେବାରୁ ଆର୍.କ୍ରିଷ୍ଣା ତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଏଥି ସକାଶେ ସେମାନେ ଟଙ୍କା ଦେବା ବାହାନାରେ ମେ ୧୯ରେ ବିଶାଖାପାଟଣା ଡାକିଥିଲେ। ସେଠାରେ ରାଜେଶଙ୍କୁ ହତ୍ୟାକରି ଜଙ୍ଗଲରେ ପୋତିଦେଇଥିଲେ। ଜୁନ ୩୦ରେ ବିଶାଖାପାଟଣା ଆନନ୍ଦପୁର ଥାନା ଅଧୀନ ଗାଣ୍ଡିଂଗୁଣ୍ଡି ଜଙ୍ଗଲରୁ ଆନ୍ଧ୍ର ପୋଲିସ ସହାୟତାରେ ଗୁଣପୁର ପୋଲିସ ରାଜେଶଙ୍କ ମୃତଦେହ ମାଟି ତଳୁ ଉଦ୍ଧାର କରିଥିଲେ।



## ସଂକ୍ଷେପରେ

### ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ
### -ନିର୍ମାଣାଧୀନ ଭାରତମାଳା ପ୍ରକଳ୍ପରୁ ଚୋରି ଅଭିଯୋଗ

କୋଡ଼ିଙ୍ଗା, ୨୪।୫(ସମରେନ୍ଦ୍ର ପଟ୍ଟନାୟକ)

ନିର୍ମାଣାଧୀନ ଭାରତମାଳା ପ୍ରକଳ୍ପରୁ ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ପୋଲିସ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋଡିଙ୍ଗା ଗ୍ରାମର ଲକ୍ଷିଧର ହରିଜନ(୨୭), ଫେଜାନ ଅହମ୍ମଦ(୨୨) ଓ ଅଲେଖ ବିଦ୍ଧାଣି(୨୭)। ସୂଚନାନୁଯାୟୀ ଭାରତାମାଳା ପ୍ରକଳ୍ପର ଡଙ୍ଗରା କ୍ୟାମ୍ପ ସୁପରଭାଇଜର କ୍ଷେମରାଜ ବର୍ମା ଖରକି ଚ୍ୟାନେଲ ନଂ. ୨୨୬/ ୧୫୪ ସ୍ଥାନରୁ



୨ଟି ଲୁହା ପ୍ଲେଟ, ୪ଟି ଲୁହା କ୍ରାସ୍‌ବେରିଏଲ୍ ପ୍ଲେଟ୍, ୨ ମିଟର ୱାଲ୍ ଚ୍ୟାନେଲ ୪୦ଟି, ଷ୍ଟିଲ ପ୍ଲେଟ ୧୩ଟି ଚୋରି ହୋଇଥିବା ଜାଣି ଗୁରୁବାର କୋଡ଼ିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୧୧୦/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କୋଡିଙ୍ଗା ଥାନାଧିକାରୀ ଯୁଗଳ ଶବର ଭଣ୍ଡିଆ ଛକଠାରେ ପାଟ୍ରୋଲିଂ କରିବାବେଳେ ଦିନ ପ୍ରାୟ ୧୧ଟାରେ ଲୁହା ସାମଗ୍ରୀ ନେଇ ଯାଉଥିବା ଏକ ୪୦୭କୁ ଅଟକାଇଥିଲେ। ଏହାପରେ କୋଡିଙ୍ଗା ପୋଲିସ ଉକ୍ତ ଗାଡ଼ି ଓ ଡ୍ରାଇଭର ଫେଜାନଙ୍କୁ ଥାନାକୁ ଆଣିଥିଲେ। ଡ୍ରାଇଭରଙ୍କୁ ପଚରାଉଚୁରା କରିବାରୁ ଖରକିଠାରେ ଚାଲିଥିବା ଭରତମାଳା ପ୍ରକଳ୍ପର ଲୁହା ସାମଗ୍ରୀ ନେଉଥିବା ସେ ସ୍ୱୀକାର କରିଥିଲେ। ସେ ତାଙ୍କ ସହଯୋଗୀ ଲକ୍ଷିଧର ଓ ଅଲେଖଙ୍କ ନାମ ପୋଲିସ ଆଗରେ କହିଥିଲେ। ପୋଲିସ କୋଡିଙ୍ଗା ଗାଁକୁ ଯାଇ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ କହିଛନ୍ତି।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ମୃତ

ଉମରକୋଟ, ୨୪।୫(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପୂଜାରୀଗୁଡ଼ା ଗ୍ରାମ ନିକଟରେ ଟ୍ରାକ୍ଟର ବାଇକ୍ ଧକ୍କାହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା କଣ୍ଟାଗାଁ ପଞ୍ଚାୟତ ହାଣ୍ଡିଗୁଡା ଗ୍ରାମର ଦୁଷ୍ମନ୍ତ ମୁଦୁଲି (୪୦)। ସୂଚନାନୁଯାୟୀ ଦୁଷ୍ମନ୍ତ ବାଇକ୍‌ରେ ରାଇଘର ବ୍ଲକ ବିରିସାଡି ଗ୍ରାମସ୍ଥିତ ଶ୍ୱଶୁରଘରକୁ ଯାଉଥିଲେ। ଏହି ସମୟରେ ପୂଜାରୀଗୁଡା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଦୁଷ୍ମନ୍ତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ଉମରକୋଟ ଡାକ୍ତରଖାନାରେ ପହଞ୍ଚି ଥିଲେ। ଏ ନେଇ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଏତଲା ଆଧାରରେ ପୋଲିସ ୨୩୪/୨୪ରେ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ପୋଲିସ ଦୁର୍ଘଟଣାର ତଦନ୍ତ ଚଳାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଟ୍ରାକ୍ଟରକୁ ଜବତ କରାଯାଇନାହିଁ।

# ପାଣି ପାଇଁ ରାସ୍ତାରେ ବସିଲେ ମହିଳା



ଝରିଗାଁ, ୨୪।୫(କିଶୋର ଚନ୍ଦ୍ର ମଣ୍ଡଳ)

ଗାଁରେ ଲାଗି ରହିଥିବା ପାଣି ସମସ୍ୟା ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳିଲାନାହିଁ। ଶେଷରେ ମହିଳାମାନେ ଖାଲି ହାଣ୍ଡି, ବାଲ୍ଟି ଧରି ଝରିଗାଁ – ଉମରକୋଟ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଉକ୍ତ ରାସ୍ତା ଦେଇ କୌଣସି ଗାଡ଼ିମଟର ଯାତାୟାତ କରି ନ ଥିଲା। ଲମ୍ବା ଲାଇନରେ ବସ୍, ଟ୍ରକ୍, ଅଟୋ ସବୁ ଅଟକି ଥିବା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଶୁକ୍ରବାର ଦେଖିବାକୁ ମିଳିଛି। ବାରମ୍ବାର ପଞ୍ଚାୟତକୁ ଯାଇ ସରପଞ୍ଚଙ୍କ ପାଖରେ ଗୁହାରିକଲେ ବି ପାଣି ସମସ୍ୟା ସମାଧାନ ହୋଇ ନ ଥିବା ରାସ୍ତା ଅବରୋଧ କରିଥିବା ମହିଳାମାନେ କହିଛନ୍ତି।

ସୂଚନାନୁଯାୟୀ, ଝରିଗାଁ ପଞ୍ଚାୟତ ତାଲିଆମ୍ବା ସାହି (ଥାନା ସାହି) ଗ୍ରାମବାସୀ ଦୀର୍ଘ ଦିନ ଧରି ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମ୍ପୃକ୍ତ ବିଭାଗ ଏହାର ସ୍ଥାୟୀ ସମାଧାନ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଝରିଗାଁ ବ୍ଲକ ସଦର ମହକୁମାରେ ପାନୀୟ ଜଳ ଯୋଗାଣ ପାଇଁ ପୂର୍ବରୁ ମେଗା ପ୍ରୋଜେକ୍ଟର ଶୁଭ ଦିଆଯାଇଥିଲେ ମଧ୍ୟ ଦୈନନ୍ଦିନ ତାହା ଠିକ୍ ଭାବରେ କାର୍ଯ୍ୟରେ ଆସୁନାହିଁ । ସାହିରେ ବହୁ ସ୍ଥାନରେ ପାଣି ପାଇପ୍ ଫାଟି ରାସ୍ତାରେ ପଡୁଛି। ଏପରିକି କିଛି ସ୍ଥାନରେ ପାଣି ମାତ୍ର ୧୦-୧୫ ମିନିଟ୍ ପାଇଁ ଆସୁଛି । ଦିନେ ଛଡ଼ା ଦିନେ ପାଣି ଯୋଗାଇ ଦିଆଯାଉଛି। ପାଣି ଛାଡ଼ିବା ପାଇଁ ଝରିଗାଁରେ ମାତ୍ର ଜଣେ କର୍ମଚାରୀ ରହିଛନ୍ତି। ଯିଏକି ୨ହଜାର ଟଙ୍କା ଦରମାରେ କାମ କରୁଛନ୍ତି। ରାସ୍ତାରୋକୋ ଖବରପାଇ ପୋଲିସ ଏଏସ୍‌ଆଇ ବେଦବ୍ୟାସ ବଞ୍ଜରା, ମମତା ସେଠୀ ଏବଂ ସରପଞ୍ଚ ଯୋଗେଶ୍ୱର ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବହୁ ବୁଝାଶୁଝା କରିଥିଲେ। ସମସ୍ୟାର ସମାଧାନ ନେଇ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମହିଳାମାନେ ରାସ୍ତାରୋକୋରୁ ହଟିଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଲିଙ୍ଗରାଜ ବାଘଙ୍କୁ ପଚାରିବାରୁ ଝରିଗାଁ ବ୍ଲକ ସଦର ମହକୁମାରେ ପ୍ରାୟ ୧୭ଶହ ହିତାଧିକାରୀଙ୍କୁ ପାନୀୟ ଜଳ ଯୋଗାଣ କନେକ୍ସନ୍ ଦିଆଯାଇଛି। ଆଉ କିଛି ସ୍ଥାନରେ କାମ ଶେଷ ହୋଇନାହିଁ। ଫାଟିଯାଇଥିବା ପାଇପ୍‌ଗୁଡ଼ିକୁ ମରାମତି ତୁରନ୍ତ କରାଯିବା ପରେ ଏହାକୁ ପଞ୍ଚାୟତକୁ ହସ୍ତାନ୍ତର କରାଯିବ। ଏହାପରେ ଆବଶ୍ୟକ କୁଶଳୀ କର୍ମଚାରୀଙ୍କୁ ନିଯୋଜିତ କରାଯାଇ ପ୍ରତ୍ୟେକ ଦିନ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି।

## ସହରାଞ୍ଚଳ ରାସ୍ତା ଦୁରବସ୍ଥା

ନବରଙ୍ଗପୁର, ୨୪।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରାଞ୍ଚଳର ବିଭିନ୍ନ ରାସ୍ତାଘାଟ ଅବସ୍ଥା କହିଲେ ନ ଚଳେ। ବର୍ଷାଦିନେ ସହରରେ ରହି ଗ୍ରାମୀଣ ରାସ୍ତାର ଅନୁଭବ କରନ୍ତି ସାହିବାସିନ୍ଦା। ପୌର ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅନେକ ପୁରୁଣା ରାସ୍ତା ରହିଛି। ଏପରି ଏକ ରାସ୍ତା ରହିଛି ୧୬ ନମ୍ବର ୱାର୍ଡରେ।

ନବରଙ୍ଗପୁର ପୌରାଞ୍ଚଳର ୧୬ ନମ୍ବର ୱାର୍ଡ। ଏହି ୱାର୍ଡରେ ପୌରାଞ୍ଚଳର ସବୁଠାରୁ ଅଧିକ ଲୋକ ବାସକରନ୍ତି। ଗୋରାମୁଣ୍ଡାରୁ ଗାନ୍ଧିନଗରକୁ ଓ ଗାନ୍ଧିଛକଠାରୁ ଅନ୍ୟ ତିନୋଟି ରାସ୍ତାକୁ ଏହା ସଂଯୋଗ କରୁଛି। ଉକ୍ତ ରାସ୍ତା ଖାଲଖମା ସହ ବିପଦସଙ୍କୁଳ ହୋଇପଡ଼ିଛି। ବଡ଼ବଡ଼ିଆ ଲୋକ ରହୁଥିବା କଲୋନି ୫ ବର୍ଷରେ ୩ ଥର ମରାମତି ଓ ୨ ଥର ରାସ୍ତା କାମ ହେଉଛି। କିନ୍ତୁ ୧୬ ନମ୍ବର ୱାର୍ଡର ଗୋରାମୁଣ୍ଡାରୁ ଗାନ୍ଧୀ ଛକ ଓ ଗାନ୍ଧିଛକରୁ ଅଗ୍ନିଶମ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଏହି ରାସ୍ତାରେ ବଡ଼ ବଡ଼ ଖାଲ ସହ କାଦୁଅ ପଚପଚ। ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛାଯିବା ପରେ ସଂକୀର୍ଣ୍ଣ ରାସ୍ତାକୁ ଆଣ୍ଠୁଏ ଲେଖାଏ ଖାଲ। ଗୋଟିଏ ଗାଡ଼ି ଗଲେ ବିପରୀତ ଦିଗରୁ ଆଉ ଗୋଟିଏ ଗାଡ଼ି ଆସିପାରୁନାହିଁ। ସେହିଭଳି ଗାନ୍ଧିଛକରୁ ମହିଳା ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ମଧ୍ୟ ହେଉନାହିଁ। ଗାନ୍ଧୀନଗରସ୍ଥିତ ଗାନ୍ଧିଛକକୁ ଚାରୋଟି ପ୍ରମୁଖ ରାସ୍ତା ସଂଯୋଗ କରୁଛି। ଛକ ନିକଟରେ ସଂଯୋଗୀକରଣ ଆପ୍ରୋଚ୍ ରାସ୍ତା ସମତୁଲ ନ ଥିବାରୁ ଛାତ୍ରୀଛାତ୍ର, ପଥିକ ଓ ଗାଡ଼ିମଟର ଆଦି ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତ। ଜନସାଧାରଣଙ୍କ ହିତ ପାଇଁ ଏହି ରାସ୍ତାଗୁଡ଼ିକ ତୁରନ୍ତ କିଭଳି ମରାମତି ହୋଇପାରିବ ସେ ନେଇ ପୌର ପ୍ରଶାସନ ଓ ଜିଲାପାଳ ଦୃଷ୍ଟିଦେବାକୁ ଦାବି ହେଉଛି ।



ଗାରାମୁଣ୍ଡାରୁ ଗାନ୍ଧିଛକ ରାସ୍ତା।

## ପୌରାଧ୍ୟକ୍ଷଙ୍କ ଗାଁ ରାସ୍ତା ପାଲଟିଛି ମରଣଯନ୍ତା

କୋରାପୁଟ, ୨୪।୫(ଅମିତାଭ ବେହେରା)



କୋରାପୁଟ ମେଡିକାଲ ଓ ଜାନିଗୁଡା ଦେଇ କୁମ୍ଭା ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲିଟିଛି। ଏହି ରାସ୍ତା କୋରାପୁଟ ପୌର ପରିଷଦ ଅଧ୍ୟକ୍ଷଙ୍କ ଗ୍ରାମ କୁମ୍ଭାକୁ ଯାଇଛି। ଦୀର୍ଘ ଦିନ ଧରି ଏହି ରାସ୍ତା ମରଣଯନ୍ତା ପାଲିଟିଥିବା ବେଳେ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୋରାପୁଟ ପୌର ପରିଷଦର ୧୭ ନମ୍ବର ୱାର୍ଡରେ ଥିବା ଏହି ରସ୍ତାଟି ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟଠାରୁ ଜାନିଗୁଡା ଗ୍ରାମ ଓ କୁମ୍ଭା ଗ୍ରାମ ଯାଏ ଯାଇଛି। ରାସ୍ତା ଉପରେ ପ୍ରତ୍ୟେହ ବହୁ ସଂଖ୍ୟାରେ ଲୋକ ନିର୍ଭର କରୁଛନ୍ତି। ଗାଡିମୋଟର ମଧ୍ୟ ଯାତାୟାତ କରୁଛି। ଏବେ ରାସ୍ତାଟି ଖାଲଖମାରେ ପରିଣତ ହୋଇ ଶୋଚନୀୟ ହୋଇପଡିଛି। ଟିକେ ବର୍ଷା ହେଲେ ରାସ୍ତାରେ ପାଣି ଜମି ଯାତାୟାତ କରିବା ଆହୁରି କଷ୍ଟକର ହୋଇପଡୁଛି। ବିଶେଷ କରି ନର୍ସିଂ ପାଠ ପଢୁଥିବା ଛାତ୍ରୀଛାତ୍ର ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତା କାର୍ଯ୍ୟ କରିବାକୁ ଦାବି ହେଉଛି। ଏନେଇ ପୌର ପରିଷଦ ସହକାରୀ ଯନ୍ତ୍ରୀ ସୁଧୀର ଦାଶଙ୍କୁ ପଚାରିବାରୁ ଉକ୍ତ ରାସ୍ତା କାର୍ଯ୍ୟ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କାର ଟେଣ୍ଡର ସରିଛି। କାର୍ଯ୍ୟ ପାଇଥିବା କଣ୍ଟ୍ରାକ୍ଟର କାମ ଆରମ୍ଭ କରୁନାହିଁ। ତେବେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେହିପରି ପୌରାଧ୍ୟକ୍ଷଙ୍କୁ ପଚାରିବାରୁ ଖୁବ ଶୀଘ୍ର ଏହି ରାସ୍ତା କାମ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ମୋକିଆ ଗାଁ ନିକଟରେ ବୁଲିଲା ଭାଲୁ
### -ସାହସ ଜୁଟାଇ ଜଙ୍ଗଲକୁ ଘଉଡ଼ାଇଲେ ଲୋକେ

ପାପଡ଼ାହାଣ୍ଡି, ୨୪।୫(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ଗାଁ ନିକଟରେ ଶୁକ୍ରବାର ଅପରାହ୍ନ ୪ଟାରେ ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ଭାଲୁଟି ଗାଁ ନିକଟକୁ ଚାଲି ଆସିଥିବା ସନ୍ଦେହ କରାଯାଉଛି। ଭାଲୁକୁ ଦେଖି ଲୋକେ ଭୟଭୀତ ହୋଇ ପାଟି କରିଥିଲେ। ପରେ ସାହସ ଜୁଟାଇ ଠେଙ୍ଗାବାଡ଼ି ଧରି ଭାଲୁକୁ ଘଉଡ଼ାଇଥିଲେ। ପେଟ ଫୁଲା ନାଳ ଦେଇ ଭାଲୁଟି ଜଙ୍ଗଲ ଆଡ଼କୁ ପଳାଇଥିଲା।

## ଚାଲାଣ ବେଳେ ଜଙ୍ଗଲରୁ କାଠ ଜବତ

ନନ୍ଦାହାଣ୍ଡି, ୨୪।୫ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଜଗନ୍ନାଥପୁର ବିଟ୍‌ର ଜଙ୍ଗଲରୁ ଚୋରାଚାଲାଣ ହେଉଥିବା କାଠକୁ ବନବିଭାଗ କର୍ମଚାରୀ ଜବତ କରିଛନ୍ତି। ଗୁରୁବାର ରାତି ପ୍ରାୟ ୧୦ଟାରେ ଜଗନ୍ନାଥପୁର ବିଟ ଅଧୀନ ଜଙ୍ଗଲରୁ ଟ୍ରାକ୍ଟରରେ କାଠ ଚୋରା ଚାଲାଣ ହେଉଥିବାର ଖବର ମିଳିଥିଲା। ତେନ୍ତୁଳିଖୁଣ୍ଟି ଫରେଷ୍ଟର ରିତେଶ ସୁନା, ଜଗନ୍ନାଥପୁର ଫରେଷ୍ଟ ବିଟ ଗାର୍ଡ ଭଗବାନ ଭତରା ଏବଂ ତେନ୍ତୁଳିଖୁଣ୍ଟି ଫରେଷ୍ଟ ବିଟ ଗାର୍ଡ ନାଗେନ୍ଦ୍ର ପୂଜାରୀ ସେଠାରେ ଚଢ଼ାଉ କରିଥିଲେ। ସେମାନେ କାଠ ବୋଝେଇ ହୋଇଥିବା ୩ଟି ଟ୍ରାକ୍ଟର (ଓଡି-୨୪ଏଫ୍-୯୬୫୪), (ଓଡି-୨୪ଇ-୬୯୨୯) (ଓଡି-୨୪-୧୬୮୭)କୁ ଜବତ କରି ନବରଙ୍ଗପୁର ଫରେଷ୍ଟ ରେଞ୍ଜ ଅଫିସକୁ ଆଣିଥିଲେ। ଉକ୍ତ ଗାଡ଼ିଗୁଡ଼ିକରେ ପ୍ରାୟ ଅଶି ହଜାର ଟଙ୍କାର ଜାଳେଣି କାଠ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। କେସ ନମ୍ବର ୪୦/୨୪, ୪୧/୨୪ ଓ ୪୨/୨୪ ରେ ୩ ପୃଥକ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଡ୍ରାଇଭରମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ଗୋପୀନାଥ ସାହୁ ସୂଚନା ଦେଇଛନ୍ତି।

## ଫୁଟୁଗାଁ, ବାରଙ୍ଗପଦରରେ ବାଲିଯାତ୍ରା ଉଦ୍‌ଯାପିତ



ତେନ୍ତୁଳିଖୁଣ୍ଟି, ୨୪।୫(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ଗ୍ରାମରେ ୯ ଦିନ ଧରି ଚାଲିଥିବା ଓ ନନ୍ଦାହାଣ୍ଡି ବ୍ଲକ ଫୁଟୁଗାଁରେ ୩ ମାସ ଧରି ଚାଲିଥିବା ପାଟ ବାଲିଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗ୍ରାମରେ ସୁଖ ଶାନ୍ତି ତଥା ଭଲ ଫସଲ ସହ ରୋଗରୁ ରକ୍ଷା ନେଇ ଏହି ଯାତ୍ରା ପାଳନ ହେଉଛି।

୯ ଦିନ ପୂର୍ବରୁ ଇନ୍ଦ୍ରାବତୀ ନଦୀରୁ ବାଲି ସଂଗ୍ରହ କାରଯାଇଥିଲା। ଗ୍ରାମର ଜାନି ପୂଜାରୀ ଏବଂ ଗୁରୁମାଇଙ୍କ ଦ୍ୱାରା ପୂଜାବିଧି ପରେ ମହିଳାମାନେ ନୂଆ ଟାଙ୍ଗୁଡ଼ିରେ ବାଲି ଆଣି ଗ୍ରାମ ମଝିରେ ଥିବା ବାଲି ଘରେ ସ୍ଥାପନ କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ବିଜ ବୁଣାଯାଇଥିଲା। ପ୍ରତ୍ୟେକ ଦିନ ବାଲିରେ ହଳଦୀ ପାଣି ଛିଞ୍ଚାଯାଏ। ୯ ଦିନ ଧରି ବାଲିଘର ଆଗରେ ଗ୍ରାମବାସୀ ଢେମ୍‌ସା ନୃତ୍ୟ କରିଥାନ୍ତି। ଏଥିସହ ଗୁରୁମାଇ ଗୀତ କଥା ଶୁଣାଇଥାନ୍ତି। ଶେଷ ଦିନ ଏକ ପଟୁଆର ମାଧ୍ୟମରେ ଏହି ଦୁଇ ଗ୍ରାମରେ ବାଲି ବିସର୍ଜନ ପର୍ବ କରାଯାଇଛି। ଏହି ବାଲିଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଏବଂ ନବରଙ୍ଗପୁର ବିଜେଡି ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, କଂଗ୍ରେସ ପ୍ରାର୍ଥୀ ଦିଲୀପ ପ୍ରଧାନୀ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବାରେଙ୍ଗପଦର ବାଲିଯାତ୍ରାରେ ଆଖପାଖ ଅଞ୍ଚଳରୁ ପ୍ରାୟ ୫ ହଜାର ଓ ଫୁଟୁଗାଁରେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ରାତିରେ ଆଞ୍ଚଳିକ ନୃତ୍ୟ ପରିବେଷଣ ହୋଇଥିବା ଫୁଟୁଗାଁ ଓ ବାରଙ୍ଗପଦର ବାଲିଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି।

# ରୋଗ ଦାଉରୁ ରକ୍ଷା, ଭଲ ଫସଲ ହେଉଥିବା ବିଶ୍ୱାସ

### ସରିଲା କୃଷିଭିତ୍ତିକ ପର୍ବ ବାଲିଯାତ୍ରା


କୋଡ଼ିଙ୍ଗା, ୨୪।୫(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ମହକୁମା ଛେଳିପଦର ଗ୍ରାମରେ ଶୁକ୍ରବାର ଐତିହାସିକ କୃଷିଭିତ୍ତିକ ପର୍ବ ବାଲିଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୨୦ବର୍ଷ ପରେ ଏହି ଯାତ୍ରା ପୁଣି ଥରେ ଆରମ୍ଭ ହୋଇଥିଲା। ଏହା ୩ମାସ ଧରି ଚାଲିଥିଲା।ଏହି ବାଲିଯାତ୍ରା ପାଳନ ଦ୍ୱାରା ଗ୍ରାମର ସମସ୍ତ ଦେବଦେବୀ ସନ୍ତୁଷ୍ଟ ହୋଇ ଗ୍ରାମବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସହ ଫସଲକୁ ରୋଗ ଦାଉରୁ ରକ୍ଷା କରିଥାନ୍ତି ବୋଲି ବିଶ୍ୱାସ ରହିଛି।

ବାଲିଯାତ୍ରାର ପ୍ରଥମ ଦିନ ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ ବାଲି ଛାମୁଡାଠାରୁ ମୁଣ୍ଡରେ ବାଲି ଟାଙ୍ଗୁଡ଼ି, ଶିରା ପୂଜାରୀ, ଲାଠି, କୁର୍ଚି, ବାଜା ବାଜଣା ସହ ବାହାରି ବାଲିଭଙ୍ଗାକୁ ଯାଇଥିଲେ। ସେଠାରେ ଶ୍ରୀ ଧାଙ୍ଗଡା ଭୀମା ଦେବ ଓ କନ୍ଦନୀ ଦେବୀଙ୍କ ନିକଟରେ ଗ୍ରାମର ମଙ୍ଗଳ କାମନା ସହ କୃଷିର ଉନ୍ନତି ସମେତ ଭଲ ବର୍ଷା ନିମନ୍ତେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗ୍ରାମର ସମସ୍ତେ ସ୍ଥାନୀୟ ଏକ ପୋଖରୀ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା ଭୀମା ଓ କନ୍ଦନୀ ଦେବତା ପ୍ରତିମୂର୍ତ୍ତି ଖୋଜି ବାହାର କରିଥିଲେ। ଦ୍ୱିତୀୟ ଦିନରେ ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ବାଲିକଟା ପର୍ବପାଳନ କରାଯାଇଥିଲା। ଶେଷ ଦିନରେ ଶ୍ରଦ୍ଧାଳୁମାନେ ବାଲିଭଙ୍ଗାରୁ ବାଲି ଟାଙ୍ଗୁଡ଼ି ଆଣି ଗାଁ ମୁଣ୍ଡରେ ଥିବା ଆସ୍ଥାନରେ ବିସର୍ଜନ କରିଥିଲେ। ଏହି ଯାତ୍ରାରେ ବଳରାମ ପୂଜାରୀ, ପର୍ଶୁରାମ ପୂଜାରୀ, ରଇନୁ ପୂଜାରୀ, ପିଣ୍ଟୁ ନାୟକ, ଯୁଗଳ ନାୟକ, ଲୋକନାଥ ପୂଜାରୀ, ପ୍ରଭାକର ଶତପଥୀ, କମଳସିଂ ଭତ୍ରା, ଯୁଧିଷ୍ଠିର ଭତ୍ରା ପୂଜାର୍ଚ୍ଚନା କରିଥିଲେ। ଛେଳିପଦର ବାଲିଯାତ୍ରା କମିଟି ଏହାକୁ ତଦାରଖ କରିଥିଲେ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ ଦେଶିଆ ନାଟକ ପରିବେଷଣ କରାଯାଇଥିଲା ।



ଶ୍ରଦ୍ଧାଳୁମାନେ ବାଲିଭଙ୍ଗାରୁ ବାଲି ଟାଙ୍ଗୁଡ଼ି ଆଣି ବିସର୍ଜନ କରିବାକୁ ଯାଉଛନ୍ତି।



# ରାଫାହ ବର୍ବରତା ବନ୍ଦ କର: ଆଇସିଜେ


ଇସ୍ରାଏଲ ଆକ୍ରମଣରେ ଧ୍ୱଂସସ୍ତୁପ ପାଲଟିଛି ରାଫାହ।


ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ।

**ହେଗ୍,୨୪।୫**

ଗାଜା ସିଟିର ରାଫାହରେ ବୋମା ବର୍ଷଣ ଓ ରକେଟ ମାଡ଼ ତୁରନ୍ତ ବନ୍ଦ କରିବା ପାଇଁ ନେଦରଲାଣ୍ଡସ୍ଥିତ ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ ଶୁକ୍ରବାର ଇସ୍ରାଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହି ଦକ୍ଷିଣାଞ୍ଚଳ ବସତିରେ ଅସ୍ତ୍ରବିରତି ରୋକିବା ଉପରେ କିଛି କହି ନାହାନ୍ତି। ଇସ୍ରାଏଲ୍ ଏହି ରାୟକୁ ମାନି ନ ପାରେ। ତେବେ ଆଇସିଜେଙ୍କ ନିର୍ଦ୍ଦେଶ ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ଅନ୍ତର୍ଜାତୀୟ ଚାପ ବୃଦ୍ଧି ପାଇପାରେ। ଗତବର୍ଷ ଅକ୍ଟୋବର ୭ରେ ହମାସ୍ ପକ୍ଷରୁ ଇସ୍ରାଏଲ ଉପରେ ଆକ୍ରମଣ କରାଯାଇଥିଲା। ଏଥିରେ ୧,୨୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହମାସ୍ ଆତଙ୍କବାଦୀମାନେ ୨୫୦ରୁ ଅପହରଣ କରି ପଣବନ୍ଦୀ ରଖିଥିଲେ। ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଇସ୍ରାଏଲ ୭ ମାସ ଧରି ଆକ୍ରମଣ ଜାରି ରଖିଛି। ଏଥିରେ ୩୫,୦୦୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ଗାଜା ଜନସଂଖ୍ୟାର ୨.୩ ନିୟୁତ ଲୋକ ବିସ୍ଥାପିତ ହୋଇ ଅନ୍ୟତ୍ର ପଳାୟନ କଲେଣି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ରାଫାହର ଶରଣାର୍ଥୀ ଶିବିରଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ପାଲେଷ୍ଟିନୀୟଙ୍କୁ ଜରୁରୀ ସହାୟତା ପ୍ରଦାନ ପାଇଁ ଜାତିସଂଘ ନେତୃତ୍ୱରେ ଚାଲିଥିବା ଅନ୍ତର୍ଜାତୀୟ ଉଦ୍ୟମରେ ଇସ୍ରାଏଲ ବାଧକ ସାଜିଛି। ଇସ୍ରାଏଲୀ ସେନା ଏବେ ବି ଉକ୍ତ ଅଞ୍ଚଳରେ ରକେଟ ମାଡ଼ କରୁଛି। ଦକ୍ଷିଣ ଆଫ୍ରିକା ଇସ୍ରାଏଲର ଏହି ସାମରିକ ବର୍ବରତାକୁ ନିନ୍ଦାକରି ଆଇସିଜେରେ ପିଟିଶନ ଦାଖଲ କରିଥିଲା। ସୋମବାର ପ୍ରସିକ୍ୟୁଟର୍ସ ଅଫିସ୍ ପକ୍ଷରୁ ନେତାନ୍ୟାହୁ, ତାଙ୍କ ପ୍ରତିରକ୍ଷା ମୁଖ୍ୟ ୟୋଆଭ୍ ଗାଲାଣ୍ଟ ଏବଂ ୩ ଜଣ ହମାସ୍ ନେତାଙ୍କ ବିରୋଧରେ ଯୁଦ୍ଧ ଅପରାଧ ଏବଂ ମାନବଜାତି ବିରୋଧରେ ଅପରାଧ ଘଟାଇବା ଅଭିଯୋଗରେ ଗିରଫ ପରୱାନା ଜାରି କରାଯାଉ ବୋଲି ଆଇସିଜେରେ ଦାବି କରାଯାଇଥିଲା। ଇତିମଧ୍ୟରେ ବୁଧବାର ନରୱେ, ସ୍ପେନ୍ ଓ ଆୟର୍ଲାଣ୍ଡ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଏହାର ପ୍ରତିବାଦରେ ଉକ୍ତ ୩ ୟୁରୋପୀୟ ଦେଶରୁ ଇସ୍ରାଏଲ ନିଜ କୂଟନୀତିଜ୍ଞମାନଙ୍କୁ ଫେରାଇ ନେଇଛି। ଏଭଳି ସମୟରେ ଜାତିସଂଘର ଶୀର୍ଷ ଅଦାଲତ ଆଇସିଜେ ଉପରୋକ୍ତ ରାୟ ଶୁଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ରୋକିବା ପାଇଁ ମଧ୍ୟ ଆଇସିଜେ ମସ୍କୋକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରୁଷିଆ ଆଇସିଜେ ରାୟକୁ ଅଣଦେଖା କରିଥିଲା। ତେଣୁ ଆଇସିଜେ ରାୟକୁ ଇସ୍ରାଏଲ ମାନିବ ନାହିଁ ବୋଲି ପୂର୍ବରୁ ସଙ୍କେତ ଦେଇଥିଲା। ପୃଥିବୀର କୌଣସି ଗାଜାରେ ଅପରେଶନ୍ ରୋକିପାରିବ ନାହିଁ ବୋଲି ନେତାନ୍ୟାହୁ କହିଥିଲେ।

# ୧୧ କୋଟି ଭୋଟର ପ୍ରତିନିଧି ବାଛିବେ

**ନୂଆଦିଲ୍ଲୀ,୨୪।୫**

**ଆଜି ଷଷ୍ଠ ପର୍ଯ୍ୟାୟ ନିର୍ବାଚନ**
**୫୮ ଆସନରେ ୮୮୯ ପ୍ରାର୍ଥୀ**

| |
|---|
| ଆପରାଧିକ ମାମଲା: ୧୮୩ ପ୍ରାର୍ଥୀ |
| କୋଟିପତି: ୩୪୩ |
| ମହିଳା: ୯୪ |
| ସ୍ନାତକ ଓ ତଦୂର୍ଦ୍ଧ୍ୱ: ୪୯୫ |
| ହାରାହାରି ସମ୍ପତ୍ତି: ୬.୧୨କୋଟି ଟଙ୍କା |
| ପ୍ରାର୍ଥୀଙ୍କ ହାରାହାରି ବୟସ: ୪୮ |

ଅଷ୍ଟାଦଶ ଲୋକ ସଭାର ୫୪୩ ଆସନ ପାଇଁ ନିର୍ବାଚନ ସରିବାକୁ ବସିଲାଣି। ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୪୨୮ ଲୋକ ସଭା ଆସନରେ ପ୍ରଥମ ୫ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇସାରିଥିବାବେଳେ ଶନିବାର ଷଷ୍ଠ ପର୍ଯ୍ୟାୟରେ ୫୮ ସଂସଦୀୟ କ୍ଷେତ୍ରରେ ଭୋଟ ଗ୍ରହଣ କରାଯିବ। ଅବଶିଷ୍ଟ ୫୭ ଆସନ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ଭୋଟ ଜୁନ୍ ୧ରେ ହେବ। ସମସ୍ତ ୭ଟିଯାକ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି ଆସନ୍ତା ୪ରେ କରାଯିବ।

୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୮ ଆସନରେ ଶନିବାର ନିର୍ବାଚନ ହେବ। ଏଥିସହ ଦେଶର ୪୮୬ ଆସନରେ ଭୋଟ ଗ୍ରହଣ ସମ୍ପୂର୍ଣ୍ଣ ହେବ। ଷଷ୍ଠ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ୧୪, ହରିୟାଣା, ୧୦, ବିହାର ୮, ପଶ୍ଚିମବଙ୍ଗ ୮, ଦିଲ୍ଲୀ ୭, ଓଡ଼ିଶା ୬, ଝାଡ଼ଖଣ୍ଡ ୪ ଓ ଜମ୍ମୁ-କଶ୍ମୀରର ଅନନ୍ତନାଗ-ରାଜୌରି ଆସନ ରହିଛି। ୧୧.୧୩ କୋଟି ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ନିଜ ପ୍ରତିନିଧି ବାଛିବେ। ଏଥିସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ(ଇଭିଏମ୍)ରେ ଆଉ ୮୮୯ ପ୍ରାର୍ଥୀଙ୍କ ଭବିଷ୍ୟତ ସିଲ୍ ହୋଇଯିବ। ମତଦାତାଙ୍କ ମଧ୍ୟରୁ ୫.୮୪ କୋଟି ପୁରୁଷ, ୫.୨୯ କୋଟି ମହିଳା ଏବଂ ୫,୧୨୦ ଜଣ ହେଉଛନ୍ତି ତୃତୀୟ ଲିଙ୍ଗୀ। ନିର୍ବାଚନ କମିଶନ ଦିଲ୍ଲୀ, ଗୁରୁଗ୍ରାମ ଓ ଫରିଦାବାଦର ସହରୀ ଭୋଟରଙ୍କୁ ଘରୁ ବାହାରି ମତଦାନ କରିବାକୁ ପରାମର୍ଶ ଦେଇଛନ୍ତି।

୨୦୧୯ ସାଧାରଣ ନିର୍ବାଚନ ବେଳେ ଏହି ୫୮ ଆସନ ମଧ୍ୟରୁ ଏନ୍‌ଡିଏ ୪୫ଟିରେ ବିଜୟୀ ହୋଇଥିଲା, ଯହିଁରୁ କେବଳ ଭାଜପାକୁ ୪୦ରେ ସଫଳତା ମିଳିଥିଲା। କଂଗ୍ରେସ ଗୋଟିଏ ବି ଆସନ ଦଖଲ କରିପାରି ନ ଥିଲା। ବର୍ତ୍ତମାନ ଇଣ୍ଡିଆ ବ୍ଲକ୍‌ରେ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି), ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ମେଣ୍ଟ ବାହାରେ ଥିବା ବିଜୁ ଜନତା ଦଳ (ବିଜେଡି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପ୍ରାର୍ଥୀ ଜିତିଥିଲେ। ଭୋଟ ହାରକୁ ଦେଖିଲେ ଏନ୍‌ଡିଏକୁ ୫୧.୩୬% ଏବଂ ଇଣ୍ଡିଆ ଦଳଗୁଡ଼ିକ୨୮.୬୬% ସମର୍ଥନ ପାଇଥିଲେ। ୨୦୧୪ରେ ଏହି ଆସନଗୁଡ଼ିକ ମଧ୍ୟରୁ ୩୯ଟିରେ ଏନ୍‌ଡିଏ ଏବଂ ୧୧ ସିଟ୍‌ରେ ଇଣ୍ଡିଆ ବ୍ଲକ୍ ଦଳଗୁଡ଼ିକୁ ସଫଳତା ମିଳିଥିବାବେଳେ ଅନ୍ୟ ଦଳର ପ୍ରାର୍ଥୀ ୮ ଆସନ ଦଖଲ କରିଥିଲେ।

# ଟାଇୱାନକୁ ଚାଇନାର ଯୁଦ୍ଧ ଧମକ

**ବେଜିଂ,୨୪।୫**

ଚାଇନା ଶୁକ୍ରବାର ଟାଇୱାନକୁ ଯୁଦ୍ଧ ଧମକ ଦେଇଛି। ଟାଇୱାନକୁ ଦଖଲ କରି ଚାଇନା ଭୂଖଣ୍ଡରେ ମିଶାଇବା ପର୍ଯ୍ୟନ୍ତ ବେଜିଂ ଏହାର ପ୍ରତିଶୋଧମୂଳକ ପଦକ୍ଷେପ ଜାରି ରଖିବ ବୋଲି କହିଛି। ସ୍ୱୟଂଶାସିତ ଟାଇୱାନ୍‌କୁ ଚାଇନା ସୈନ୍ୟ ଚାରିପଟୁ ଘେରି ସମରାଭ୍ୟାସ ଚଳାଇଛନ୍ତି। ଶୁକ୍ରବାର ଦ୍ୱିତୀୟ ଦିନ ପାଇଁ ଚାଇନାର ଯୁଦ୍ଧଜାହାଜ ଓ ଲଢୁଆ ବିମାନଗୁଡ଼ିକ ଟାଇୱାନ ଚାରିପଟେ ଘୂରିବୁଲୁଛନ୍ତି। ଏହି ସମରାଭ୍ୟାସ ଦ୍ୱୀପକୁ ଦଖଲ କରିବା ସାମର୍ଥ୍ୟର ଏକ ପରୀକ୍ଷା ବୋଲି ବେଜିଂ କହିଛି। ସୂଚନାଯୋଗ୍ୟ, ନୂଆ ରାଷ୍ଟ୍ରପତି ଲାଇ ଚିଙ୍ଗ୍-ଟେ ସୋମବାର ଶପଥ ନେବା ପରେ ସ୍ୱୟଂଶାସିତ ଟାଇୱାନକୁ ଚାଇନା ସେନା ଧମକ ଦେବା ବନ୍ଦ କରୁ ବୋଲି ତାଙ୍କର ପ୍ରଥମ ଭାଷଣରେ କହିଥିଲେ। ଟାଇୱାନର ବାସ୍ତବ ସ୍ୱାଧୀନତା ନୀତିକୁ ବଜାୟ ରଖିବା ସହ ଦେଶର ସାମରିକ କ୍ଷମତା ବଢ଼ାଇବାକୁ ସେ ଗୁରୁତ୍ୱ ଦେଇଥିଲେ, ଯାହା ବେଜିଂକୁ କ୍ଷୁବ୍ଧ କରିଛି। ଏହାର ପ୍ରତିଶୋଧ ସ୍ୱରୂପ ଗୁରୁବାରଠାରୁ ଚାଇନା ସେନା ଜୋର୍‌ଦାର ସମରାଭ୍ୟାସ ଚଳାଇଛି। ଏକ-ଚାଇନା ନୀତିକୁ ଲାଇ ଗମ୍ଭୀର ଭାବେ ଚ୍ୟାଲେଞ୍ଜ କରିଥିବା ଶୁକ୍ରବାର ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଉ କିଆନ୍ କହିଛନ୍ତି। ଟାଇୱାନ ସ୍ୱାଧୀନତା ସବୁବେଳେ ଆମକୁ ଉତ୍ତେଜିତ କରିଛି। ଆମେ ଆମର ପ୍ରତିଶୋଧ ପଦକ୍ଷେପକୁ ଆଉ ପାଦେ ବଢ଼ାଇଛୁ। ମାତୃଭୂମିର ପୁନଃଏକତ୍ରୀକରଣ ହାସଲ କରିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କିଆନ୍ କହିଛନ୍ତି।


ହିମାଚଳପ୍ରଦେଶର ମଣ୍ଡିରେ ଶୁକ୍ରବାର ଏକ ନିର୍ବାଚନୀ ସଭା ପୂର୍ବରୁ ଭାଜପା ପ୍ରାର୍ଥୀ କଙ୍ଗନା ରାନାୱତ୍ ଗୋଲାପ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି।

# ଜେଲ ଗଲେ ବିଭବ କୁମାର

**ନୂଆଦିଲ୍ଲୀ,୨୪।୫**

**ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାମଲା**



ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏମ୍‌ପି ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହଯୋଗୀ ବିଭବ କୁମାରଙ୍କୁ ଦିଲ୍ଲୀର ତିସ୍‌ହଜାରୀ କୋର୍ଟ ଶୁକ୍ରବାର ୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଗତ ସପ୍ତାହରେ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରିଥିଲା। ସ୍ୱାତୀଙ୍କ ଅଭିଯୋଗ ମିଥ୍ୟା ଦର୍ଶାଇ ସିସିଟିଭି ଫୁଟେଜ ଏବଂ ଡିଭିଆର୍‌ଗୁଡ଼ିକୁ ସଂଗ୍ରହ କରି ସଂରକ୍ଷିତ ରଖିବା ପାଇଁ ବିଭବଙ୍କ ଓକିଲ ଅଦାଲତଙ୍କୁ ନିବେଦନ କରିଥିଲେ। ମାମଲା ତଦନ୍ତାଧୀନ ଥିବାରୁ ବିଭବଙ୍କ ଓକିଲ କରିଥିବା ଆବେଦନକୁ ସରକାର ଓକିଲ ବିରୋଧ କରିଥିଲେ।

# ହନିଟ୍ରାପ୍‌ରେ ଫସିଥିଲେ ବାଂଲାଦେଶୀ ଏମ୍‌ପି

**କୋଲକାତା,୨୪।୫**

**ହତ୍ୟା ପରେ ଖଣ୍ଡ ଖଣ୍ଡ କରି ଫିଙ୍ଗିଥିଲେ**



ବାଂଲାଦେଶ ଏମ୍‌ପି ଅନୱରୁଲ ଅଜିମ୍ ଅନୱରଙ୍କୁ କୋଲକାତାରେ ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ପାଇଁ ହତ୍ୟାକାରୀ ତାଙ୍କ ମୃତଦେହରୁ ଚର୍ମ ଓ ମାଂସ ଉତ୍ତାରିବା ପରେ ହାଡ଼କୁ ଖଣ୍ଡ ଖଣ୍ଡ କରି ସହରର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ପଶ୍ଚିମବଙ୍ଗ ଅପରାଧ ତଦନ୍ତ ବିଭାଗ (ସିଆଇଡି) ହତ୍ୟାରେ ସମ୍ପୃକ୍ତ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିବା ପରେ ଉପରୋକ୍ତ ଘଟଣା ସାମ୍ନାକୁ ଆସିଛି। ସନ୍ଦିଗ୍ଧ ଜିହାଦ ହାଲଦର ଜଣେ ପେସାଦାର କଂସେଇ। ତାଙ୍କ ଘର ବାଂଲାଦେଶର ଖୁଲ୍‌ନା ଜିଲାରେ ହୋଇଥିବାବେଳେ ସେ ବେଆଇନ ଭାବେ ଆସି ମୁମ୍ବାଇରେ ରହୁଥିଲେ। ଏମ୍‌ପି ଅନୱରଙ୍କୁ ହତ୍ୟା କରିବା ପାଇଁ ତାଙ୍କ ବନ୍ଧୁ ତଥା ଆମେରିକା ନାଗରିକ ଅଖତରୁଜମାନ ୫ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଅଭିଯୁକ୍ତ ହାଲଦରଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ। ତାଙ୍କୁ ଅଖତରୁଜମାନ କୋଲକାତା ଆଣି ଏକ ହୋଟେଲରେ ରଖିଥିଲେ। ହାଲଦର ଆଉ ୪ ଜଣଙ୍କ ସହ ମିଶି ଏମ୍‌ପିଙ୍କୁ ହତ୍ୟା କରିଥିବା ସିଆଇଡି ନିକଟରେ ସ୍ୱୀକାର କରିଛନ୍ତି। ଖଣ୍ଡିତ ମୃତଦେହକୁ ବ୍ୟାଗରେ ନେଇ ବିଭିନ୍ନ ସ୍ଥାନରେ ଫିଙ୍ଗିବା ପରେ ହତ୍ୟାକାରୀମାନେ ସହରର ଭିନ୍ନ ଭିନ୍ନ ସ୍ଥାନକୁ ପଳାଇଥିଲେ।

ହତ୍ୟାକାଣ୍ଡ ପୂର୍ବରୁ ବାଂଲାଦେଶୀ ଏମ୍‌ପିଙ୍କୁ ହନିଟ୍ରାପ୍‌ରେ ଫସାଯାଇଥିଲା। ମିଛ ପ୍ରେମଜାଲରେ ଫସାଇଥିବା ମହିଳା ଶିଲାନ୍ତି ରହମାନଙ୍କୁ ଢାକା ପୋଲିସ ଅଟକ ରଖିଛି। ସେ ମୁଖ୍ୟ ଅଭିଯୁକ୍ତ ଅଖତରୁଜମାନଙ୍କ ବାନ୍ଧବୀ ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡ ଦିନ ଅଖତରୁଜମାନ କୋଲକାତାରେ ଥିଲେ। ପରେ ସେ ମୁଖ୍ୟ ହତ୍ୟାକାରୀ ଅମନୁଲ୍ଲା ଅମନଙ୍କୁ ନେଇ ଢାକା ପଳାଇଥିଲେ।

# ମତଦାନ ତଥ୍ୟ ଅପ୍‌ଲୋଡ୍ ନିର୍ଦ୍ଦେଶ ଦେଲେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୪।୫(ପି.ଟି.)**



ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ବୁଥ୍‌ୱାରି ମତଦାନ ତଥ୍ୟ ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ନିର୍ବାଚନ ବେଳେ ବ୍ୟବହାରିକ ଦୃଷ୍ଟିକୋଣ ଗ୍ରହଣ କରିବା ଆବଶ୍ୟକ ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ ୨ ପର୍ଯ୍ୟାୟ ବାକି ରହିଛି। ଏଭଳି ସମୟରେ ଭୋଟ ହାର ସମ୍ପର୍କିତ ତଥ୍ୟ ଅପ୍‌ଲୋଡ୍ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ। କାରଣ ନିର୍ବାଚନ କମିଶନଙ୍କ ପକ୍ଷେ ଏଥିପାଇଁ ଲୋକ ଯୋଗାଇବା କଷ୍ଟକର ହୋଇପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଦାଏର ଇଣ୍ଟରଲୋକ୍ୟୁଟୋରି ଆପ୍ଲିକେଶନ (ଆଇଏ)କୁ ଅଦାଲତ ସ୍ଥଗିତ ରଖିଛନ୍ତି। ନିର୍ବାଚନ ପରେ ନିୟମିତ ଖଣ୍ଡପୀଠରେ ଉକ୍ତ ପିଟିଶନ୍ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବ। ଉକ୍ତ ପ୍ରସଙ୍ଗରେ ୨୦୧୯ରୁ ପଡ଼ିରହିଥିବା ମୁଖ୍ୟ ପିଟିଶନ ସହ ଉକ୍ତ ପିଟିଶନ୍‌ର ଆବେଦନକାରୀ ସମାନ ବୋଲି ଜଣାପଡୁଥିବା ଖଣ୍ଡପୀଠ କହିଛନ୍ତି। ନିର୍ବାଚନ ପରେ ପୂର୍ବରୁ ବିଚାରାଧୀନ ଥିବା ରିଟ୍ ପିଟିଶନ ସହ ଉକ୍ତ ଆଇଏର ଶୁଣାଣି କରାଯିବ। ମଧ୍ୟଭାଗରେ ନିର୍ବାଚନ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଇସିଙ୍କ ଉପରେ ଅଧିକ ଚାପ ପକାଯାଇପାରିବ ନାହିଁ, ଏହି ବାସ୍ତବତାକୁ ବୁଝିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ।

ଭୋଟ ଗ୍ରହଣର ୪୮ ଘଣ୍ଟା ମଧ୍ୟରେ ବୁଥ୍‌ୱାରି ମତଦାନ ସମ୍ପର୍କିତ ତଥ୍ୟ ନିର୍ବାଚନ କମିଶନ ଏହାର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ଏଡିଆର୍ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ଗତ ୧୭ ତାରିଖରେ ସର୍ବୋଚ୍ଚ ଅଦାଲତ ଇସିଙ୍କୁ ଜବାବ ମାଗିଥିଲେ। ୨୦୧୯ରେ ଏଡିଆର୍ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରି ମତଦାନ ପରେ ସବୁ ବୁଥ୍‌ର ଫର୍ମ-୧୭ସି ଭାଗ-୧ (ରେକର୍ଡ ହୋଇଥିବା ଭୋଟ୍ ହିସାବ)ର ସ୍କାନ୍ ହୋଇଥିବା ନକଲ ଅପ୍‌ଲୋଡ୍ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ନିର୍ବାଚନ କମିଶନ ଏକ ସତ୍ୟପାଠ ଜରିଆରେ ଏନ୍‌ଜିଓର ଦାବିକୁ ବିରୋଧ କରିଥିଲେ। ସାଧାରଣ ନିର୍ବାଚନ ଚାଲିଥିବାବେଳେ ବୁଥ୍‌ୱାରି ମତଦାନ ତଥ୍ୟ ପ୍ରଘଟ କରିବା ଦ୍ୱାରା ନିର୍ବାଚନ କଳରେ ଅବ୍ୟବସ୍ଥା ସୃଷ୍ଟି ହେବ ବୋଲି ଇସି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

# ଜାହାଜର ୧୦ ଟଙ୍କିଆ ନୋଟ୍ ନିଲାମ ହେବ

**୧୯୧୮ରେ ଜଳସମାଧି ନେଇଥିଲା ଏସ୍‌ଏସ୍ ଶିରାଲା**

**ନୂଆଦିଲ୍ଲୀ:** ୧୯୧୮ରେ ବ୍ରିଟିଶ୍-ଭାରତୀୟ ମୁଦ୍ରା, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବମ୍ବେରୁ ଲଣ୍ଡନ ଯାଉଥିବା ଏସ୍‌ଏସ୍ ଶିରାଲା ନାମକ ଜାହାଜ ଜର୍ମାନ ୟୁ-ବୋଟ୍‌ରୁ ଛଡ଼ାଯାଇଥିବା ଟର୍ପେଡୋ ମାଡ଼ରେ ବୁଡ଼ିଯାଇଥିଲା। ଜାହାଜରେ ମଦ, ଜାମ୍ ଓ ଜେଲି ଆଦି ରହିଥିଲା। ଆୟର୍ଲାଣ୍ଡ ଉପକୂଳରେ ବୁଡ଼ିଥିବା ଉକ୍ତ ଜାହାଜରୁ ବିଭିନ୍ନ ସାମଗ୍ରୀ ସମେତ ୨ଟି ୧୦ ଟଙ୍କିଆ ଭାରତୀୟ ନୋଟ୍‌କୁ ଉଦ୍ଧାର କରାଯାଇଥିଲା। ଉକ୍ତ ବିରଳ ନୋଟ୍ ଲଣ୍ଡନର ନାନାଜ୍ ମେ'ଫେୟାର ଅକ୍ସନ ହାଉସ୍‌ରେ ଆସନ୍ତା ୨୯ ତାରିଖରେ ନିଲାମ ହେବାକୁ ଯାଉଛି। ଏହା ୨,୦୦୦ରୁ ୨,୬୦୦ ପାଉଣ୍ଡରେ ବିକ୍ରି ହେବା ଆଶା କରାଯାଉଛି।







# ପେଙ୍ଗୁଇନ୍‌କୁ ମିଳିଥିଲା ଲକ୍ଷେରୁ ଅଧିକ ଭୋଟ

ନିର୍ବାଚନରେ ପୁରୁଷ କିମ୍ବା ମହିଳା ପ୍ରାର୍ଥୀ ହୋଇଥାନ୍ତି। କେବେ ପଶୁ-ପକ୍ଷୀ ନିର୍ବାଚନ ଲଢୁଥିବା ଦେଖିଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଏକ ପକ୍ଷୀକୁ ବ୍ରାଜିଲର ଏକ ନିର୍ବାଚନରେ ଟିକେଟ ମିଳିଥିଲା। ପକ୍ଷୀଟିକୁ ୧ ଲକ୍ଷରୁ ଅଧିକ ଭୋଟ ମିଳିଥିଲା। ଅନେକ ଦେଶର ପଞ୍ଚାୟତ ଓ ପୌର ନିର୍ବାଚନରେ ମଣିଷଙ୍କ ବ୍ୟତୀତ ପଶୁପକ୍ଷୀ ସାଙ୍କେତିକ ଭାବରେ ନିର୍ବାଚିତ ହୋଇଛନ୍ତି। ୧୯୬୭ରେ ବ୍ରାଜିଲର ରିଓ ଡି ଜେନେରିଓରେ ଏକ ଦେଢ ଫୁଟ ଉଚ୍ଚର ପେଙ୍ଗୁଇନ ମେୟର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ରାଇନୋସୋରେଶ ନାମକ ଏକ ପାର୍ଟି ପେଙ୍ଗୁଇନକୁ ଟିକେଟ ଦେଇଥିଲା। କୌତୁହଳର ବିଷୟ ସେହି ନିର୍ବାଚନରେ ପେଙ୍ଗୁଇନକୁ ଏକ ଲକ୍ଷରୁ ଅଧିକ ଭୋଟ ମିଳିବା ସହ ଏହି ପକ୍ଷୀଟି ବିଜୟୀ ହୋଇଥିଲା।

# ମହୀଶୂରର ଫିଲ୍ମ ନିର୍ମାତାଙ୍କୁ କାନ୍ସ ଲା ସିନେଫ୍ ପ୍ରଥମ ପୁରସ୍କାର

**କାନ୍ସ,୨୪।୫(ପି.ଟି.)**




୭୭ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଭାରତକୁ ବଡ଼ ସଫଳତା ମିଳିଛି। ମହୀଶୂରର ଫିଲ୍ମ ନିର୍ମାତା ଚିଦାନନ୍ଦ ଏସ୍ ନାଏକଙ୍କ କ୍ଷୁଦ୍ର ଚଳଚ୍ଚିତ୍ର 'ସନ୍‌ଫ୍ଲାୱାର୍ସ ୱେୟାର ଦି ଫାଷ୍ଟ ୱାନ୍ସ ଟୁ ନୋ' ଗୁରୁବାର ଲା ସିନେଫ ପ୍ରଥମ ପୁରସ୍କାର ପାଇଛି। ପୁଣେର ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ଟେଲିଭିଜନ ବିଭାଗରେ ନିଜର ବର୍ଷିକିଆ ପାଠ୍ୟକ୍ରମ ଶେଷ କରିବା ପରେ ଚିଦାନନ୍ଦ ଉକ୍ତ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। କୁକୁଡ଼ା ଚୋରି କରିଥିବା ଜଣେ ବୃଦ୍ଧାଙ୍କ ଉପରେ ରହିଥିବା କନ୍ନଡ଼ ଲୋକକଥା ଆଧାରରେ ଉକ୍ତ ଫିଲ୍ମ ପ୍ରସ୍ତୁତ ହୋଇଛି। ଲା ସିନେଫ୍ ତୃତୀୟ ପୁରସ୍କାର ମାନସୀ ମାହେଶ୍ୱରୀଙ୍କ ଆନିମେଶନ ଫିଲ୍ମ 'ବୁନିଉଡ୍'କୁ ମିଳିଛି। ମିରଟରେ ଜନ୍ମିତ ଏବଂ ଦିଲ୍ଲୀ ଏନ୍‌ଆଇଏଫ୍‌ଟିରେ ପଢ଼ିଥିବା ମାହେଶ୍ୱରୀ ବ୍ରିଟେନ ନ୍ୟାଶନାଲ ଫିଲ୍ମ ଆଣ୍ଡ ଟେଲିଭିଜନ ସ୍କୁଲ୍‌ର ଛାତ୍ରୀ ଭାବେ ଏହି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଦ୍ୱିତୀୟ ପୁରସ୍କାର ଦୁଇଟି ଫିଲ୍ମ ମଧ୍ୟରେ ଭାଗ କରାଯାଇଛି। କଲମ୍ବିଆ ୟୁନିଭର୍ସିଟିରେ ଅସ୍ୟା ସେଗାଲୋଭିଚ୍‌ଙ୍କ ନିର୍ଦ୍ଦେଶିତ 'ଆଉଟ୍ ଅଫ୍ ଦି ୱାଟୋ ଥ୍ରୁ ଦି ୱାଲ୍' ଏବଂ ଆରିଷ୍ଟଟଲ ୟୁନିଭର୍ସିଟିର ନିକୋସ୍ କୋଲିଉକୋସଙ୍କ 'ଦି ଚାଓସ ଶି ଲେଫ୍ଟ ବିହାଇଣ୍ଡ' ମିଳିତ ଭାବେ ଏହି ପୁରସ୍କାର ପାଇଛନ୍ତି। ପ୍ରଥମ ପୁରସ୍କାର ବିଜେତାଙ୍କୁ ୧୫,୦୦୦ ୟୁରୋ ମିଳିବାକୁ ଥିବାବେଳେ ଦ୍ୱିତୀୟ ପୁରସ୍କାର ବାବଦରେ ୧୧,୨୫୦ ଏବଂ ତୃତୀୟ ପୁରସ୍କାର ବିଜେତାଙ୍କୁ ୭,୫୦୦ ୟୁରୋ ମିଳିବ।

# ମାଟି ଅତଡ଼ା ତଳେ ଚାପିହୋଇ ଜଣେ ମୃତ, ଜଣେ ଗୁରୁତର

## ଭାରତମାଳା ପ୍ରକଳ୍ପ ଟନେଲ କାର୍ଯ୍ୟସ୍ଥଳୀରେ ଦୁର୍ଘଟଣା

ପଜାଙ୍ଗି,୨୪।୫(ଶରତ ଧଳ)

ଛତିଶଗଡ଼ରୁ ଆନ୍ଧ୍ର ବିଶାଖାପାଟଣାକୁ ସଂଯୋଗ କରୁଥିବା ଭାରତମାଳା ପ୍ରକଳ୍ପର କାର୍ଯ୍ୟ ହେଉଥିବା ରାସ୍ତାର ଟନେଲଠାରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇ ବିଶାଖାପାଟଣାର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। କୋରାପୁଟ ଜିଲା ପଜାଙ୍ଗି ବ୍ଲକ୍ ଅନ୍ତର୍ଗତ ଅମ୍ବାବାଲି ପଞ୍ଚାୟତ ନିକଟସ୍ଥ କୁର୍ଲି ଗ୍ରାମରେ ଏକ ଟନେଲ କାର୍ଯ୍ୟ ଚାଲିଛି। ଗୁରୁବାର ବିଳମ୍ବିତ ରାତିରେ ମାଟି ଅତଡ଼ା ସହ ପଥର ଖସି ପଡ଼ିଥିଲା। ଫଳରେ ମାଟି ଅତଡ଼ା ତଳେ ୨ ଶ୍ରମିକ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଶ୍ରମିକମାନେ ୨ ଶ୍ରମିକଙ୍କୁ ଉଦ୍ଧାରକରି ଗ୍ରାମୀଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେମାନଙ୍କ ମଧ୍ୟରୁ ଶ୍ରମିକ ମୁକେଶ ପୂର୍ତ୍ତିଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଖଡ଼ଗଣ୍ଡ ଅଞ୍ଚଳରେ। ଅନ୍ୟ ଜଣେ ଶ୍ରମିକ ରାୟଗଡ଼ା ଜିଲା ଟିକିରି ଅଞ୍ଚଳର ଲକ୍ଷ୍ମୀଧର ମାଝିଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏନେଇ ପୁଙ୍ଗି ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ କମ୍ପାନୀ କର୍ତ୍ତୃପକ୍ଷ ଏନେଇ ମୁହଁ ଖୋଲୁ ନ ଥିବାରୁ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, କୋରାପୁଟ ଜିଲାପାଳ ଭି.କୀର୍ତ୍ତିଭାସନ ମଙ୍ଗଳବାର ଗସ୍ତକରି ଉକ୍ତ ଟନେଲ କାର୍ଯ୍ୟ ତଦାରଖ କରି ଫେରିଥିଲେ।

# ଅରବିନ୍ଦ ପାଢ଼ୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୪।୫(ଅନିଲଦାସ)

୧୯୯୬ ବ୍ୟାଚ ଆଇଏଏସ ଅଫିସର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ଥିବା ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ମେ ୨୨ ତାରିଖରୁ ୨୧ ଦିନିଆ ଛୁଟିରେ ଯାଇଛନ୍ତି। ଯାଦବ ଏଥିସହିତ ପୂର୍ତ୍ତ ବିଭାଗର ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସେହିପରି ଶିଳ୍ପ ସଚିବ ହେମନ୍ତ ଶର୍ମା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହିତ ପୂର୍ତ୍ତ ବିଭାଗର ଅତିରିକ୍ତ ଦାୟିତ୍ୱ ତୁଲାଇବେ।

## ପ୍ରଥମ ପୃଷ୍ଠାରୁ

### ୨୬ରେ ମାଟ୍ରିକ ...

ଚଳିତବର୍ଷ ପ୍ରଥମଥର ପାଇଁ ଡିଜିଟାଲ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବେ ପରୀକ୍ଷାର୍ଥୀ। ଏଥିପାଇଁ ଦୁଇଟି ପଦ୍ଧତି ଉପଲବ୍ଧ କରାଯାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ଲିଙ୍କରୁ ସାର୍ଟିଫିକେଟ ଡାଉନ୍‌ଲୋଡ୍ କରିହେବ। ଏଥିସହ ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍‌ରେ ବୋର୍ଡର ଏକ ମୋବାଇଲ୍ ନମ୍ବର ୭୭୧୦୦୦୫୧୯୨କୁ ପ୍ରଥମେ ସେଭ୍ କରିବେ। ପରେ ହ୍ୱାଟ୍ସଆପ୍ ଖୋଲି ସେଥିରେ ଉକ୍ତ ନମ୍ବରକୁ BSE କିମ୍ବା HI ଲେଖି ମେସେଜ୍ କରିବେ। ଏହାପରେ ସେଥିରେ ଆସୁଥିବା ନିର୍ଦ୍ଦେଶକୁ ଅନୁସରଣ କରିବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ହେବ। ଏହି ପ୍ରକ୍ରିୟାରେ ପରୀକ୍ଷାର ନାମ, ରୋଲ ନମ୍ବର, ଜନ୍ମ ତାରିଖ, ମୋବାଇଲ୍ ନମ୍ବର ଦେବା ପରେ ଏକ ଓଟିପି ଆସିବ। ଉକ୍ତ ଓଟିପି ଦେବା ପରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ହୋଇଯିବ ବୋଲି ସଭାପତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି, ପରୀକ୍ଷା ନିୟନ୍ତ୍ରକ ଟେମଲାଲ ଦୁବେ, ଭାରପ୍ରାପ୍ତ ସମ୍ପାଦକ ମଞ୍ଜୁଲତା ମଲ୍ଲିକ ଉପସ୍ଥିତ ଥିଲେ।

#### ମାର୍କ ଆଡିଶନ୍ ଚେକିଂ ଆବେଦନ

ପରୀକ୍ଷାର୍ଥୀଙ୍କୁ ମାର୍କ ଆଡିସନ୍ ଚେକିଂ ଆବେଦନ କରିବା ପାଇଁ ମେ' ୨୯ରୁ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ସୁଯୋଗ ଦିଆଯାଇଛି। ମାଟ୍ରିକ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଜରିଆରେ ଏହି ଆବେଦନ କରିପାରିବେ। ମାତ୍ର ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀମାନଙ୍କ ପାଇଁ ମାର୍କ ଆଡିସନ୍ ଚେକିଂ ଆବେଦନ ଅଫ୍‌ଲାଇନ୍ ମାଧ୍ୟମରେ ବ୍ୟବସ୍ଥା ହୋଇଛି। ସେମାନେ ବୋର୍ଡର ବିଭିନ୍ନ ଜୋନ୍ ଅଫିସରେ ଏଥିନିମନ୍ତେ ଆବେଦନ ଦାଖଲ କରିବେ।

#### ଖୋଲିଲା କଣ୍ଟ୍ରୋଲ ରୁମ୍

ବୋର୍ଡ ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଶୁକ୍ରବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଆସନ୍ତା ୭ ଦିନ ଯାଏ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଏହି କଣ୍ଟ୍ରୋଲ ରୁମ୍ ନିମନ୍ତେ ୨ଟି ଯୋଗାଯୋଗ ନମ୍ବର(୮୭୬୩୪୪୬୨୯୨,୯୪୩୭୨୨୮୧୮୭) ପ୍ରସ୍ତୁତ ରଖାଯାଇଛି। ପରୀକ୍ଷାର୍ଥୀ, ସେମାନଙ୍କ ମାତାପିତା ଓ ଶିକ୍ଷୟିତ୍ରୀଶିକ୍ଷକମାନେ ପରୀକ୍ଷାଫଳ ସଂକ୍ରାନ୍ତୀୟ କୌଣସି ଅସୁବିଧା ବିଷୟରେ କଣ୍ଟ୍ରୋଲ ରୁମ୍ ସହ ସିଧାସଳଖ ଯୋଗାଯୋଗ କରିବାକୁ ବୋର୍ଡ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭୮୩୧ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ରାଜ୍ୟର ମୋଟ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଥିଲା।

### ଆଜି ୬ ଲୋକ ସଭା, ...

ମୁତୟନ ହୋଇଛନ୍ତି। ସେହିପରି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ୫ ବିଧାନସଭା କ୍ଷେତ୍ରରେ ୧୩, ଖୋର୍ଦ୍ଧାର ୩ ବିଧାନସଭା କ୍ଷେତ୍ରରେ ୧୧, ପୁରୀର ୪ ବିଧାନସଭା କ୍ଷେତ୍ରରେ ୧୧, ନୟାଗଡ଼ ପୋଲିସ ଜିଲାର ୩ ବିଧାନସଭା କ୍ଷେତ୍ରରେ ୧୪ ସିଏପିଏଫ୍ କମ୍ପାନୀ ମୁତୟନ ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଭାରତ ନିର୍ବାଚନ ଆୟୋଗ ରାଜନୈତିକ ହିଂସା ଓ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଅତ୍ୟନ୍ତ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଆସିଛନ୍ତି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିରୁ ଦୂରେଇ ରହି ଶାନ୍ତିଶୃଙ୍ଖଳା ବଜାୟ ରଖି ଗଣତନ୍ତ୍ର ମହାପର୍ବରେ ସାମିଲ ହେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳ ଓ ରାଜ୍ୟର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ଏହି ପର୍ଯ୍ୟାୟରେ ଲୋକ ସଭା ଆସନରେ ମୋଟ ୬୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୩୮୩ ଜଣ ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ତୃତୀୟ ପର୍ଯ୍ୟାୟରେ ମହାପର୍ବରେ ମୋଟ ୯୪ ଲକ୍ଷ ୪୮ ହଜାର ୫୫୩ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୪୬,୧୭,୬୦୨ ମହିଳା, ୪୮,୨୯,୬୬୦ ପୁରୁଷ ଓ ୧୨୯୧ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ମତଦାତା ଲିଙ୍ଗ ଅନୁପାତ ୯୫୬ ରହିଛି। ଏମାନଙ୍କ ମଧ୍ୟରେ ୨,୩୭,୧୩୧ ଜଣ ୧୮ରୁ ୧୯ ବର୍ଷର ପ୍ରଥମ ଥର ମତଦାତା ଥିବାବେଳେ ୨୦ରୁ ୨୯ ବର୍ଷର ୧୮,୪୪,୫୦୩ ଜଣ ଯୁବ ମତଦାତା ରହିଛନ୍ତି। ନିର୍ବାଚନ ପାଇଁ ମୋଟ ୧୦,୫୧୫ଟି ମତଦାନ କେନ୍ଦ୍ର ଓ ୩୬୭ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ମତଦାନ କେନ୍ଦ୍ର ପିଛା ପ୍ରାୟ ୮୯୬ ଜଣ ମତଦାତା ରହିଛନ୍ତି। ୧୫୦୦ ମତଦାନ କେନ୍ଦ୍ର ସମ୍ପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ସେହିପରି ୩୦ଟି ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ। ଏହି ପର୍ଯ୍ୟାୟରେ ପ୍ରାୟ ୨ ହଜାର ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ବୁଥ୍) କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ପ୍ରାୟ ୭୦ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସମସ୍ତ ପୋଲିଂ ଷ୍ଟେଶନରେ ଜଣେ ଲେଖାଏ ସ୍ୱେଚ୍ଛାସେବୀ ଓ ଜଣେ ଲେଖାଏ ଆଶାକର୍ମୀ ନିୟୋଜିତ ହୋଇଛନ୍ତି।

ଏହି ପର୍ଯ୍ୟାୟରେ ପ୍ରାୟ ଅଧିକାଂଶ ଆସନରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ସମ୍ବଲପୁର ଲୋକ ସଭା ଆସନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବାକୁ ଥିବାବେଳେ କଟକ ଲୋକ ସଭା ଆସନରେ ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କ ସହ ବିଜେଡିର ସଂତୃପ୍ତ ମିଶ୍ର ଏବଂ କଂଗ୍ରେସର ସୁରେଶ ମହାପାତ୍ରଙ୍କ ମଧ୍ୟରେ ଲଢ଼େଇ ହେବ। ପୁରୀରେ ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ର ଓ ବିଜେଡିର ଅରୂପ ପଟ୍ଟନାୟକଙ୍କ ମଧ୍ୟରେ କଡ଼ା ଲଢ଼େଇ ହେବାକୁ ଥିବାବେଳେ ସେମାନଙ୍କୁ ଟକ୍କର ଦେବେ କଂଗ୍ରେସର ଜୟନାରାୟଣ ପଟ୍ଟନାୟକ। ଭୁବନେଶ୍ୱରରେ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବ।

### ମାନହାନି ମାମଲାରେ ...

ନାମକ ଅହମଦାବାଦର ଏକ ଏନଜିଓର ମୁଖ୍ୟ ଥିବାବେଳେ ମେଧା ଏବଂ ନର୍ମଦା ବଚାଓ ଆନ୍ଦୋଳନ ବିରୋଧରେ ବିଜ୍ଞାପନ ଛାପିଥିଲେ। ଫଳରେ ମେଧା ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଅନ୍ୟପକ୍ଷରେ ୨୦୦୬ରେ ମେଧା ସାକ୍ସେନାଙ୍କ ବିରୋଧରେ ଟିଭି ଚ୍ୟାନେଲରେ ଅପମାନଜନକ ମନ୍ତବ୍ୟ ଦେବା ସହ ମାନହାନିକାରକ ପ୍ରେସ୍ ବିବୃତି ଜାରି କରିଥିଲେ। ଏଥିପାଇଁ ସାକ୍ସେନା ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

# ତେଲଙ୍ଗାନା ଇଟାଭାଟିରେ କରେଣ୍ଟ ଲାଗି ମା' ଝିଅ ମୃତ

- ଶୁକ୍ରବାର ଗାଁରେ ପହଞ୍ଚିଲା ମୃତଦେହ
- ଶୋକାକୁଳ ପରିବେଶରେ ହେଲା ଶେଷକୃତ୍ୟ ସମ୍ପନ୍ନ

ପାପଡ଼ାହାଣ୍ଡି /ମଇଦଲପୁର,୨୪।୫
(ସ୍ୱପ୍ନଜିତ ପଟ୍ଟନାୟକ /ସଦାଶିବ ଦାସ)

ଭଲ ଦି ପଇସା ରୋଜଗାରକରି ସୁଖରେ ଚଳିବା ଆଶା ନେଇ ଘରୁ ଯାଇଥିଲେ ତେଲଙ୍ଗାନା। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଥିଲା କିଛି ଅଲଗା। ସେଠାରେ ଥିବା ଏକ ଇଟା ଭାଟିରେ କାମ କରୁଥିଲେ। କିନ୍ତୁ ବୁଧବାର କାମ କରିବାବେଳେ କରେଣ୍ଟ ଲାଗିଯିବାରୁ ମା' ଝିଅଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଅଧୀନ ପୋଖନାଗୁଡ଼ା ଗ୍ରାମର ବିଦ୍ୟା ବିନ୍ଧାଣିଙ୍କ ସ୍ତ୍ରୀ ବେନି (୩୫) ଓ ଝିଅ ବବି (୧୩)। ଶୁକ୍ରବାର ଉଭୟଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ସେଠାରେ ଶୋକାକୁଳ ପରିବେଶରେ ମୃତଦେହ ସତ୍କାର କରାଯାଇଛି।



ଶୋକସନ୍ତପ୍ତ ପରିବାର ଓ ଗ୍ରାମବାସୀ ।

ସୂଚନାନୁଯାୟୀ, ବିଦ୍ୟା ବିନ୍ଧାଣି ସ୍ତ୍ରୀ ଓ ପରିବାରର ସଦସ୍ୟଙ୍କ ସହ ତେଲଙ୍ଗାନାର ଶାନ୍ତିନଗରସ୍ଥିତ ଏକ ଇଟାଭାଟିରେ ମାସେ ତଳେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରିବାବେଳେ ବୁଧବାର ବିଦ୍ୟୁତ୍ ଆଘାତ ଲାଗି ସ୍ତ୍ରୀ ବେନି ଓ ଝିଅ ବବିଙ୍କ ମୃତ୍ୟୁ ହୋଇଥିଲା। ଏହି ମୃତ ଖବର ଶୁଣି ପରିବାର ହତବାକ ହେବା ସହ ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଆମ୍ବୁଲାନ୍ସ ଯୋଗେ ମୃତଦେହ ୨ଟି ଶୁକ୍ରବାର ତେଲଙ୍ଗାନାରୁ ଆସି ପୋଖନାଗୁଡ଼ାରେ ପହଞ୍ଚିଥିଲା। ସେଠାରେ ରୀତି ଅନୁସାରେ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଶାସନ ସେମାନଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

# ଇଂ. ରମେଶ ଚନ୍ଦ୍ର ତ୍ରିପାଠୀ ପାଇବେ 'ଓଡ଼ିଶାର ଜଳ ମାନବ' ପୁରସ୍କାର

## ଓଇଏସ୍ ପକ୍ଷରୁ ପରିବେଶ ଦିବସ ପୁରସ୍କାର ଘୋଷିତ



ଭୁବନେଶ୍ୱର, ୨୪।୫
(ବନ୍ଦନା ସେଠୀ)

ଜୁନ୍ ୫ରେ 'ବିଶ୍ୱ ପରିବେଶ ଦିବସ' ପାଳନ ଅବସରରେ ପରିବେଶର ବିଭିନ୍ନ କ୍ଷେତ୍ରକୁ ବିଶେଷ ଅବଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ଓଡିଶା ପରିବେଶ ସମିତି (ଓଇଏସ୍) ପକ୍ଷରୁ ପୁରସ୍କୃତ କରାଯିବ। ଏନେଇ ସମିତିର କାର୍ଯ୍ୟନିର୍ବାହୀ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜଳ ସମ୍ପଦ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ତଥା ଜଳ ବିଶେଷଜ୍ଞ ଇଂ. ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ 'ଓଡିଶାର ଜଳ ମାନବ' ପୁରସ୍କାର ପ୍ରଦାନ କରାଯିବ। ସେହିପରି କ୍ୟାପିଟାଲ ହସ୍ପିଟାଲ ହୃଦ୍‌ରୋଗ କେନ୍ଦ୍ରର ନିର୍ଦ୍ଦେଶକ ଡା. ପ୍ରଭାତ କୁମାର ଦାଶଙ୍କୁ 'ଆଜୀବନ ଅବଦାନ' ପୁରସ୍କାର ପ୍ରଦାନ କରାଯିବ। ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ବାମନ ଚନ୍ଦ୍ର ଆଚାର୍ଯ୍ୟଙ୍କୁ 'ଚଳିତ ବର୍ଷର ପରିବେଶବିତ୍' ପୁରସ୍କାର ଏବଂ ସିଏସ୍ଆର୍ ତଥା ବୃକ୍ଷରୋପଣ କ୍ଷେତ୍ରରେ କାର୍ଯ୍ୟରତ ସୁକାନ୍ତ ପଟ୍ଟନାୟକଙ୍କୁ 'ସବୁଜ ଯୋଦ୍ଧା' ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଓଡ଼ିଶା ମୁଖ୍ୟ (ସିଜିଏମ) ଦୀନେଶ ପୃଥ୍ୱୀ ଏବଂ ମୁଖ୍ୟବକ୍ତା ଭାବେ ପାଣିପାଗ ବିଶେଷଜ୍ଞ ଡ. ଶରତ ଚନ୍ଦ୍ର ସାହୁ ଯୋଗଦେଇ ପୁରସ୍କାର ବିତରଣ କରିବେ। ଏହି ଅବସରରେ ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ଜାତିସଂଘ ନିର୍ଦ୍ଧାରିତ ପ୍ରସଙ୍ଗ 'ଜମି ପୁନରୁଦ୍ଧାର, ମରୁଡ଼ିଭୂମି ଏବଂ ମରୁଡ଼ି ସ୍ଥିରତା' ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଶେଷ ଆଲୋଚନା ଅନୁଷ୍ଠିତ ହେବ। ସମିତିର କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଏହାର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ସରପଞ୍ଚଙ୍କ ଗାଡ଼ିରୁ ୨ ଲକ୍ଷ ୫୦ ହଜାର ଜବତ

ଆନନ୍ଦପୁର,୨୪।୫
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ପଦନା ଛକ ନିକଟରୁ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି। ଟଙ୍କା ରାମଚନ୍ଦ୍ରପୁର ସରପଞ୍ଚ ପ୍ରଦୀପ କୁମାର ସାହୁଙ୍କ ଗାଡ଼ିରୁ ଜବତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଫ୍ଲାଇଂ ସ୍କ୍ୱାଡ୍ ଓ ପୋଲିସ ମିଳିତ ଭାବେ ଶୁକ୍ରବାର ପଦନା ଛକରେ ଯାଞ୍ଚ କରୁଥିଲେ। ଏହି ସମୟରେ ପ୍ରଦୀପ ସେହି ବାଟରେ ଯାଉଥିଲେ। ପୋଲିସ ତାଙ୍କ କାର୍ ଅଟକାଇ ଯାଞ୍ଚ କରିଥିଲା। କାର୍‌ରୁ ୨ ଲକ୍ଷ ୫୦ ହଜାର ଟଙ୍କା ମିଳିଥିଲା। ପ୍ରଦୀପ ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିବାରୁ ପୋଲିସ ଟଙ୍କା ଜବତ କରି ସରପଞ୍ଚଙ୍କୁ ଥାନାକୁ ଆଣି ପଚରାଉଚୁରା କରି ଛାଡ଼ିଦେଇଥିବା ଜଣାପଡ଼ିଛି। ପ୍ରଦୀପ କହିଛନ୍ତି, ଜବତ ଟଙ୍କା ନିଜସ୍ୱ, କୌଣସି ଅସାଧୁ ବା ନିର୍ବାଚନଜନିତ ଟଙ୍କା ନୁହେଁ। ଏହା ବ୍ୟବସାୟିକ ଟଙ୍କା ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କର ଯାନବାହନ ବ୍ୟବସାୟ ରହିଥିବାରୁ ପ୍ରାୟ ସମୟରେ ଗାଡ଼ିରେ ଟଙ୍କା ରହିଥାଏ। ପୋଲିସ ଜବତ କରିଥିବା ଟଙ୍କାକୁ ଆବଶ୍ୟକ କାଗଜପତ୍ର ଦେଖାଇ ଫେରସ୍ତ ଆଣିବେ ବୋଲି ସେ କହିଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.12/ET/SBP/ENGG/2024-25, ତା.17.05.2024ରିଖ

(1) ଇ-ଟେଣ୍ଡର ସଂ.06-eT-DENS-SBP-24
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ଼ (Ex)-ନର୍ଲା ରୋଡ଼ (Ex) ସେକ୍ସନରେ 30.06.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,98,95,067.14, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,49,500/-।

(2) ଇ-ଟେଣ୍ଡର ସଂ.07-eT-DENS-SBP-24
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ନର୍ଲା ରୋଡ଼(In)-ଥେରୁବାଲି(In) ଏବଂ ଲାଞ୍ଜିଗଡ଼ ରୋଡ଼ (Ex)-ଜୁନାଗଡ଼ ରୋଡ଼(In) ସେକ୍ସନରେ 30.06.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,93,93,819.39, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,47,000/-।

(3) ଇ-ଟେଣ୍ଡର ସଂ.08-eT-DENS-SBP-24
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ଦେଓଗାଁ ରୋଡ଼ (Ex)-ନର୍ଲା ରୋଡ଼ (Ex) ସେକ୍ସନ ମଧ୍ୟରେ 30.06.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 97,47,114.75, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,95,000/-।

(4) ଇ-ଟେଣ୍ଡର ସଂ.09-eT-DENS-SBP-24
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ଅଧୀନସ୍ଥ ସମ୍ବଲପୁର ମଣ୍ଡଳର ନର୍ଲା ରୋଡ଼ (In)-ଥେରୁବାଲି (In) ଏବଂ ଲାଞ୍ଜିଗଡ଼ ରୋଡ଼(Ex)-ଜୁନାଗଡ଼ ରୋଡ଼ (In) ସେକ୍ସନ ମଧ୍ୟରେ 30.06.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ (ପୋଲ ମରାମତି କାର୍ଯ୍ୟ ନିମନ୍ତେ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,21,09,720/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,10,600/-।

(5) ଇ-ଟେଣ୍ଡର ସଂ.11-eT-DENS-SBP-24
କାର୍ଯ୍ୟର ନାମ: 01 ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ମୁନିଗୁଡ଼ା ପରିସୀମା ଅଧୀନସ୍ଥ LJ-3, 5, 7, 16, 18 ଏବଂ 20 ସ୍ଥିତ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ନିମନ୍ତେ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ଟିଟିଲାଗଡ଼ ୟାର୍ଡ RV-159 ଏବଂ RV-181 ସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରେ ରୋଡ଼ ଅଣ୍ଡର ବ୍ରିଜ୍ (RUB) ଏବଂ JT-125, JT-127 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ଭୂତଳ ଟାଙ୍କିରୁ ଜଳ ନିଷ୍କାସନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,65,04,270/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,32,600/-।

କାର୍ଯ୍ୟ ଶେଷ ହେବା ଅବଧି : 30.06.2025 (କ୍ରମ ସଂ.1 ରୁ 4 ପାଇଁ) ଏବଂ 12 (ବାର)ମାସ (କ୍ରମ ସଂ.5 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.06.2024ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ)/ ସମ୍ବଲପୁର
PR-150/P/24-25



TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

TP CENTRAL ODISHA DISTRIBUTION LIMITED
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

NOTICE INVITING TENDER NIT No: TPCODL/P&S/NIT/24-25/06

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000710/2024-25 | Providing Mobile SMS Services at TPCODL for 2 Years |
| 2 | TPCODL/P&S/1000000712/2024-25 | Providing Security Services at TPCODL for 3 Years |
| 3 | TPCODL/P&S/1000000713/2024-25 | Construction of Nimapara Division Office Under BBSR-1 Circle |
| 4 | TPCODL/P&S/1000000714/2024-25 | Construction of Cuttack Division Office at Jagatpur Under Cuttack Circle |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd. 28.05.2024**. Future communication / corrigendum to tender documents, if any, shall be available on TPCODL website.



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

## କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୨୫୩୭୯୦୦

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

### ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୨.୦୬.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **କେନ୍ଦ୍ରାପଡା ମୁଖ୍ୟ ଶାଖା / ଫୋନ୍ ନଂ.: ୯୪୩୭୧୪୭୫୦୮/** **ଋଣଗ୍ରହୀତାମାନେ: ୧) ମେସର୍ସ ଫାମିଡା ସୁଜ୍‌ସ, ସ୍ୱତ୍ୱାଧିକାରୀ: ସେକ୍ ମୁନା,** ପିତା: ସେକ୍ କୁନା, ଗ୍ରାମ: ଦିଲାରପୁର, ପୋ/ଥାନା/ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୧୧, **୨) ସେକ୍ ମୁନା,** ପିତା: ସେକ୍ କୁନା, ଗ୍ରାମ: ଦିଲାରପୁର, ପୋ/ଥାନା/ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୧୧ / **ଜାମିନଦାରମାନେ: ୧) ସେକ୍ ପାପୁ,** ପିତା: ସେକ୍ କୁନା, **୨) ସେକ୍ ସଲାଉଦ୍ଦିନ,** ପିତା: ସେକ୍ କୁନା, **୩) ସେକ୍ କୁନା,** ସମସ୍ତଙ୍କ ଠିକଣା ଗ୍ରାମ: ଦିଲାରପୁର, ପୋ/ଥାନା/ଜିଲ୍ଲା: କେନ୍ଦ୍ରାପଡା, ଓଡ଼ିଶା-୭୫୪୨୧୧/ **ବକେୟା ରାଶି ଟ.୧୬,୩୨,୦୫୪.୯୮+** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ସେକ୍ କୁନା,** ପିତା: ସେକ୍ ଲାଲୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩, ପ୍ଲଟ୍ ନଂ.: ୨୫, କ୍ଷେତ୍ର: ଏକର୦.୦୧୦ଡିସିମିଲି ଏବଂ ଖାତା ନଂ.: ୫୦/୧୫, ପ୍ଲଟ୍ ନଂ.: ୨୬/୧, କ୍ଷେତ୍ର: ଏକର ୦.୦୦୫ ଡିସିମିଲି, ଗ୍ରାମ: ମଧୁକରପୁର, ମୌଜା: ଦିଲାରପୁର, ଥାନା/ତହସିଲ: କେନ୍ଦ୍ରାପଡା ଏବଂ ନଂ.: ୨୪୨, ଜିଲ୍ଲା: କେନ୍ଦ୍ରାପଡା, ରାଜ୍ୟ: ଓଡ଼ିଶା, ପିନ୍-୭୫୪୨୧୧, ଏହାର ଚଉହଦି: ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପୂର୍ବ: ଅନ୍ୟ କୋ ସେୟାର, ପଶ୍ଚିମ: ଅନ୍ୟ କୋ ସେୟାର | ଟ.୧୩,୨୪,୦୦୦/- / ଟ.୧,୩୨,୪୦୦/- / ଟ.୧୩,୨୪୦/- | ଆକାଉଣ୍ଟ ନଂ.: ୩୭୨୬୦୧୯୮୦୦୫୦୦୦୦ IFSC Code: UBIN0537268 |
| ୨. | **ମହାବୀର ବଜାର ଢେଙ୍କାନାଳ ଶାଖା / ଫୋନ୍ ନଂ.: ୮୯୧୭୫୯୭୭୬୮/** **ଋଣଗ୍ରହୀତା: ଶ୍ରୀ କୈଳାସ ରାଉତ,** ପିତା: ରାମଚନ୍ଦ୍ର ରାଉତ, ସା.: ତେନ୍ତୁଳିଆପଡା, ପୋ.: ବଉଲପୁର, ଥାନା: ସଦର, ଥାନା ନଂ.: ୧୦, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା-୭୫୯୦୨୫ / **ଜାମିନଦାର: ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତ, ସା.: ତେନ୍ତୁଳିଆପଡା, ପୋ.: ବଉଲପୁର, ଥାନା: ସଦର, ଥାନା ନଂ.: ୧୦, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା-୭୫୯୦୨୫/ **ବକେୟା ରାଶି ୨୯.୦୨.୨୦୨୪ ସୁଦ୍ଧା ଟ.୯,୪୩,୯୨୧.୦୫+** ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୨୯୫୬/୪୪୮୩, ମ୍ୟୁଟେସନ ଖାତା ନଂ.: ୩୦୯/୨୦୧, କିସମ: ଘରବାରି, ପରିମିତ କ୍ଷେତ୍ର: ଏକର୦.୨୦୦ଡିସିମିଲି, ମୌଜା: ତେନ୍ତୁଳିଆପଡା, ଥାନା: ଢେଙ୍କାନାଳ ସଦର ଏବଂ ନଂ.: ୧୦, ତହସିଲ: ଢେଙ୍କାନାଳ ଏବଂ ନଂ.: ୮୬, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ଏହାର ଚଉହଦି: ଉତ୍ତର: ଗଦାଧର ପ୍ରଧାନ, ଦକ୍ଷିଣ: ପ୍ରଶନ୍ନ କୁମାର ବାରିକ, ପୂର୍ବ: ରାସ୍ତା, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ | ଟ.୩୩,୮୩,୦୦୦/- / ଟ.୩,୩୮,୩୦୦/- / ଟ.୩୩,୮୩୦/- | ଆକାଉଣ୍ଟ ନଂ.: ୧୯୭୯୨୧୯୮୦୦୫୦୦୦୦ IFSC Code: UBIN0919799 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୧୧.୦୬.୨୦୨୪ ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ
ଇ-ନିଲାମ ତାରିଖ ଏବଂ ସମୟ : ତା.୧୨.୦୬.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ
ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ
ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: **https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in** ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ମୋବାଇଲ: ୯୭୭୬୨୩୧୦୫୦
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ:ଭୁବନେଶ୍ୱର
ତାରିଖ: ୨୪.୦୫.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

REQUIREMENT
For a Construction Office
(Experienced candidate preferred)
Position-
Data Entry Operator
Ph- 7873907777
E-mail:sitekhorda@gmail.com

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
ADVERTISEMENT No. Rectt-Contract/02/Non-Teaching/2024 dt. 15/05/2024
Indian Institute of Technology Bhubaneswar invites online applications from the aspiring/eligible candidates for the engagement of **Student Counsellor (Preferably Male)-01, Medical Officer-02, Homeopathic Doctor-01, Ayurvedic Doctor-01** on contractual basis. The positions are purely temporary in nature.
The candidates fulfilling the eligibility criteria may visit **https://www.iitbbs.ac.in/jobs-iitbbs.php** for details and apply online from **16/05/2024**.
The last date of submission of online application is **30/05/2024**.
Sd/-
Registrar

REQUIRED
TRUPTI ENTERPRISES PVT. LTD.
(TATA MOTORS Passenger Car Dealer)
Barmunda, NH-5, Opposite of Fire Station, Bhubaneswar
CURRENTLY REQUIRED FOR ALL BRANCHES
▶ Customer Advisor, Sales - 10 Nos.
▶ Team Leader - 3 Nos.
▶ Tele Calling - 2 Nos.
Qualification: Graduate / MBA Marketing.
Experience: 4-5 Yrs. in Sales.
Freshers can also apply. Automobile Sales Experience more preferred. Salary not a constraint for deserving candidates. Interested candidates may send their resume within 7 days.
Mail Id: saleshead.pcd@truptigroup.co.in
or send via
WhatsApp: 7440006252



PUBLIC SERVICE COMMISSION ODISHA
ODISHA PUBLIC SERVICE COMMISSION
NOTICE
No. - 2879 / P.S.C., Dt - 24.05.2024
(1E-06-2024-25)(DR-II)
No. D-57 : It is for information of all concerned that, the **OJS-2023** Preliminary Examination, pursuant to the Advertisement No. 30 of 2023-24 shall be held on **23.06.2024 (Sunday)** as per the programme below. The centre list & Roll Numbers tagged to each centre shall be published later.
The concerned candidates are advised to visit the website of the Commission **(www.opsc.gov.in)** regularly for further details.

PROGRAMME OF EXAMINATION

| Date | Time |
|---|---|
| 23.06.2024 (Sunday) | 10.00 A.M. to 11.30 A.M. 10.00 A.M. to 12.00 Noon (for PWD Candidates) |

OIPR-12002/11/0025/2425
Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ମେଘା

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୈଦ୍ୟୁତିକ ସାମଗ୍ରୀର ଦର ବୃଦ୍ଧି ଆଶଙ୍କା

## ଲୋହିତ ସାଗର ସଙ୍କଟ

ଭୁବନେଶ୍ୱର,୨୪।୫ (ଅନୁରାଧା ମହାରଣା)

ଲୋହିତ ସାଗର ସଙ୍କଟ ଯୋଗୁ ବର୍ତ୍ତମାନ ଏହାର ପ୍ରଭାବ ବ୍ୟବସାୟ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଶିପିଂ କଣ୍ଟେନରର ଅଭାବ କାରଣରୁ ଚାଇନାରୁ ଆସୁଥିବା ସାମଗ୍ରୀ ଉପରେ ମାଲ ପରିବହନ ଶୁଳ୍କ ବୃଦ୍ଧି ହେତୁ ଆଇଟି ହାର୍ଡୱେର୍, ଟିଭି, ୱାଶିଂ ମେଶିନ ଏବଂ ଏସି ଆଦି ବୈଦ୍ୟୁତିକ ସାମଗ୍ରୀ ମୂଲ୍ୟ ବୃଦ୍ଧିର ସମ୍ଭାବନା ପ୍ରକାଶ ପାଇଛି। ଏହା ଭାରତୀୟ ଗ୍ରାହକଙ୍କୁ ପ୍ରଭାବିତ କରିବ ବୋଲି ଅର୍ଥନୀତି ବିଶେଷଜ୍ଞଙ୍କ ମତ ପ୍ରକାଶ ରହିଛି। ବିଶେଷଜ୍ଞଙ୍କ ସୂଚନାନୁଯାୟୀ, ଗତ ୨ ମାସ ମଧ୍ୟରେ କେତେକ ସ୍ଥାନରେ ମାଲ ପରିବହନ ପ୍ରାୟ ୪ଗୁଣ ବୃଦ୍ଧି ପାଇଛି।



ଏହାପୂର୍ବରୁ ଜାହାଜଗୁଡ଼ିକ ଆମେରିକା ଏବଂ ୟୁରୋପରେ ପହଞ୍ଚିବା ପାଇଁ ସୁଏଜ୍ କେନାଲ ମାର୍ଗ ଆପଣେଇଥିଲେ। ବର୍ତ୍ତମାନ ସଙ୍କଟରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ପ୍ରାୟ ୮୫୦୦ କି.ମି. ରାସ୍ତା ଅତିକ୍ରମ କରିବାକୁ ପଡ଼ିବ। ଏହି ମାର୍ଗ ପ୍ରାୟ ୩୩୦ ବଡ଼ ଜାହାଜ ଦ୍ୱାରା ଗ୍ରହଣ କରାଯାଇଛି। ଏଥିରେ ପ୍ରାୟ ୧୨ ହଜାର କଣ୍ଟେନର ଲୋଡ୍ ହୋଇଛି। ଏହି କାରଣରୁ ମେ ମାସରୁ ଚାଇନା ବନ୍ଦରରେ ଜାହାଜର ଅଭାବ ଦେଖାଦେଇଛି। ଏହା ବ୍ୟତୀତ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କର ଉତ୍ପାଦନ ପଦ୍ଧତିକୁ ପରିବର୍ତ୍ତନ କରିବାକୁ ପଡୁଛି। ଏହି କ୍ରମରେ ବଡ଼ ବଡ଼ ବୈଦ୍ୟୁତିକ ସାମଗ୍ରୀର ମୂଲ୍ୟର ଲଜିଷ୍ଟିକ୍ ମୂଲ୍ୟ ପ୍ରାୟ ୨ ରୁ ୩ ପ୍ରତିଶତ ରହୁଥିବାବେଳେ ଯଦି ସମାନ ପରିସ୍ଥିତି ଜାରି ରହେ ତେବେ ଗ୍ରାହକଙ୍କଠାରୁ ଏହି ମୂଲ୍ୟ ଆଦାୟ କରାଯିବ ବୋଲି ଆଶଙ୍କା କରାଯାଉଛି। ଏହା ବ୍ୟତୀତ ଏକ ଜାହାଜ ଦ୍ୱାରା ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ସମୟ ମଧ୍ୟ ୩୫ ରୁ ୪୦ ପ୍ରତିଶତକୁ ବୃଦ୍ଧି ପାଇଛି। ଲୋହିତ ସାଗର ସଙ୍କଟ ଯୋଗୁ ସମଗ୍ର ବିଶ୍ୱରେ ୨୦ ଏବଂ ୪୦ ଫୁଟ ବିଶିଷ୍ଟ କଣ୍ଟେନରର ମୂଲ୍ୟ ବୃଦ୍ଧି ପାଇଛି। କମ୍ପାନୀଗୁଡ଼ିକ ସେମାନଙ୍କ ସାମଗ୍ରୀକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଇବା ପାଇଁ ୨୦ ଫୁଟ କଣ୍ଟେନରଙ୍କୁ ବାଛୁଛନ୍ତି। ତେବେ ସୁଏଜ୍ କେନାଲ ମାଧ୍ୟମରେ ବାଣିଜ୍ୟ ଆରମ୍ଭ ହେବା ପରେ ହିଁ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ କଣ୍ଟେନରଗୁଡ଼ିକର ମୂଲ୍ୟ ୨୪୦୦ରୁ ୨୯୦୦ ଡଲାରରେ ପହଞ୍ଚିଛି। ଲୋହିତ ସାଗର ସଙ୍କଟ ପୂର୍ବରୁ ଏହା ୮୫୦ ରୁ ୧୦୦୦ ଡଲାର ଥିଲା। ତେବେ ଏହି ପରିସ୍ଥିତି ଯୋଗୁ ମୋବାଇଲ ଫୋନ୍‌ର ମୂଲ୍ୟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହାର ପାର୍ଟସ୍‌ଗୁଡ଼ିକ ହାଲୁକା ଏବଂ ସୂକ୍ଷ୍ମ। ସେଗୁଡ଼ିକ ଆକାଶମାର୍ଗରେ ପରିବହନ କରାଯାଉଥିବାରୁ ଏହାର ମୂଲ୍ୟ ବଢ଼ି ନ ପାରେ ବୋଲି କୁହାଯାଉଛି।

# ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୨୪।୫

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନ (କାର୍ଯ୍ୟଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮(୭.୬୫) ପଏଣ୍ଟ କମି ୭୫,୪୧୦(୭୫,୪୧୦.୩୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧ (୧୦.୫୫) ପଏଣ୍ଟ ହ୍ରାସ ଘଟି ୨୨,୯୫୭(୨୨,୯୫୭.୧୦)ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଖିମ୍‌ଜୀ ଜୁଏଲର୍ସର ୧୩ତମ ପୂର୍ତ୍ତି ଉତ୍ସବ

## କଟକ ଷ୍ଟୋରରେ ଆକର୍ଷଣୀୟ ବାର୍ଷିକ ଉତ୍ସବ ଅଫର

କଟକ,୨୪।୫ (ଅଭୟ ଦାଶ)

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ସର୍ବପୁରାତନ ଗହଣା ବ୍ରାଣ୍ଡ୍ ଖିମ୍‌ଜୀ ଜୁଏଲର୍ସର ୧୩ତମ ପୂର୍ତ୍ତି ଉତ୍ସବ କଟକ ଶୋ'ରୁମ୍(ଷ୍ଟୋର) ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ୍‌ର କଟକ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ବାର୍ଷିକ ଉତ୍ସବ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ମେ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏପରିକି ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୦%, ହୀରା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ଏବଂ ଓଜନିଆ ରୁପା ଜିନିଷର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦%ର ରିହାତି ପାଇବେ ବୋଲି କଟକ ଷ୍ଟୋର ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ଆମର କଟକ ଷ୍ଟୋରର ୧୩ତମ ପୂର୍ତ୍ତି ଉତ୍ସବ ପାଳନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଆମମାନଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହୋଇଥିବାବେଳେ ଆମେ ଅତ୍ୟନ୍ତ ଗଭୀରତାର ସହ ଆମର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ରିହାତି ସୁବିଧା ମଧ୍ୟ ଘୋଷଣା କରୁଛୁ। ସେହିଭଳି ଗ୍ରାହକମାନେ ବିଗତ ବର୍ଷଗୁଡ଼ିକରେ ଆମ ପ୍ରତି ରଖିଆସିଥିବା ବିଶ୍ୱାସ, ପ୍ରତିବଦ୍ଧତା ଓ ସମର୍ଥନକୁ ମଧ୍ୟ ଆମେ ପ୍ରଶଂସା କରୁଛୁ। ଏହି ଅବସର ଆମେ ଅତୁଳନୀୟ ମୂଲ୍ୟ ଏବଂ ଏକ ସ୍ମରଣୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ, ଯାହା ଆମ ଗ୍ରାହକଙ୍କର ଆବଶ୍ୟକତା ଏବଂ ସେମାନଙ୍କର ପସନ୍ଦକୁ ଆମେ ସର୍ବାଗ୍ରେ ସ୍ଥାନିତ କରିବା ସୁନିଶ୍ଚିତ କରୁଛି।



ମିତେଶ ଖିମ୍‌ଜୀ

# ଡିଆଇଏଲ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୪।୫

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଡାବର ଇଣ୍ଡିଆ ଲିମିଟେଡ୍ (ଡିଆଇଏଲ୍)ର ନୂତନ ଉତ୍ପାଦ 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍'ର ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସବୁ ସମୟରେ ଏନର୍ଜି ସଲ୍ୟୁଶନ ପାଇଁ ବଢୁଥିବା ଚାହିଦା ପୂରଣ କରିବା ପାଇଁ ଡାବର ଗ୍ଲୁକୋପ୍ଲସ୍-ସି ପକ୍ଷରୁ 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଡ୍ରିଙ୍କ୍‌ଟି ଏକ ପିଇଟି ବୋତଲରେ ସ୍ୱାଦିଷ୍ଟ ଟାଙ୍ଗି ଅରେଞ୍ଜ ଭାରିଆଣ୍ଟ ସହ ରେଡି-ଟୁ-ଡ୍ରିଙ୍କ୍ ଗ୍ଲୁକୋଜ ବର୍ଗରେ ଉପଲବ୍ଧ। ସେହିଭଳି ୧୬୦ଏମ୍‌ଏଲ୍ ପିଇଟି ବୋତଲ ପାଇଁ ୧୦ ଟଙ୍କା ମୂଲ୍ୟ ଥିବା 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଡ୍ରିଙ୍କ୍'କୁ କମ୍ପାନୀ ପଶ୍ଚିମବଙ୍ଗ ଓ ଓଡ଼ିଶା ବଜାରର ସମସ୍ତ ରିଟେଲ ଆଉଟ୍‌ଲେଟରେ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡ୍‌ର ହେଲ୍‌ଥ ସପ୍ଲିମେଣ୍ଟସ୍ ବିଭାଗର ମାର୍କେଟିଂ ହେଡ୍ ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି, ଆମେ ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍'ର ଶୁଭାରମ୍ଭ ସହ ଆମର ଗ୍ଲୁକୋପ୍ଲସ୍-ସି ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର କରିଛୁ। ଏପରିକି ଆମର ଉପଭୋକ୍ତାଙ୍କୁ ଗ୍ଲୁକୋଜ,ଭିଟାମିନ-ସି, ଆଇରନର ଏକ ଡୋଜ୍ ଓ ପ୍ରକୃତ କମଳା ରସର ଲାଭ ପ୍ରଦାନ କରୁଛୁ। ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଡ୍ରିଙ୍କ୍‌ର ଶୁଭାରମ୍ଭ ଏହି ପ୍ରଥମ ଧରଣର ଗ୍ଲୁକୋଜ ଏନର୍ଜି ଡ୍ରିଙ୍କ୍ ସହ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ସେହିଭଳି ଡାବର ଇଣ୍ଡିଆ ଲିମିଟେଡ୍‌ର ପୂର୍ବାଞ୍ଚଳର ବିଜ୍‌ନେସ ହେଡ୍ ରାଜୀବ ରଞ୍ଜନ କହିଛନ୍ତି, ଆମେ 'ଡାବର ଗ୍ଲୁକୋପ୍ଲସ୍-ସି ଇନ୍‌ଷ୍ଟାଣ୍ଟ ଏନର୍ଜି ଡ୍ରିଙ୍କ୍'ର ଶୁଭାରମ୍ଭ ସହ ଆମର ଉପଭୋକ୍ତାଙ୍କୁ କିଛି ନୂଆ ପ୍ରଦାନ କରିବା ପାଇଁ ଉତ୍ସାହିତ ରହିଛୁ।





ଧ-୩୮୫୮୮


# ବାଲୁକାକଳା ମାଧ୍ୟମରେ ଭୋଟର ସଚେତନତା

ଭୁବନେଶ୍ୱର,୨୪।୫

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଅଭିଯାନ 'ବାଲୁକା କଳା ମାଧ୍ୟମରେ ଭୋଟର ସଚେତନତା' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏସ୍‌ବିଆଇର ଭୁବନେଶ୍ୱର ପ୍ରଧାନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଆକର୍ଷଣୀୟ ବାଲୁକା କଳାକୃତିର ନିର୍ମାଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ କହିଥିଲେ, ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲହେବା ସହ ଭୋଟଦାନ ସୁନିଶ୍ଚିତ କରିବାକୁ ସେ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ତଥା ଅନ୍ୟ ସମସ୍ତଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ଅଭିଯାନର ଅଂଶ ବିଶେଷ ଭାବେ ଏସ୍‌ବିଆଇର ଭୁବନେଶ୍ୱର ପ୍ରଧାନ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲାବେଳେ ଏସ୍‌ବିଆଇ ଭୁବନେଶ୍ୱରର ସମସ୍ତ ପ୍ରଶାସନିକ ଓ ଶାଖା କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଭୋଟର ସଚେତନତା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଲ୍ଲେଖଯୋଗ୍ୟ, ଏହି ବାଲୁକା କଳାକୃତିଟି ଏସ୍‌ବିଆଇ କର୍ମଚାରୀ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ ହୋଇଛି।




# ଆପ୍ଲାଏନ୍‌ସେସ୍ ଶିଳ୍ପ ଅଭିବୃଦ୍ଧି ପଥରେ ଓଡ଼ିଶା ବଜାର

ଭୁବନେଶ୍ୱର,୨୪।୫

କ୍ରମାଗତ ଭାବେ ଘରୋଇ ଆପ୍ଲାଏନ୍‌ସେସ୍ ଶିଳ୍ପ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଥିବା ବେଳେ ଜାତୀୟସ୍ତରରେ ମଧ୍ୟ ଓଡ଼ିଶା ବଜାରର ଅଂଶ ପ୍ରାୟ ୬% ରହିଛି ବୋଲି ଗୋଦ୍‌ରେଜ୍ ଆପ୍ଲାଏନ୍‌ସେସ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ବିଜ୍‌ନେସ୍ ହେଡ୍ କମଲ ନନ୍ଦୀ ଏ ନେଇ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଏପରିକି ଜାତୀୟସ୍ତର (ପାନ୍ ଇଣ୍ଡିଆ)ରେ ଶିଳ୍ପ ଭାଗୀଦାରି ୮୦,୦୦୦ କୋଟି ଟଙ୍କା ରହିଥିଲାବେଳେ ଏୟାର କଣ୍ଡିଶନର ଓ ରେଫ୍ରିଜରେଟର ବଜାର ଅଂଶ ସର୍ବାଧିକ ରହିଛି। ସେହିଭଳି ଚଳିତ ବର୍ଷର ଗ୍ରୀଷ୍ମଋତୁ (ସମର ସିଜନ)ରେ ବଜାର ଅଂଶ ବିଗତ ବର୍ଷଗୁଡ଼ିକଠାରୁ ବେଶ୍ ଉତ୍ସାହଜନକ ଏବଂ ଅଭିବୃଦ୍ଧି ଭିତ୍ତିକ ହୋଇଥିଲାବେଳେ କୁଲିଂ ପ୍ରଡକ୍ଟସର ବଜାର ଅଂଶ ୨୫ରୁ ୩୦% ବୃଦ୍ଧି ଘଟିଛି। ବିଶେଷକରି ବ୍ରାଣ୍ଡ୍‌ର ଚାହିଦା ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଉତ୍ପାଦଗୁଡ଼ିକ କମ୍ପାନୀର ବଜାର ଅଂଶକୁ ବୃଦ୍ଧି କରାଇବା ସହ ମାର୍କେଟ ଲିଡର କରାଇପାରିଛି। ସେହିପରି ବ୍ରାଣ୍ଡ୍‌ର ଏୟାର କଣ୍ଡିଶନର (ଏସି), ରେଫ୍ରିଜରେଟରର ବଜାର ଅଂଶ ୧୦୦% ରହିଥିଲାବେଳେ ଅନ୍ୟାନ୍ୟ ଉତ୍ପାଦ ମଧ୍ୟ ସେହି ପରିମାଣରେ ବଜାର ଅଂଶ ହାସଲ କରିଛି। ଅପରପକ୍ଷରେ ଓଡ଼ିଶା ବଜାରର ଚାହିଦା ବେଶ୍ ଉତ୍ସାହଜନକ ରହିଥିଲାବେଳେ ପୂର୍ବ ଭାରତର ବଜାର ଅଂଶରେ ଓଡ଼ିଶାର ଅଂଶ ଯଥେଷ୍ଟ ବୃଦ୍ଧି ପାଇଛି। ଫଳରେ କମ୍ପାନୀ ଓଡ଼ିଶା ବଜାରକୁ ଅଗ୍ରଣୀ ବଜାର ଭାବେ ବିବେଚିତ କରିବା ସହ ନୂତନ ଉତ୍ପାଦ ଓ ଆଉଟ୍‌ଲେଟ ସମ୍ପ୍ରସାରଣରେ କାରବାର ବୃଦ୍ଧିକୁ ଗୁରୁତ୍ୱ ଦେଉଛି। ଆଗାମୀ ଦିନରେ କମ୍ପାନୀ ୪୫୦ରୁ ୫୦୦ ଆଉଟ୍‌ଲେଟ ଉଭୟ ଏକ୍ସକ୍ଲୁସିଭ ଓ ଡିଲରପଏଣ୍ଟ ଜରିଆରେ ରାଜ୍ୟର ପ୍ରମୁଖ ସହର ଏବଂ ଟାୟାର-୨, ଟାୟାର-୩ ବଜାରରେ ଖୋଲିବାକୁ ଯୋଜନା ରହିଥିବା ନନ୍ଦୀ ମତପ୍ରକାଶ କରିଛନ୍ତି।

# ଫିକି ଫ୍ଲୋ ଭୁବନେଶ୍ୱରର ଦିନିକିଆ କର୍ମଶାଳା




ଭୁବନେଶ୍ୱର,୨୪।୫

ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମହିଳା ଶାଖା ସହ ଅନୁବନ୍ଧିତ ପ୍ରତିଷ୍ଠାନ ଫିକି ଫ୍ଲୋ ଭୁବନେଶ୍ୱର ପକ୍ଷରୁ ନିକଟରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଫିକି ଫ୍ଲୋ ଭୁବନେଶ୍ୱର ଆନୁକୂଲ୍ୟରେ ଆୟୋଜିତ ଏହି ଦିନିକିଆ ସ୍ୱତନ୍ତ୍ର କର୍ମଶାଳାରେ ପୂର୍ବ ଏବଂ ଉତ୍ତର ପୂର୍ବ ଭାରତର ବ୍ରିଟିଶ ହାଇ କମିଶନରଙ୍କ ପ୍ରତିନିଧିମାନେ ଯୋଗଦେଇ ଓଡ଼ିଶାର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବ୍ରିଟେନରେ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗର ସୁଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ଏହି ଦିନିକିଆ ବୈଠକରେ ଅର୍ଥନୈତିକ ସମ୍ପର୍କ ବୃଦ୍ଧି ତଥା ବ୍ୟବସାୟରେ ମହିଳାଙ୍କୁ ସଶକ୍ତ ପାଇଁ ପାରସ୍ପରିକ ପ୍ରତିବଦ୍ଧତାକୁ ବିସ୍ତୃତ ଭାବେ ଦର୍ଶାଯାଇଛି। ଡେପୁଟି ହାଇ କମିଶନର ଡ. ଆଣ୍ଡ୍ରୁ ଫ୍ଲେମିଙ୍ଗ୍‌ଙ୍କ ନେତୃତ୍ୱରେ ବ୍ରିଟିଶ ପ୍ରତିନିଧିମାନେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବ୍ରିଟେନର ଦୃଢ଼ ସମର୍ଥନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଫିକି ଫ୍ଲୋ-ଭୁବନେଶ୍ୱରର ଅଧ୍ୟକ୍ଷା ରଶ୍ମି ସାହୁ ସମ୍ଭାବ୍ୟ ସହଯୋଗକୁ ନେଇ ଆଶାବାଦୀ ଥିଲେ। ଏ ନେଇ ଫିକି ଫ୍ଲୋ-ଭୁବନେଶ୍ୱରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକ କହିଥିଲେ, ଆମର ସହଭାଗୀ ମହିଳା ଉଦ୍ୟୋଗୀମାନଙ୍କୁ ବିଶ୍ୱ ବଜାରରେ ଏକୀଭୂତ କରିବା ପାଇଁ ଏହି ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ବ୍ରିଟେନର ଚମତ୍କାର ଅର୍ଥବ୍ୟବସ୍ଥା ନବୀକରଣ ତଥା ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ଦେଇଥାଏ ବୋଲି ଆମେ ଏହି ଯାତ୍ରା ଆରମ୍ଭ କରିବାକୁ ସେ ଉତ୍ସାହିତ ପ୍ରକାଶ କରିଥିଲେ।

# ଟେକ୍ନୋ ଇଣ୍ଡିଆ ସହ ଗୁଗଲ କ୍ଲାଉଡ୍‌ର ସହଭାଗିତା




ଭୁବନେଶ୍ୱର,୨୪।୫ (ଅନୁରାଧା ମହାରଣା)

ଟେକ୍ନୋ ଇଣ୍ଡିଆ ଗ୍ରୁପ୍ ଏବଂ ଗୁଗଲ କ୍ଲାଉଡ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପିତ ହୋଇଛି। ଟେକ୍ନୋ ଇଣ୍ଡିଆ ଗ୍ରୁପ୍‌ର ମୁଖ୍ୟ ଇନୋଭେଶନ ଅଫିସର ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମେଘଦୂତ ରାୟଚୌଧୁରୀଙ୍କ ନେତୃତ୍ୱରେ ଏହି ସହଭାଗିତା ବିଶ୍ୱ ମାନକ ତଥା ସମସାମୟିକ ଡିଜିଟାଲ ଅର୍ଥନୀତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା କ୍ଷେତ୍ରକୁ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ ଟେକ୍ନୋ ଇଣ୍ଡିଆ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାୟ ଚୌଧୁରୀଙ୍କ ସହ ଗୁଗଲ କ୍ଲାଉଡ୍‌ର ଅର୍ଲି ଷ୍ଟେଜ୍ ଏଡ୍‌ଟେକ୍ ଆଣ୍ଡ ଗ୍ରୀନ୍‌ଫିଲ୍ଡ କର୍ପୋରେଟ୍ ବୈଭବ ଶ୍ରୀବାସ୍ତବ, କ୍ଲାଉଡ୍ ରିଜିଅନ ଟେକ୍ନୋଲୋଜିସ୍‌ର ଷ୍ଟ୍ରାଟେଜିକ ଆଲିଆନ୍ସ ଡାଇରେକ୍ଟର ଲକ୍ଷ୍ମୀନାରାୟଣ, ଟେକ୍ନୋ ଇଣ୍ଡିଆ ଗ୍ରୁପ୍ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ଡ. ଗୌତମ ରାୟ ଚୌଧୁରୀ ଓ ଟେକ୍ନୋ ଇଣ୍ଡିଆ ଗ୍ରୁପ୍‌ର ସହ ଅଧ୍ୟକ୍ଷା ପ୍ରଫେସର ମାନୋସୀ ରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କ୍ରମରେ ଟେକ୍ନୋ ଇଣ୍ଡିଆରେ 'ଡିଜିଟାଲ କ୍ୟାମ୍ପସ୍ ଅନ୍ ଗୁଗଲ୍ କ୍ଲାଉଡ୍' ଶୀର୍ଷକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗୁଗଲ କ୍ଲାଉଡ୍ ସହ ସହଭାଗିତା କରି କୋଲକାତାକୁ ବିକାଶଶୀଳ ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟା ହବ୍‌ରେ ପରିଣତ କରାଯାଇପାରିବ ବୋଲି ମେଘଦୂତ କହିଛନ୍ତି। ଗୁଗଲ୍ କ୍ଲାଉଡ୍‌ର କଷ୍ଟୋମର ଇଞ୍ଜିନିୟରିଂ ନିର୍ଦ୍ଦେଶକ ଶୁବ୍ରମ୍ ନଟରାଜନ କହିଛନ୍ତି, ଏହି ସହଭାଗିତା ଫଳରେ ଛାତ୍ରମାନେ ଶିକ୍ଷାକ୍ଷେତ୍ରରେ ନୂତନ ସୁଯୋଗର ସନ୍ଧାନ ପାଇପାରିବେ।


# Classified Everyday

0674-2580101, 2549949



REAL ESTATE

SALE

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-367

Purchase single plot with boundarywall at Chandaka, Nakhara, Patrapada, Jatani gate immediate registration. 9439363944. D-75960

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

Plot sale near Pitapalli, Janla, Tamando, Bhubaneswar Rs-1299/-sqft. 6372670155. D-75959

Duplex sale at Bhubaneswar @ 57 lakhs only. Contact- 9777433701. D-75958

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

Newly open health benefits SPA special offer @ 999 Bapujinagar. 8018429809. D-76123

Fully relaxed body massage trained therapist. Central SPA. 9556483961. D-75741

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Relax, Refresh your body, Mind at Saikrupa Spa with best therapies. 8984068077. D-306

Relax, refresh your body, Mind by expert therapist. Contact- 9938843929. D-76122

AFFIDAVIT

I, Smita Pattanaik, W/o- Aruna Kumar Das, Chidananda Vihar, Nayagarh-752070 have changed my name to Smita Das for all future purposes vide affidavit made in front of Executive Magistrate, Nayagarh. D-368

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ବଟକୃଷ୍ଣ ଚୌଧୁରୀ

ଗ୍ରାମ- ଅଲଣା, ଜିଲ୍ଲା- କଟକ

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-

ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୭୧୫୮୨

CLASSIFIED DISPLAY

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| MORE SPACE • SAME PRICE | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| GST 5% | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ

ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଫେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୂନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ

ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ

Election Materials Available

କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।

ଦିଲ୍ଲୀ-୭୧ ଶିବପୁରୀ

ୟୁପି-୧୬୭, ସେକ୍ଟର ୫, ନୋଏଡ଼ା

9810432170

7606841840

BINET SCIENCE ACADEMY

Best Coaching Centre in Bhubaneswar since 2010

CBSE Class - XI & XII

(Physics, Chemistry, Mathematics & Biology)

(NEET, JEE, IIT-Foundation, BOARDS, NISER, KVPY, NDA)

FREE ADMISSION & DEMO CLASSES

SAILASHREE VIHAR PHASE-II / BOMIKHAL, BHUBANESWAR

Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମାଟିର ଝିଅଙ୍କୁ ସମର୍ଥନ କରିଛି ବିଜେଡି: ନବୀନ

## ୩ ଜିଲ୍ଲାକୁ ନେଇ ଗଠନ ହେବ ଅର୍ବାନ କ୍ଲଷ୍ଟର: ପାଣ୍ଡିଆନ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ରାଇରଙ୍ଗପୁର(ମାନସ ମହାନ୍ତି)/ ବାଲେଶ୍ୱର(ମାନସ ବିଶ୍ୱାଳ), ୨୪।୫**



ବାଲେଶ୍ୱରଠାରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ।

ରାଷ୍ଟ୍ରପତି ନିର୍ବାଚନ ସମୟରେ ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ବିଜୁ ଜନତା ଦଳ ସମର୍ଥନ କରିଥିଲା। ଭାଜପାର ବଡ଼ ବଡ଼ ନେତାମାନେ ଓଡ଼ିଶାକୁ ଆସି ମିଛ କଥା କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ନିର୍ବାଚନ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ସେହିପରି ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ନେତାମାନେ ବାରମ୍ବାର ଅସମ୍ମାନ କରି ଆସୁଛନ୍ତି। ଓଡ଼ିଶା ଭୋଟର ଏହାର ଉଚିତ ଜବାବ ଦେବେ ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାକୁ ମିଶାଇ ଏକ ଅର୍ବାନ କ୍ଲଷ୍ଟର ହେବ। ଯାହା ନୂଆ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଶିଳ୍ପ ଗଢ଼ି ଉଠିବ, ପୁଞ୍ଜିନିବେଶ ହେବ, ଯୁବପିଢ଼ିମାନେ ରୋଜଗାର ପାଇବେ ବୋଲି ପାଣ୍ଡିଆନ ଦଳୀୟ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରିଛନ୍ତି।

ମୟୂରଭଞ୍ଜ ଜିଲା ବାରିପଦା ଛଉ ପଡ଼ିଆରେ ଅନୁଷ୍ଠିତ ଜନସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ୨ ଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ଆଦିବାସୀମାନଙ୍କ କଳା, ସଂସ୍କୃତି ଓ ପରମ୍ପରାର ବିକାଶ ନିମନ୍ତେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଗଠନ କରାଯାଇଛି। ଯାହାକି ଅନ୍ୟ କୌଣସି ରାଜ୍ୟରେ ହୋଇନାହିଁ। ରାଜ୍ୟରେ ଆଦିବାସୀମାନଙ୍କର ୫୦ହଜାର ମାମଲାକୁ ମୁଖ୍ୟମନ୍ତ୍ରୀ ରଦ୍ଦ କରିଛନ୍ତି । ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବା ନିମନ୍ତେ 'ଲାଭ' ଯୋଜନାରେ ଆଦିବାସୀମାନେ ଉପକୃତ ହେବେ ବୋଲି ପାଣ୍ଡିଆନ କହିଥିଲେ। ଭାଜପାର ନେତମାନେ ଦିନରେ ଲଣ୍ଠନ ଦେଖାଇବାର ଯୋଜନା କରୁଛନ୍ତି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନୂଆ ବାରିପଦା ନୂଆ ମୟୂରଭଞ୍ଜ ଗଠନ କରିବାର ପ୍ରତିଶ୍ରୁତି ଦେଇଥିବା ମଧ୍ୟ ପାଣ୍ଡିଆନ ତାଙ୍କ ଭାଷଣରେ କହିଥିଲେ। ଏହି ସମାବେଶରେ ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ବାରିପଦା ବିଧାନସଭା ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି, ମୋରଡ଼ା ବିଧାୟିକ ପ୍ରାର୍ଥୀ ପ୍ରୀତିନନ୍ଦା କାନୁନ୍‌ଗୋ, ଉଦଳା ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ ଓ ବାଙ୍ଗରିପୋଷି ବିଧାୟକ ପ୍ରାର୍ଥୀ ରଞ୍ଜିତା ମାରାଣ୍ଡି ଉପସ୍ଥିତ ଥିଲେ। ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଇରଙ୍ଗପୁର ଦାଣ୍ଡବୋଷସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିବା ପରେ ସେଠାରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇଥିଲେ।

ବାଲେଶ୍ୱର ସହରସ୍ଥିତ ପୋଲିସ ଲାଇନ୍‌ପଡ଼ିଆରେ ଅପରାହ୍ନ ୪ଟା ୩୦ରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଜେଡି ସରକାର ପ୍ରଣୟନ କରିଥିବା ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ଭଲ କି ନୁହେଁ ବୋଲି ପଚାରି ବୁଝିଥିଲେ। ନିର୍ବାଚନ ପରେ ବିଜେଡି ସରକାର ଗଠନ କଲେ ବିଜୁଳି ମାଗଣା ଦିଆଯିବ କଥା କହି 'ଆପଣ ମାନେ ଖୁସି ତ' ବୋଲି କହିଥିଲେ। ୨୦୧୯ ନିର୍ବାଚନରେ ଭାଜପାରୁ ଜିତିଥିବା ବାଲେଶ୍ୱର ଏମ୍‌ପି କିଛି କାମ କରି ନାହାନ୍ତି। ସଭାରେ ନୂତନ ବିଜେଡି ଜିଲା ସଭାପତି ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ରଖିଥିଲେ। ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଆସନ୍ତା ୯ ତାରିଖରେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଡ. ଲେଖାଶ୍ରୀ ସାମନ୍ତସିଂହାର ସଭାରେ ଉପସ୍ଥିତ ରହି କେବଳ ବିଜେଡି ମା'ମାନଙ୍କୁ ସମ୍ମାନ ଦେଇ ୩୩% ମହିଳାଙ୍କୁ ନିର୍ବାଚନରେ ଭାଗ ନେବାକୁ ସୁଯୋଗ ଦେଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟକ ପ୍ରାର୍ଥିନୀ ସୁବାସିନୀ ଜେନା, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ, ରେମୁଣା ବିଧାୟକ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ନୀଳଗିରି ବିଧାୟକ ପ୍ରାର୍ଥୀ ଇଂ. ସୁକାନ୍ତ କୁମାର ନାୟକ, ବଡ଼ସାହି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅନୁସୂୟା ପାତ୍ର, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୌର ଅଧକ୍ଷା ସବିତା ସାହୁ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ।

# ଭାଜପା ନେତାଙ୍କୁ ମାନସିକ ଚିକିତ୍ସା କରାଯାଉ

## ଏସ୍‌ସିବି ମନସ୍ତତ୍ତ୍ୱ ବିଭାଗକୁ ଚିଠି ଲେଖିଲା ବିଜେଡି

**ଭୁବନେଶ୍ୱର,୨୪।୫(ଅନିଲ ଦାସ)**

ନିର୍ବାଚନ ଶେଷ ହୋଇ ଆସୁଥିବା ବେଳେ ବିଜେଡି ଓ ଭାଜପା ମଧ୍ୟରେ ବୟାନବାଜି ରାଜନୈତିକ ମହଲକୁ ସରଗରମ କରିଛି। ପରସ୍ପର ପରସ୍ପରକୁ ବାକ୍ୟବାଣରେ ଘାଇଲା କରୁଛନ୍ତି। ଏହି କ୍ରମରେ ବିଜେଡି ରାଜ୍ୟ ଭାଜପାର ଅନେକ ନେତା ପାଗଳ ହୋଇଗଲେଣି ବୋଲି କହିଛି। ସେମାନଙ୍କର ମାନସିକ ଚିକିତ୍ସା ଆବଶ୍ୟକ। ଏମିତି କହି ବିଜେଡି କଟକ ବଡ଼ ମେଡିକାଲ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟଙ୍କୁ ଶୁକ୍ରବାର ଚିଠି ଲେଖିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ଲୋକ ସଭା ଆସନ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ମାନସିକ ରୋଗର ଚିକିତ୍ସା ଯୋଗାଇ ଦେବାକୁ ବିଜେଡି ଚିଠି ଲେଖିଛି।

ଦଳ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି, ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ମେଡିକାଲ ବୋର୍ଡ ଗଠନ କରିବା ସହ ଏହି ଚାରି ନେତାଙ୍କ ଆବଶ୍ୟକ ମାନସିକ ରୋଗ ଚିକିତ୍ସା ବ୍ୟବସ୍ଥା କରାଯାଉ । ଯଦି ସେମାନେ ଏଥିରେ ରାଜି ନ ହୁଅନ୍ତି, ତେବେ ସେମାନଙ୍କୁ ବୁଝାଶୁଝା କରି ହସ୍ପିଟାଲ ଆଣିବାର ଦାୟିତ୍ୱ ଏକ କାଉନସେଲିଂ ଟିମ୍‌କୁ ପ୍ରଦାନ କରାଯାଉ। ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ, ଆମ ପ୍ରତିପକ୍ଷ ଓଡ଼ିଶା ଭାଜପାର କେତେଜଣ ନେତାଙ୍କ ମାନସିକ ସ୍ଥିତି ଦେଖି ଗଭୀର ଚିନ୍ତିତ । ଏଥିପାଇଁ ଆମକୁ ଭାରି ଦୟା ଲାଗୁଛି । ୨୦୨୪ ନିର୍ବାଚନରେ ଭାଜପା ବହୁତ ଖରାପ ଭାବେ ହାରିବାକୁ ଯାଉଥିବାରୁ, ସେମାନେ ନିଜ ମାନସିକ ଭାରସାମ୍ୟ ହରାଇ ପ୍ରତିଦିନ ବାଚାଳାମି କରୁଛନ୍ତି। ଏସବୁ ଦେଖିବା କଷ୍ଟଦାୟକ। ମହାପ୍ରଭୁ ଓଡ଼ିଶା ଭାଜପା ନେତାମାନଙ୍କ ମାନସିକ ସନ୍ତୁଳନ ବଜାୟ ରଖିବାରେ ସହାୟ ହୁଅନ୍ତୁ ବୋଲି ବିଜେଡି ପ୍ରାର୍ଥନା କରିଛି।

# ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧନମୁକ୍ତ କରିବାକୁ ପୋଲିସ ଡିଜିଙ୍କୁ ଭାଜପାର ଚିଠି

## ରାମମନ୍ଦିର ସମ୍ମୁଖରେ ବିକ୍ଷୋଭକଲେ ଭାଜପାର ନେତା ଓ କର୍ମୀ

**ଭୁବନେଶ୍ୱର, ୨୪।୫(ସୁନିତ୍ ମିଶ୍ର)**

ଆମ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ କିଛିଦିନ ହେବ ତାଙ୍କର ପୂର୍ବତନ ବ୍ୟକ୍ତିଗତ ସଚିବ କାର୍ତ୍ତିକ ପାଣ୍ଡିଆନ ବନ୍ଧନ କରି ରଖିଛନ୍ତି। ଅନେକ ଘଟଣାରୁ ଏହା ପ୍ରମାଣିତ ହୋଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ଦଳ ବିଜେଡି ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାରିତ ହେଉଥିବା ଭିଡିଓଗୁଡିକରୁ ଏହା ପ୍ରତିପାଦିତ ହୋଇଛି। ସେଥିରୁ ଆହୁରି ଜଣାପଡ଼ିଛି, ପାଣ୍ଡିଆନ ଏବଂ ତାଙ୍କ ଗୋଷ୍ଠୀରେ ଥିବା କେତେଜଣ ଅଣଓଡ଼ିଆ ଅଧିକାରୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ରୂପେ ବନ୍ଧନକରି ରଖିଛନ୍ତି। ପ୍ରୋଟୋକଲ ଅନୁଯାୟୀ, ତାଙ୍କ ସହ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ମଧ୍ୟ ଚର୍ଚ୍ଚା କରିପାରୁଛନ୍ତି କି ନାହିଁ ସେନେଇ ମଧ୍ୟ ସନ୍ଦେହ ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ପୋଲିସ ଡିଜିଙ୍କୁ ଶୁକ୍ରବାର ଏକ ଚିଠି ଲେଖି ଏ ବାବଦରେ ଅବଗତ କରାଇଛି। ଭାଜପା ଚିଠିରେ ଆହୁରି ଲେଖିଛି, ମୁଖ୍ୟମନ୍ତ୍ରୀଙ୍କ ଅବସ୍ଥା କିପରି ରହିଛି ସେ ବିଷୟରେ ଜାଣିବାର ଅଧିକାର ସମସ୍ତ ରାଜ୍ୟବାସୀଙ୍କର ରହିଛି। ତେଣୁ ରାଜ୍ୟ ଭାଜପା ପକ୍ଷରୁ ନିବେଦନ ଯେ, ଆପଣ ଜଣେ ବିଚାରପତି ଏବଂ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ପାଣ୍ଡିଆନଙ୍କ କବଳରୁ ମୁକ୍ତକରି ରାଜ୍ୟର ଗଣମାଧ୍ୟମ ସହ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରନ୍ତୁ। ଏଭଳି ସମ୍ବେଦନଶୀଳ ବିଷୟ ପ୍ରତି ଗୁରୁତ୍ୱ ଦେବେ ବୋଲି ପୋଲିସ ଡିଜିଙ୍କୁ ଭାଜପା ଅନୁରୋଧ କରିଛି। ରାଜ୍ୟ ମୁଖପାତ୍ର ଦିଲୀପ ମଲିକଙ୍କ ନେତୃତ୍ୱରେ ଭାଜପାର କେତେଜଣ ନେତା ଓ କର୍ମୀ ରାମମନ୍ଦିର ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସେମାନେ କହିଛନ୍ତି, ପାଣ୍ଡିଆନ ଏବଂ ତାଙ୍କ ଗୋଷ୍ଠୀରେ ଥିବା କେତେଜଣ ଅଣଓଡ଼ିଆ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ କବ୍‌ଜା କରି ରଖିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ପାଣ୍ଡିଆନଙ୍କ କବଳରୁ ମୁକ୍ତ କରାଯିବା ଦରକାର। ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧନ ମଧ୍ୟରେ ରଖି ଗଣମାଧ୍ୟମକୁ ସାକ୍ଷାତ୍‌କାର ମାଧ୍ୟମରେ ପାଣ୍ଡିଆନ ରାଜ୍ୟବାସୀଙ୍କୁ ସ୍ୱପ୍ନ ଦେଖାଇବା ଦୁର୍ଭାଗ୍ୟଜନକ। ତେଣୁ ପାଣ୍ଡିଆନଙ୍କ ସାକ୍ଷାତ୍‌କାରରୁ ସ୍ପଷ୍ଟ ହେଉଛି ମୁଖ୍ୟମନ୍ତ୍ରୀ ବନ୍ଧନରେ ଅଛନ୍ତି ବୋଲି ଦିଲୀପ କହିଛନ୍ତି।




ପୁରୀ ବେଳାଭୂମିରେ ଶୁକ୍ରବାର ୫ଶହ କିଲୋ ଆମ୍ବ ଦ୍ୱାରା ପ୍ରସ୍ତୁତ ବାଲୁକା କଳାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମତଦାନ ନେଇ ସଚେତନତା ବାର୍ତ୍ତା ଦେଉଛନ୍ତି।

# ଆଜି ଆସୁଛନ୍ତି ଦିନିକିଆ ଓଡ଼ିଶା ଗସ୍ତରେ ସ୍ମୃତି ଇରାନୀ

## କୁଜଙ୍ଗ, ଆଳି ଏବଂ ରେମୁଣା ଜନସଭାରେ ସମ୍ବୋଧନ କରିବେ



**ଭୁବନେଶ୍ୱର, ୨୪।୫(ସୁନିତ୍ ମିଶ୍ର)**

ରାଜ୍ୟରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଥମ ଥର ପ୍ରଚାର କରିବାକୁ ଶନିବାର କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଇରାନୀ ସକାଳ ୯ ଘଟିକାରେ ଦିଲ୍ଲୀରୁ ଆସି ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାପରେ ପୂର୍ବାହ୍ନ ୧୦ଟା ୩୦ରେ କୁଜଙ୍ଗ(ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ), ମଧ୍ୟାହ୍ନ ୧୨ଟା ୧୫ରେ ଆଳି ଏବଂ ଅପରାହ୍ନ ୨ଟା୪୫ରେ ରେମୁଣାଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ ବୋଲି ଦଳର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ଭାଜପା ବିରୋଧରେ ଲୋକଙ୍କୁ ବିଭ୍ରାନ୍ତ କରୁଛି ବିଜେଡି: ସଜ୍ଜନ

## ସରକାର କଲେ ବିଏସ୍‌କେୱାଇ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବନ୍ଦ ହେବନି: ଭାଜପା

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**



ସଜ୍ଜନ ଶର୍ମା

ବିଗତ ଦିନରେ ଓଡ଼ିଶାର ଗଣତାନ୍ତ୍ରିକ ଆନ୍ଦୋଳନର ବିଜେଡି ମୁଖ୍ୟ ରାଜନୈତିକ ସଙ୍ଗଠନ ଥିଲା। ଏହାର ରାଜନୈତିକ ବ୍ୟାପାର କମିଟି, ରାଜ୍ୟ କାର୍ଯ୍ୟନିର୍ବାହୀ ଓ ପାର୍ଲାମେଣ୍ଟାରି ବୋର୍ଡ ହିଁ ଦଳର ପ୍ରାଥୀ କିଏ ହେବ ସ୍ଥିର କରେ। ବିଜେଡିର ପୁରୁଣା ନେତାଙ୍କୁ ପଚାରିଲେ ପାର୍ଲାମେଣ୍ଟାରି ବୋର୍ଡର କିଏ ସଦସ୍ୟ ଅଛନ୍ତି ତାହା ତାଙ୍କୁ ଜଣାନାହିଁ। ତାଙ୍କର ବୈଠକ ହେଲା କି ନାହିଁ, ସେଥିରେ କ'ଣ ନିଷ୍ପତ୍ତି ହେଲା ତାହା ମଧ୍ୟ ବିଜେଡି ନେତାମାନେ ଅନଭିଜ୍ଞ। ଏପରିକି ପାର୍ଲାମେଣ୍ଟାରି ବୋର୍ଡ ନିଷ୍ପତ୍ତି କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ବି ଜାଣନ୍ତି ନାହିଁ। ଏହାଛଡା ଓଡ଼ିଶାର କ୍ୟାବିନେଟ୍ ବସୁଛି କି ନାହିଁ, ପୂର୍ବରୁ ମନ୍ତ୍ରୀମାନଙ୍କ ପାଖରେ ଚିଠା ପହଞ୍ଚୁଛି କି ନାହିଁ, ସେମାନେ ଯୋଗ ଦେଉଛନ୍ତି କି ନାହିଁ ତାହା ବି ବିଜେଡି ନେତାଙ୍କୁ ଜଣାନାହିଁ। ବିଜେଡିର ଆଭିମୁଖ୍ୟ ଓ ଭାବାବେଗ, ଆବଶ୍ୟକତା ବାସ୍ତବରେ କେଉଁଠି ବନ୍ଧାପଡ଼ିଛି ତାହା ସାରା ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଭାଜପା ସରକାରକୁ ଆସିଲେ ବିଏସ୍‌କେୱାଇ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବନ୍ଦ କରିଦେବ ବୋଲି ବିଜେଡି ବିଭ୍ରାନ୍ତ କରୁଥିବା ଭାଜପା ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଜ୍ଜନ କହିଛନ୍ତି, ବିଜେଡିରେ ମାତ୍ର ୨ଟି ଲୋକ ଦେଖାଯାଉଛନ୍ତି। ପ୍ରଶାସନର ଉପରଠୁ ତଳ ପର୍ଯ୍ୟନ୍ତ ପିସି ଓ ଭ୍ରଷ୍ଟାଚାର ଚାଲିଛି। ଓଡ଼ିଶାରେ ମାଫିଆ ରାଜ୍ ଚାଲିଛି। ଏହାକୁ ବାହାରୁ ଆସୁଥିବା ଲୋକମାନେ ବି ଅନୁଭବ କରିପାରୁଛନ୍ତି। ଏନେଇ ବିଜେଡି କବଳରୁ ଓଡ଼ିଶାକୁ ମୁକୁଳାଇବାକୁ ଓଡ଼ିଶାର ଜନସାଧାରଣ ଓ ଭୋଟରଙ୍କୁ ଭାଜପା ନିବେଦନ କରିଛି। ଓଡ଼ିଶା ମୁକୁଳିଲେ ବିକଶିତ ଓଡ଼ିଶା ଗଠନ ସମ୍ଭବ ହେବ। ଏହା ହିଁ ମୋଦି ଗ୍ୟାରେଣ୍ଟି। ଯେଉଁଠି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଓଡ଼ିଶାର ବିକାଶ ଅଟକିଯାଉଛି ତାକୁ ଗତିଶୀଳ କରିବା ମୋଦି ଗ୍ୟାରେଣ୍ଟି। ବିଜେଡି ସରକାର ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ବିଭ୍ରାନ୍ତ କରୁଛି। ବିଜେଡି ନେତାମାନେ ଅପପ୍ରଚାର କରୁଛନ୍ତି ଯେ ଭାଜପା ସରକାରକୁ ଆସିଲେ ବିଏସ୍‌କେୱାଇ ବନ୍ଦ ହୋଇଯିବ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବନ୍ଦ ହୋଇଯିବ। ମାତ୍ର ଏସବୁ ଭ୍ରାନ୍ତ ଧାରଣାରୁ ଦୂରେଇ ରହିବାକୁ ରାଜ୍ୟବାସୀଙ୍କୁ ଭାଜପା ନିବେଦନ କରୁଛି ବୋଲି ସଜ୍ଜନ କହିଛନ୍ତି।

# ବିଜେଡିରୁ ଇସ୍ତଫା ଦେଲେ ଅଚ୍ୟୁତାନନ୍ଦ



ଅଚ୍ୟୁତନନ୍ଦ ଦାସ

**ଭୋଗରାଇ, ୨୪।୫ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଅଚ୍ୟୁତାନନ୍ଦ ଦାସ ବିଜେଡିର ପ୍ରାଥମିକ ସଭ୍ୟ ଓ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦଳର ଅନ୍ୟ କେତେକ ବରିଷ୍ଠ ନେତା ନିର୍ବାଚନ ଶେଷ ମୁହୂର୍ତ୍ତରେ ଇସ୍ତଫା ଦେବାକୁ ସଜବାଜ ହେଉଥିବାର ଶୁକ୍ରବାର ବାଟଗ୍ରାମସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଚ୍ୟୁତନନ୍ଦ ପ୍ରକାଶ କରିଛନ୍ତି।

ଅଚ୍ୟୁତାନନ୍ଦ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ମାମୁ ପୁଅ ଭାଇ। ୨୦ବର୍ଷ ଧରି ବିଜୁ ଜନତା ଦଳର ଛାମୁଆ ନେତା ତଥା ଦଳର ଜଣେ ଶୃଙ୍ଖଳିତ ଦୃଢ଼ ସଙ୍ଗଠକ ଭାବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଦ୍ୟାବଧି ସେ ତୁଲାଇ ଆସୁଥିଲେ। ଦଳର କେତେକ ନେତା ଚକ୍ରାନ୍ତ କରି ତାଙ୍କୁ ପଦପଦବୀରୁ ହଟାଇବା ସହ ତାଙ୍କୁ ଅଣଦେଖା କରିବାରୁ କ୍ଷୋଭ ପ୍ରକାଶ କରି ସେ ଦଳରୁ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟ ଦଳରେ ମିଶିବା ନେଇ ଅଚ୍ୟୁତାନନ୍ଦଙ୍କୁ ଖବରଦାତା ପଚାରିବାରେ ପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ତାଙ୍କର ଅଚାନକ ଇସ୍ତଫା ଦଳରେ ଗୁଞ୍ଜରଣ ସୃଷ୍ଟି କରିଛି। ତେବେ ଇସ୍ତଫାପତ୍ର ଗ୍ରହଣ କରାଯିବ କି ନାହିଁ ବୈଠକ ବସି ସିଦ୍ଧାନ୍ତ ଗ୍ରହଣ କରାଯିବ ବୋଲି ଭୋଗରାଇ ବିଜେଡି ସଭାପତି ରମାକାନ୍ତ କରଣ ସୂଚନା ଦେଇଛନ୍ତି।

# ଓଡ଼ିଆ ଅସ୍ମିତା ଆଜି ସଙ୍କଟରେ: ମଧ୍ୟପ୍ରଦେଶ ମନ୍ତ୍ରୀ




ତିଳଦା ଗ୍ରାମରେ ଅନୁଷ୍ଠିତ ସମାବେଶରେ ମଧ୍ୟପ୍ରଦେଶ କ୍ରୀଡ଼ାମନ୍ତ୍ରୀ ବିଶ୍ୱଭାଷ କୈଳାସଙ୍କ ସହ ଭାଜପା ନେତୃବୃନ୍ଦ।

**ଖଇରା, ୨୪।୫ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ପଞ୍ଚାୟତର ତିଳଦା ଗ୍ରାମରେ ଭାଜପାର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧ୍ୟପ୍ରଦେଶ କ୍ରୀଡ଼ା ଓ ସମବାୟ ମନ୍ତ୍ରୀ ବିଶ୍ୱଭାଷ କୈଳାସ ସାରଙ୍ଗୀରେ ଯୋଗଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ସମ୍ମୁଖରେ ରଖି ଜଣେ ତାମିଲ ଶାସକ କ୍ଷମତା କେନ୍ଦ୍ରର ଦୁରୂପଯୋଗ କରୁଛନ୍ତି। ଓଡ଼ିଆଙ୍କ ଅସ୍ମିତା ଆଜି ସଙ୍କଟର ସମ୍ମୁଖୀନ ହୋଇଥିବାରୁ ସରକାରଙ୍କୁ ଗାଦିଚ୍ୟୁତ କରିବା ଜରୁରୀ। ମଣ୍ଡଳ ସାଧାରଣ ସମ୍ପାଦକ ନୀଳାମ୍ବର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ସ୍ଥାନୀୟ ସରପଞ୍ଚ ଦୟାନିଧି ନାୟକ, ଯୁବନେତା ନୀଳମାଧବ ପଣ୍ଡା, ପ୍ରଚାର କମିଟି ମୁଖ୍ୟ ଭାରତୀ ମଲ୍ଲିକ, ନାରୀନେତ୍ରୀ କଳ୍ପନା ନାୟକ, ମଧୁସୂଦନ ମହାନ୍ତି, ଯଦୁନାଥ ବେହେରା ପ୍ରମୁଖ ଯୋଗଦେଇ ବିକାଶକୁ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଭାଜପାର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ପ୍ରଥମେ ଏକ ବାଇକ୍ ରାଲି ଭଞ୍ଜପଦାରୁ ବାହାରି ତିଳଦା ଗ୍ରାମରେ ପହଞ୍ଚିଥିଲା।

# ହାଇଦ୍ରାବାଦ-କୋଲକାତା ଫାଇନାଲ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଶାହାବାଜ ଅହମଦ।



ଉଇକେଟ ନେବା ପରେ ଉଲ୍ଲସିତ ଅଭିଷେକ ଶର୍ମା।

**ଚେନ୍ନାଇ, ୨୪।୫**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ବ୍ୟାଟରଙ୍କ ବିଫଳତା ଯୋଗୁ ରାଜସ୍ଥାନ ରୟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ଲେ-ଅଫ୍‌ରୁ ବିଦାୟ ନେଇଛି। ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ କ୍ୱାଲିଫାୟର୍ସ-୨ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୩୬ ରନରେ ରାଜସ୍ଥାନକୁ ପରାସ୍ତ କରିଛି। ରାଜସ୍ଥାନର ଟ୍ରେଣ୍ଟ ବୋଲ୍ଟ ଓ ଆଭେସ ଖାଁ ଚମତ୍କାର ବୋଲିଂ କରି ସନ୍‌ରାଇଜର୍ସ ଇନିଂସକୁ ୨୦ ଓଭରରେ ୯ ଉଇକେଟରେ ୧୭୫ ମଧ୍ୟରେ ସୀମିତ ରଖିଥିଲେ। ୧୭୬ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ରାଜସ୍ଥାନ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା। ସନ୍‌ରାଇଜର୍ସ ଫାଇନାଲରେ କୋଲକାତା ନାଇଟ ରାଇଡର୍ସକୁ ଭେଟିବ। ରବିବାର ଏଠାରେ ଫାଇନାଲ ଖେଳାଯିବ। ରାଜସ୍ଥାନ ଏହା ପୂର୍ବରୁ ୨୦୦୮ରେ ଚାମ୍ପିୟନ ଏବଂ ୨୦୨୨ରେ ରନରଅପ୍ ହୋଇଥିଲା। ଏଠାରେ କ୍ୱାଲିଫାୟର ଜିତି ଦଳପାଇଁ ଫାଇନାଲ ଖେଳିବା ସୁଯୋଗ ରହିଥିଲେ ହେଁ ତାହା ଅଧୁରା ରହିଛି।

## ଆଇପିଏଲ୍ କ୍ୱାଲିଫାୟର୍ସ-୨ରେ ରାଜସ୍ଥାନ ରୟାଲ୍ସ ପରାସ୍ତ

ଅନ୍ୟପକ୍ଷରେ ୨୦୧୬ରେ ଚାମ୍ପିୟନ ଓ ୨୦୧୮ରେ ରନରଅପ୍ ହୋଇଥିବା ସନ୍‌ରାଇଜର୍ସ ତୃତୀୟ ଥରପାଇଁ ଆଇପିଏଲ୍ ଫାଇନାଲରେ ପ୍ରବେଶ କରିଛି।

ଯଶସ୍ୱୀ ଜୟସ୍ୱାଲ ଭଲ ଆରମ୍ଭ କରିଥିଲେ ହେଁ ଅପରପଟରୁ ସହାୟତା ପାଇ ନ ଥିଲେ। ଟମ୍ କୋଲେର କାଡମୋରେ ୧୦, ଅଧିନାୟକ ସଞ୍ଜୁ ସାମସନ ୧୦ ଓ ରିୟାନ ପରାଗ ୬ ରନରେ ଆଉଟ ହେବାରୁ ରାଜସ୍ଥାନର ପରାଜୟ ନିଶ୍ଚିତ ହୋଇ ଯାଇଥିଲା। ରବିଚନ୍ଦ୍ରନ ଅଶ୍ୱିନ ଡକ୍(୦), ଇମ୍ପାକ୍ଟ ପ୍ଲେୟର ଶିମରନ ହେଟମେର ୪ ଓ ରୋଭମାନ ପାୱେଲ ୬ ରନରେ ଆଉଟ ହେବା ସହ ରାଜସ୍ଥାନ ସମ୍ଭାବନା ଶେଷ ହୋଇ ଯାଇଥିଲା। ମିଡିଲ ଅର୍ଡରରେ ଧ୍ରୁବ ଜୋରେଲ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ତାହା ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ସେ ୩୫ ବଲ୍‌ରୁ ୫୬ (୭ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ଶାହାବାଜ ଅହମଦ ୩ଟି, ଅଭିଷେକ ଶର୍ମା ୨ଟି ଏବଂ ପ୍ୟାଟ୍ କମିନ୍ସ ଓ ଟି. ନଟରାଜନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ। ଏଲିମିନେଟର ପରି ଏଠାରେ ମଧ୍ୟ ଆରମ୍ଭରେ ଘାତକ ବୋଲିଂ କରିଥିଲେ ଟ୍ରେଣ୍ଟ ବୋଲ୍ଟ। ସେ ପ୍ରଥମ ଓଭରରେ ବିପଜ୍ଜନକ ବ୍ୟାଟର ଅଭିଷେକ ଶର୍ମା (୧୨)ଙ୍କୁ ଆଉଟ କରି ବିପକ୍ଷ ଦଳକୁ ପ୍ରଥମ ଝଟ୍‌କା ଦେଇଥିଲେ। ଟ୍ରାଭିସ ହେଡ୍ ଓ ରାହୁଲ ତ୍ରିପାଠୀ ଇନିଂସ ସମ୍ଭାଳିଥିଲେ। ତେବେ ବିସ୍ଫୋରକ ବ୍ୟାଟିଂ କରି ରନ୍ ହାର ବଢ଼ାଇ ଆସୁଥିବା ରାହୁଲ ତ୍ରିପାଠୀଙ୍କୁ ଆଉଟ କରି ବୋଲ୍ଟ ଦ୍ୱିତୀୟ ସଫଳତା ପାଇଥିଲେ। କେବଳ ସେତିକି ନୁହେଁ ସେହି ଓଭରରେ ସେ ଏଡେନ ମାରକ୍ରମଙ୍କୁ ଆଉଟ କରିବାରୁ ସନ୍‌ରାଇଜର୍ସ ଚାପସ୍ଥିତିକୁ ଚାଲି ଆସିଥିଲା। ୧୫ଟି ବଲ୍ ଖେଳିଥିବା ରାହୁଲ ୫ ଚୌକା ଓ ୨ ଛକା ସହାୟତାରେ ୩୭ ରନ କରିଥିଲେ। ଟ୍ରାଭିସ ହେଡ୍ ସ୍ୱାଭାବିକ ବ୍ୟାଟିଂ କରିପାରି ନ ଥିଲେ ମଧ୍ୟ ୨୮ ବଲ୍‌ରୁ ୩୪ (୩ ଚୌକା, ୧ ଛକା) ରନ କରିବାରୁ ହାଇଦ୍ରାବାଦ ସ୍କୋର ୧୦ ଓଭର ବେଳକୁ ୯୯ ହୋଇ ଯାଇଥିଲା। ଫଳରେ ଦଳର ସ୍କୋର ୨୦୦ ଛୁଇଁବା ଆଶା କରାଯାଉଥିଲା। ମାତ୍ର ଠିକ୍ ସମୟରେ ଉଇକେଟ ନେଇ ରାଜସ୍ଥାନ ବୋଲରମାନେ ତାହା ହେବାକୁ ଦେଇ ନ ଥିଲେ। ହେନରିଚ୍ କ୍ଲାସେନ ଯଦିଓ ଅର୍ଦ୍ଧଶତକ (୫୦ ରନ) ହାସଲ କରିଥିଲେ ତେବେ ଏଥିପାଇଁ ୩୪ଟି ବଲ୍‌ର ସହାୟତା ନେଇଥିଲେ। ନୀତୀଶ ରେଡ୍ଡୀ ୫, ଅବଦୁଲ ସମଦ ଡକ୍(୦)ରେ ଆଉଟ ହେବା ସନ୍‌ରାଇଜର୍ସକୁ ବ୍ୟାକ୍‌ଫୁଟରେ ରଖିଥିଲା। ଇମ୍ପାକ୍ଟ ଖେଳାଳି ଶାହାବାଜ ଅହମଦ ୧୮ଟି ବଲ୍ ଖେଳି ୧୮ ରନ କରିଥିଲେ। ସନ୍ଦିପ ଶର୍ମା ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୫/୯ (ହେନରିଚ୍ କ୍ଲାସେନ-୫୦, ରାହୁଲ ତ୍ରିପାଠୀ-୩୭, ଟ୍ରାଭିସ ହେଡ୍-୩୪, ଟ୍ରେଣ୍ଟ ବୋଲ୍ଟ-୩/୪୫, ଆଭେସ ଖାଁ-୩/୨୭, ସନ୍ଦିପ ଶର୍ମା-୨/୨୫)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୩୯/୭ (ଧ୍ରୁବ ଜୋରେଲ-୫୬*, ଯଶସ୍ୱୀ ଜୟସ୍ୱାଲ-୪୨, ଶାହାବାଜ ଅହମଦ-୩/୨୩, ଅଭିଷେକ ଶର୍ମା-୨/୨୪, ପ୍ୟାଟ୍ କମିନ୍ସ-୧/୩୦, ଟି. ନଟରାଜନ-୧/୧୩)।

**ଏଫ୍ଆଇଏଚ୍ ପ୍ରୋ-ଲିଗ୍**

## ବେଲଜିୟମଠାରୁ ହାରିଲା ଭାରତ

**ଆଣ୍ଟୱର୍ପ (ବେଲଜିୟମ), ୨୪।୫ (ପି.ଟି.):** ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ର ୟୁରୋପିଆନ ଲେଗ୍‌ରେ ଭାରତୀୟ ପୁରୁଷ ଦଳ ୧-୪ ଗୋଲ୍‌ରେ ଆୟୋଜକ ତଥା ବିଶ୍ୱର ୩ ନମ୍ବର ଦଳ ବେଲଜିୟମଠାରୁ ହାରିଯାଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ରହିଥିଲା। ବେଲଜିୟମ ଦଳର ଚମତ୍କାର ପାସିଂ ଏବଂ କୌଶଳପୂର୍ଣ୍ଣ ଖେଳ ଆଗରେ ଭାରତୀୟ ଡିଫେନ୍ସ ଉପାୟଶୂନ୍ୟ ପରିଲକ୍ଷିତ ହୋଇଥିଲା। ଭାରତ ତରଫରୁ ଅଭିଷେକ ଏକମାତ୍ର ଗୋଲ ଖେଳର ୫୫ତମ ମିନିଟ୍‌ରେ ସ୍କୋର କରିଥିଲେ। ଘରୋଇ ଦଳ ତରଫରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ (୩୪ତମ ଓ ୬୦ତମ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଫେଲିକ୍ସ ଡିନାୟର (୨୨ତମ ମିନିଟ୍) ଓ ସେଡ୍ରିକ୍ ଚାର୍ଲିଅର (୪୯ତମ ମିନିଟ୍) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ବୁଧବାର ଅନୁଷ୍ଠିତ ଓପନିଂ ମ୍ୟାଚରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆର୍ଜେଣ୍ଟିନାକୁ ପେନାଲ୍‌ଟି ଶୁଟଆଉଟ୍‌ରେ ୫-୪ ଗୋଲ୍‌ରେ ପରାଜିତ କରିଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଶନିବାର ଭାରତ ପୁଣିଥରେ ବେଲଜିୟମକୁ ଭେଟିବ।

### ମହିଳା ଦଳ ପରାଜିତ

ଅନ୍ୟପକ୍ଷରେ ୟୁରୋପିଆନ ଲେଗ୍ ପ୍ରୋ-ଲିଗ୍‌ରେ ଭାରତୀୟ ମହିଳା ଦଳ କ୍ରମାଗତ ଏହାର ଦ୍ୱିତୀୟ ପରାଜୟ ବରଣ କରିଛି। ଦଳ ବେଲଜିୟମଠାରୁ ୦-୨ ଗୋଲରେ ପରାସ୍ତ ହୋଇଛି। ଗୁରୁବାର ରାତିରେ ଅନୁଷ୍ଠିତ ଏହି ମ୍ୟାଚରେ ବେଲଜିୟମ ତରଫରୁ ଆଲେକ୍ସିଆ ଟି ସର୍ଷ୍ଟଭେନ୍ସ ୩୪ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ଏହାର ୨ମିନିଟରେ ଦ୍ୱିତୀୟ ଗୋଲ୍‌ଟିକୁ ଡିୱେଟ ଲୋଇସ ସ୍କୋର କରିଥିଲେ। ନୂଆ କୋଚ୍ ହରେନ୍ଦ୍ର ସିଂ ଏବଂ ଅଧିନାୟିକା ସାଲିମା ଟେଟେଙ୍କ ଅଧୀନରେ ଖେଳୁଥିବା ଭାରତୀୟ ଦଳ ଆର୍ଜେଣ୍ଟିନା ବିପକ୍ଷ ଏହାର ପ୍ରଥମ ମ୍ୟାଚ ୦-୫ରେ ହାରିଯାଇଥିଲା।

## ଭାରତୀୟ କମ୍ପାଉଣ୍ଡ ମିକ୍ସଡ ଦଳ ଫାଇନାଲରେ

**ଆର୍ଚେରୀ ବିଶ୍ୱକପ**

**ୟେଚେଅନ, ୨୪।୫ (ପି.ଟି.)**

ଜ୍ୟୋତି ସୁରେଖା ଭେନମ ଓ ପ୍ରିୟାଂଶଙ୍କୁ ନେଇ ଗଠିତ ଭାରତୀୟ କମ୍ପାଉଣ୍ଡ ମିକ୍ସଡ ଟିମ୍ ଏଠାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରତିଯୋଗିତାରେ ଭାରତର ଦ୍ୱିତୀୟ ପଦକ ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଦୀପିକା କୁମାରୀ ଚମତ୍କାର ପ୍ରଦର୍ଶନ କରି ରିକର୍ଭ ଇଭେଣ୍ଟର ସେମିଫାଇନାଲରେ ପହଞ୍ଚିଛନ୍ତି। ଜ୍ୟୋତି, ପ୍ରଣୀତ କୌର ଓ ଅଦିତି ସ୍ୱାମୀଙ୍କୁ ନେଇ ଗଠିତ ଭାରତୀୟ କମ୍ପାଉଣ୍ଡ ମହିଳା ଦଳ ଗତ ବୁଧବାର ଫାଇନାଲରେ ପ୍ରବେଶ କରି ଦେଶପାଇଁ ପ୍ରଥମ ପଦକ ନିଶ୍ଚିତ କରିଥିଲେ। ଯୁବ ଭାରତୀୟ ଆର୍ଚର ପ୍ରଥମେଶ ଫୁଗେ ମଧ୍ୟ ପଦକ ଉପରେ ନଜର ରଖିଛନ୍ତି। ବ୍ୟକ୍ତିଗତ କାଟେଗୋରିରେ ସେ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ଭାରତୀୟ କମ୍ପାଉଣ୍ଡ ମିକ୍ସଡ ଟିମ୍ ବିଶ୍ୱ ର୍‍ୟାଙ୍କିଂ‌ରେ ୨ ନମ୍ବର ସ୍ଥାନରେ ଅଛି। ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ୧୬ ଆରୋଜ୍‌ରୁ ମାତ୍ର ୨ ପଏଣ୍ଟ ଡ୍ରପ୍ କରି ଆୟୋଜକ ଦେଶର ହାନ୍ ସ୍ୟୁନଗ୍ୟୋନ ଓ ୟାଙ୍ଗ୍ ଜେଓ୍ୱନଙ୍କୁ ୧୫୮-୧୫୭ରେ ପରାସ୍ତ କରିଛନ୍ତି। ଜ୍ୟୋତି ଓ ପ୍ରିୟାଂଶ ଫାଇନାଲରେ ଆମେରିକାର ଓଲିଭିଆ ଡିନ୍ ଓ ସାୱେର ସୁଲିଭାନଙ୍କୁ ଭେଟିବେ।

## ଜାତୀୟ ସବ୍‌ଜୁନିୟର ଥ୍ରୋ ବଲ୍‌ରେ ଓଡ଼ିଶା ଭାଗନେବ

**ଭୁବନେଶ୍ୱର, ୨୪।୫ (ତପନ ସ୍ୱାଇଁ)**

ପଞ୍ଜାବର ପଟିଆଲାଠାରେ ୨୯ତମ ଜାତୀୟ ସବ୍‌ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍ ଚଳିତମାସ ୨୮ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଓଡ଼ିଶାର ୩୪ ଜଣିଆ ବାଳିକା ଓ ବାଳକ ଦଳ ଶନିବାର ପଟିଆଲା ଯାତ୍ରା କରିବ। ବାଳିକା ଦଳର ଅଧିନାୟିକା ଜି. କୌଶଲ୍ୟା ଓ କୋଚ୍ ସୁଧା ସିନ୍ଧୁ ସାହୁ ଏବଂ ବାଳକ ଦଳର ଅଧିନାୟକ ଲିପୁନ କୁମାର ସେଠୀ ଓ କୋଚ୍ ଦୀପ୍ତି ରଞ୍ଜନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଟୁର୍ନାମେଣ୍ଟ ଖେଳିବ ବୋଲି ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପ୍ରକାଶ କରିଛନ୍ତି।

## ମିନର୍ଭା ଏକାଡେମୀ ଏଫ୍‌ସି ଚାମ୍ପିୟନ

**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ମିନର୍ଭା ଏକାଡେମୀ ଏଠାରେ ଚାଲିଥିବା ଏଆଇଏଫ୍‌ଏଫ୍ ସବ୍‌ଜୁନିୟର ଫୁଟ୍‌ବଲ ଲିଗ୍ ୨୦୨୩-୨୪ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଦଳ ୭-୪ ଗୋଲ୍‌ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ତଥା ଫରୱାର୍ଡ କୋଣ୍ଠୋଜାମ ଦେନାମଣି (୨୬ତମ, ୪୧ତମ, ୪୫ତମ ମିନିଟ) ଏବଂ ମହମ୍ମଦ ଆଜାମ ଖାନ୍ (୩୮ତମ, ୩୯ତମ ଓ ୫୦+ତମ ମିନିଟ) ତିନୋଟି ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱାଙ୍ଖିରାକ୍‌ପାମ୍ ପୁନ୍‌ଶିବା ମିତେଇ ୪୯ତମ ମିନିଟ୍‌ରେ ପେନାଲ୍ଟି କିକ୍ ଜରିଆରେ ଗୋଟିଏ ଗୋଲ୍ ଦେଇଥିଲେ। ବେଙ୍ଗାଲୁରୁ ଏଫ୍‌ସିର ମହମ୍ମଦ ସୋହେଲ ଖାନ୍ (୧୨ତମ), ଆକାଶ ମଣ୍ଡଳ (୪୪ତମ), ସିଏଚ୍ ସକିବ (୨୧ତମ) ଏବଂ ବଦଳ ଖେଳାଳି ୟାଜାସ ନିଲେଶ ବାଫନା (୩୪ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୟଦ ସବିର ପାଶା (ପୂର୍ବତନ ଅନ୍ତର୍ଜାତୀୟ ଫୁଟ୍‌ବଲର ତଥା ଏଆଇଏଫ୍‌ଏଫ୍‌ର ବୈଷୟିକ ନିର୍ଦ୍ଦେଶକ), ଶ୍ରଦ୍ଧାଞ୍ଜଳି ସାମନ୍ତରାୟ (ପୂର୍ବତନ ଅନ୍ତର୍ଜାତୀୟ ଫୁଟ୍‌ବଲର) ଏବଂ ରାଜ୍ୟ ଯୁବସେବା ଓ କ୍ରୀଡ଼ା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର କର୍ମକର୍ତ୍ତା ଯଥା ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, ସୁରଜିତ ଘୋଷ (ବୈଷୟିକ ନିର୍ଦ୍ଦେଶକ), ସହଦେବ ରାଉତ (ମହିଳା ଫୁଟ୍‌ବଲ ଚେୟାରମ୍ୟାନ) ଏବଂ ପ୍ରସନ୍ନ ଦାସ (ସଦସ୍ୟ) ପ୍ରମୁଖ ଉପସ୍ଥିତ ଥିଲେ।





ଏଆଇଏଫ୍‌ଏଫ୍ ସବ୍‌ଜୁନିୟର ଫୁଟ୍‌ବଲ ଲିଗ୍‌ରେ ଚାମ୍ପିୟନ ମିନର୍ଭା ଏକାଡେମୀ ଏଫ୍‌ସି ଦଳର ଅଧିନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## 'ଭାରତୀୟ କ୍ରିକେଟକୁ ଭଲଭାବେ ବୁଝୁଥିବା ବ୍ୟକ୍ତି କୋଚ୍ ହେବେ'

**ମୁମ୍ବାଇ, ୨୪।୫ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ପରବର୍ତ୍ତୀ କୋଚ୍ ପାଇଁ ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳିଙ୍କୁ ଅଫର ଦିଆଯାଇଥିଲା ବୋଲି ଯାହା ଆଲୋଚନା ହେଉଛି ତାହାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଖଣ୍ଡନ କରିଛନ୍ତି। ରାହୁଲ ଦ୍ରାବିଡଙ୍କ ଉତ୍ତରାଧିକାରୀ ଜଣେ ଭାରତୀୟ ହେବେ, ଯିଏକି ଭାରତୀୟ

**କୌଣସି ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳିଙ୍କୁ ଅଫର ଦିଆ ଯାଇନାହିଁ: ଶାହା**





କ୍ରିକେଟ ତାଙ୍କୁ ଭଲଭାବେ ବୁଝିଥିବେ ବୋଲି ଶାହା ସ୍ପଷ୍ଟ କରିଛନ୍ତି। ଦ୍ରାବିଡ କୋଚ୍ ପଦରେ ଅପରିବର୍ତ୍ତିତ ରହିବାକୁ ଆଗ୍ରହୀ ନ ଥିବା ବୋର୍ଡକୁ ଜଣାଇ ଦେଇଛନ୍ତି ବୋଲି ରିପୋର୍ଟମାନ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ହାଇ ପ୍ରୋଫାଇଲ ପୋଜିଶନ ପାଇଁ ତାଙ୍କୁ ଆପ୍ରୋଚ କରାଯାଇଥିଲା ଏବଂ ରିକି ପଣ୍ଟିଂ ଓ ଜଷ୍ଟିନ ଲାଙ୍ଗରଙ୍କ ପରି ପୂର୍ବତନ ଅଷ୍ଟ୍ରେଲିଆ ଖେଳାଳି ଅନିଚ୍ଛା ପ୍ରକାଶ କରିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାକୁ ନେଇ ଶାହା ଏକ ବିବୃତି ମାଧ୍ୟମରେ ସ୍ପଷ୍ଟ କରିଛନ୍ତି ଯେ, "ମୁଁ କିମ୍ବା ବିସିସିଆଇର ଅନ୍ୟ କେହି କୌଣସି ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟରଙ୍କୁ କୋଚ୍ ଅଫର ଦେଇନାହୁଁ। କେତେକ ମିଡିଆରେ ଏ ସମ୍ପର୍କରେ ଯାହା ପ୍ରସାରିତ ହେଉଛି ସେଥିରେ ସତ୍ୟତା ନାହିଁ"।

ଉଭୟ ପଣ୍ଟିଂ ଓ ଲାଙ୍ଗର ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମୁଖ୍ୟ କୋଚ୍‌ଭାବେ ଯଥାକ୍ରମେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଦଳର ଦାୟିତ୍ୱରେ ଥିଲେ। ବର୍ତ୍ତମାନ କୋଲକାତା ନାଇଟ ରାଇଡର୍ସ ଦଳର ମେଣ୍ଟର ଥିବା ବିଶ୍ୱକପ ବିଜୟୀ ପୂର୍ବତନ ବ୍ୟାଟିଂ ତାରକା ଗୌତମ ଗମ୍ଭୀର କୋଚ୍ ଦୌଡ଼ର ସର୍ବାଗ୍ରେ ରହିଥିବା ଆକଳନ କରାଯାଉଛି। "ଆମ ଜାତୀୟ ଦଳପାଇଁ ଉପଯୁକ୍ତ କୋଚ୍ ଲାଗି ଏକ କଷ୍ଟସାଧ୍ୟ ପ୍ରକ୍ରିୟା। ଏଥିପାଇଁ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ। ଭାରତୀୟ କ୍ରିକେଟର ଢାଞ୍ଚାସହ ଭଲଭାବେ ପରିଚିତ ଥିବା ଜଣେ ବ୍ୟକ୍ତିଙ୍କ ସନ୍ଧାନରେ ଅଛୁ"। ପରବର୍ତ୍ତୀ କୋଚ୍ ପାଇଁ ଭାରତୀୟ ଘରୋଇ କ୍ରିକେଟ ପ୍ରତି ଗଭୀର ଜ୍ଞାନକୁ ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ରୂପେ ନିଆଯିବ ବୋଲି ଶାହା କହିଛନ୍ତି। କୋଚ୍ ପଦପାଇଁ ଆବେଦନର ଶେଷ ତାରିଖ ମେ' ୨୭କୁ ଧାର୍ଯ୍ୟ କରାଯାଇଛି।

ପ୍ରକାଶ ଯୋଗ୍ୟ, ଗତ ଗୁରୁବାର ପଣ୍ଟିଂ ଦାବି କରିଥିଲେ ଯେ, ତାଙ୍କୁ ଏହି ପଦପାଇଁ ଆପ୍ରୋଚ୍ କରାଯାଇଥିଲା। ମାତ୍ର ବର୍ତ୍ତମାନ ତାଙ୍କ ଲାଇଫ୍‌ଷ୍ଟାଇଲ ସହ ଖାପ୍ ଖାଉ ନ ଥିବାରୁ ସେ ଏହାକୁ ଅସ୍ୱୀକାର କରିଥିଲେ। ସେହିପରି ଲାଙ୍ଗର ଏ କ୍ଷେତ୍ରରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲଙ୍କ ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ ଗ୍ରହଣ କରିଥିବା ପ୍ରକାଶ କରିଛନ୍ତି। "ମୁଁ ଏ ସମ୍ପର୍କରେ ରାହୁଲଙ୍କ ସହ ଆଲୋଚନା କରିଥିଲି। ସେ କହିଥିଲେ ଯେ, ଏକ ଆଇପିଏଲ୍ ଦଳରେ ଯଦି ପ୍ରେସର ଓ ପଲିଟିକ୍ସ ରହୁଛି ତେବେ ଭାରତୀୟ ଦଳକୁ କୋଚିଂ ଦେବାକୁ ହେଲେ ଏହାର ହଜାରେ ଗୁଣ ଅଧିକ ରହିବ। ତାଙ୍କର ଏହି ପରାମର୍ଶ ମୋତେ ଖୁବ୍ ଭଲ ଲାଗିଥିଲା" ବୋଲି ବିବିସି ଷ୍ଟମ୍ପେଡ୍ ପୋଡକାଷ୍ଟକୁ ଲାଙ୍ଗର କହିଛନ୍ତି। ପୂର୍ବତନ ଇଂଲଣ୍ଡ ଏବଂ ବର୍ତ୍ତମାନର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର ମଧ୍ୟ ନିଜକୁ ଏହି ଦୌଡ଼ରୁ ଓହରାଇ ନେଇଛନ୍ତି। ଫ୍ରାଞ୍ଚାଇଜ୍ କ୍ରିକେଟ ସହିତ ସମ୍ପୃକ୍ତ ରହି ସେ ଖୁସି ଅନୁଭବ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ଆଇସିସି କମେଣ୍ଟ୍ରି ପ୍ୟାନେଲ୍‌ରେ କାର୍ତ୍ତିକ

**ଦୁବାଇ, ୨୪।୫ (ପି.ଟି.)**

ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱ କପ ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏକ ବଳିଷ୍ଠ କମେଣ୍ଟ୍ରି ପ୍ୟାନେଲ୍ ଘୋଷଣା କରିଛି। ଏଥିରେ ଭାରତର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ଓ ସୁନୀଲ ଗାଭାସ୍କର ସ୍ଥାନ ପାଇଛନ୍ତି। ଜୁନ୍ ୨ରୁ ଜୁଲାଇ ୨୯ ପର୍ଯ୍ୟନ୍ତ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ଓ ଆମେରିକା ମିଳିତ ଭାବେ ଆୟୋଜନ କରୁଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଆଇପିଏଲ୍ ଅଭିଯାନ ଶେଷ ହେବା ପରେ ଦିନେଶ କାର୍ତ୍ତିକ କ୍ରିକେଟର ସମସ୍ତ ଫର୍ମାଟ୍‌ରୁ ତାଙ୍କର ଅବସର ଘୋଷଣା କରିଛନ୍ତି। କମେଣ୍ଟ୍ରି ପ୍ୟାନେଲ୍‌ରେ ତାଙ୍କ ନାମ ସ୍ଥାନ ପାଇଛି। କମେଣ୍ଟ୍ରି ଟିମ୍‌ରେ ଶାସ୍ତ୍ରୀ, ନାସେର ହୁସେନ, ଇଆନ ସ୍ମିଥ, ମେଲ୍ ଜୋନ୍ସ, ହର୍ଷ ଭୋଗ୍‌ଲେ ଏବଂ ଇଆନ ବିଶପଙ୍କ ଭଳି ଷ୍ଟଲ୍‌ୱାର୍ଟ ସ୍ଥାନ ପାଇଛନ୍ତି। ଆଧୁନିକ ଗେମ୍‌କୁ ଦୃଷ୍ଟିରେ ରଖି ଏହି ଟିମ୍‌ରେ ପୂର୍ବତନ ପୁରୁଷ ଓ ମହିଳା ଟି୨୦ ବିଶ୍ୱକପ୍ ଚାମ୍ପିୟନମାନଙ୍କୁ ଯଥା କାର୍ତ୍ତିକ ଇବୋନି ରେନଫୋର୍ଡ-ବ୍ରେଣ୍ଟ, ସାମୁଏଲ୍ ବଦ୍ରି, କାର୍ଲୋସ ବାର୍ଥୱେଟ୍, ଷ୍ଟିଭ ସ୍ମିଥ, ଆରୋନ ଫିଞ୍ଚ ଓ ଲିସା ଷ୍ଟାଲେକରଙ୍କୁ ସାମିଲ କରାଯାଇଛି। ସେହିପରି ପୂର୍ବତନ ୫୦ ଓଭର ବିଶ୍ୱକପ୍ ବିଜେତା ଯଥା ରିକି ପଣ୍ଟିଂ, ଗାଭାସ୍କର, ମାଥ୍ୟୁ ହେଡେନ, ରମିଜ ରାଜା, ଇଅନ ମୋର୍ଗାନ, ଟମ୍ ମୁଡି ଓ ୱାସିମ ଆକ୍ରମ ଆଗାମୀ ଟୁର୍ନାମେଣ୍ଟରେ ବିଶ୍ଳେଷକ ଭାବେ କାର୍ଯ୍ୟ କରିବେ।

## କୁଏଟ୍ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷିତ

**ଭୁବନେଶ୍ୱର, ୨୪।୫ (ତପନ ସ୍ୱାଇଁ)**

**ଫିଫା ବିଶ୍ୱକପ କ୍ୱାଲିଫାୟର**

କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଜୁନ୍ ୬ରେ ଭାରତ-କୁଏଟ୍ ଫିଫା ବିଶ୍ୱକପ କ୍ୱାଲିଫାୟର ମ୍ୟାଚ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ଭୁବନେଶ୍ୱରରେ ୨୭ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍। ମୋଟ ୩୨ ଖେଳାଳିଙ୍କୁ ନେଇ ଏଠାରେ ଭାରତୀୟ ଦଳର କ୍ୟାମ୍ପ ଚାଲିଥିଲା। ଏଥରୁ ଫୁର୍ବା ଲାଚେନପା, ପାର୍ଥିବ ଗୋଗୋଇ, ଇମ୍ରାନ ଖାଁ, ମହମ୍ମଦ ହମ୍ମଦ ଓ ଜିଥିନ ଏମ.ଏସ୍.ଙ୍କୁ ରିଲିଜ୍ କରାଯାଇଛି। ପାର୍ଥିବ ଓ ହମ୍ମଦ ସାମାନ୍ୟ ଆହତ ସମସ୍ୟାରେ ଥିବା ସ୍ପଷ୍ଟ କରିଛନ୍ତି ଷ୍ଟିମାକ୍। ସେମାନଙ୍କୁ ୭ରୁ ୧୪ ଦିନ ବିଶ୍ରାମ ଆବଶ୍ୟକ ବୋଲି ସେ କହିଛନ୍ତି। ଦଳର ସମସ୍ତ ଖେଳାଳି ପେସାଦାର ଓ କଠିନ ପରିଶ୍ରମୀ। ଦଳରେ ସ୍ଥାନ ପାଇବାକୁ ସେମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଥିଲା। ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି କୋଚ ପ୍ରକାଶ କରିଛନ୍ତି।

ଘୋଷିତ ଦଳର ୨୩ ଖେଳାଳିଙ୍କୁ ନେଇ କ୍ୟାମ୍ପ ଏଠାରେ ଚଳିତ ମାସ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଦଳ କୋଲକାତା ଯିବ। ଜୁନ୍ ୬ରେ ମ୍ୟାଚ ଖେଳିବା ପରେ ଭାରତୀୟ ଦଳ କାତାର ଯାଇ ସେଠାରେ ଘରୋଇ ଦଳ ସହ ୧୧ ତାରିଖରେ ମୁକାବିଲା କରିବ। ଗ୍ରୁପ୍ 'ଏ'ରେ ଏହା ହେବ ଶେଷ ୨ଟି ମ୍ୟାଚ। ଭାରତ ୪ ମ୍ୟାଚରୁ ୪ ପଏଣ୍ଟ ପାଇ ନିଜ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ଫିଫା ବିଶ୍ୱକପ କ୍ୱାଲିଫାୟର୍ସ ରାଉଣ୍ଡ-୩କୁ ଉନ୍ନୀତ ହେବେ। ଏଥିସହ ୨୦୨୭ରେ ସୌଦୀ ଆରବରେ ହେବାକୁଥିବା ଏଏଫ୍‌ସି ଏସିଆନ କପ୍ ପାଇଁ ମଧ୍ୟ ଯୋଗ୍ୟ ବିବେଚିତ ହେବେ।

**ଭାରତୀୟ ଦଳ**

ଗୋଲକିପର୍ସ: ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ, ବିଶାଲ କୈଥ। ଡିଫେଣ୍ଡର୍ସ: ଆମି ରାନାୱାଡେ, ଅନୱର ଅଲୀ, ଜୟ ଗୁପ୍ତା, ଲାଲଚୁଙ୍ଗନୁଙ୍ଗା, ମେହତାବ ସିଂ, ନରେନ୍ଦ୍ର, ନିଖିଲ ପୂଜାରୀ, ରାହୁଲ ଭେକେ, ଶୁଭାଶିଷ ବୋଷ। ମିଡ୍‌ଫିଲ୍ଡର୍ସ: ଅନିରୁଦ୍ଧ ଥାପା, ବ୍ରେଣ୍ଡନ ଫର୍ନାଣ୍ଡିଜ୍, ଏଡମୁଣ୍ଡ ଲାଲରିଣ୍ଡିକା, ଜ୍ୟାକ୍‌ସନ ସିଂ ଥୌନାଓଜାମ, ଲାଲିଆନଜୁଆଲା ଚାଙ୍ଗଟେ, ଲିଷ୍ଟନ କୋଲାକୋ, ମହେଶ ସିଂ ନାଓରେମ, ନନ୍ଦକୁମାର ଶେକର, ସହଲ ଅବଦୁଲ ସମଦ, ସୁରେଶ ସିଂ ୱାଙ୍ଗଜାମ୍। ଫରୱାର୍ଡ୍ସ: ଡେଭିଡ ଲାଲାନସାଙ୍ଗା, ମନଭୀର ସିଂ, ରହିମ ଅଲୀ, ସୁନୀଲ ଛେତ୍ରୀ, ବିକ୍ରମ ପ୍ରତାପ ସିଂ।



ଭୁବନେଶ୍ୱରରେ ଶୁକ୍ରବାର ଭାରତୀୟ ଫୁଟବଲ ଖେଳାଳିଙ୍କ ଅଭ୍ୟାସ।

# କାଫ୍‌କା ଓ ଭ୍ରାମ୍ୟମାଣ କଣ୍ଢେଇ

ଚେକ୍ ଗଣରାଜ୍ୟର କାଳଜୟୀ କଥାକାର ଫ୍ରାଞ୍ଜ କାଫ୍‌କାଙ୍କ ଜୀବନକାଳ ଥିଲା ୧୮୮୩ରୁ ୧୯୨୪ ପର୍ଯ୍ୟନ୍ତ। ସେ ବିବାହ କରି ନ ଥିଲେ।

ଥରକର ଘଟଣା। ସେ ବର୍ଲିନର ଏକ ପାର୍କରେ ସନ୍ଧ୍ୟାରେ ଏକାକୀ ବୁଲୁଥିଲେ। ତାହା ତାଙ୍କର ଦୈନନ୍ଦିନ କାର୍ଯ୍ୟର ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ସେହି ବୁଲିବା ଅବସରର ଛୋଟିଆ କଥାଟିଏ ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା।

## ଅନୁବାଦ ଗଳ୍ପ

**ମୂଳ ରଚନା – ଯୋର୍ଡି ସିଏରା**
**ଅନୁବାଦ – ରେବା ପଟ୍ଟନାୟକ**



ସେଦିନ ସନ୍ଧ୍ୟାରେ ଗୋଟିଏ ସିମେଣ୍ଟ ବେଞ୍ଚରେ ଏକାଏକା ବସି ଝିଅଟିଏ କାନ୍ଦୁଥାଏ। କାଫ୍‌କା ଅନୁସନ୍ଧାନ କରି ଜାଣିଲେ ଝିଅଟି ତା'ର ପ୍ରିୟ କଣ୍ଢେଇଟିକୁ ହଜାଇ ଦେଇଛି। ଆଉ ସଦ୍ୟ ହରାଇଥିବାରୁ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛି। ଦୁଇଜଣ ମିଶି କଣ୍ଢେଇଟିକୁ ଚାରିଆଡ଼େ ଅନେକ ଖୋଜିଥିଲେ, କିନ୍ତୁ ଆଶାନୁରୂପ ଫଳ କିଛି ମିଳି ନ ଥିଲା।

କାଫ୍‌କା ପରଦିନ ତାକୁ ସେହି ସ୍ଥାନରେ ଭେଟିବାର ପ୍ରତିଶ୍ରୁତି ଦେଇଥିଲେ ଓ ସେମାନେ ପୁଣି ଥରେ ସାଙ୍ଗ ହୋଇ କଣ୍ଢେଇଟିକୁ ଖୋଜିବେ ବୋଲି ସର୍ତ୍ତ ରହିଥିଲା।

ତା'ପରଦିନ ମଧ୍ୟ ସେମାନେ ଯେତେବେଳେ କଣ୍ଢେଇଟିକୁ ପାଇଲେ ନାହିଁ, କାଫ୍‌କା ନିଜକୁ ଜଣେ ପୋଷ୍ଟମ୍ୟାନ୍ ବୋଲି ପରିଚୟ ଦେଇ ଝିଅଟିକୁ କଣ୍ଢେଇଠାରୁ ପାଇଥିବା ଚିଠିଟିଏ ଦେଲେ। ସେଥିରେ ଲେଖାଥିଲା, "ଝିଅ, ସାଙ୍ଗ ମୋର, ମୋତେ ମନେପକାଇ ତୁ କାନ୍ଦିବୁ ନାହିଁ। ମୋର ଟିକେ ପୃଥିବୀ ପରିଭ୍ରମଣରେ ମନ ବଳିଛି। ମୁଁ ମୋର ପ୍ରତିଟି ଆନନ୍ଦଦାୟକ ଅନୁଭୂତି ବିଷୟରେ ତୋତେ ପ୍ରତ୍ୟହ ଲେଖି ଜଣାଉଥିବି।"

ସେହି ଚିଠିରୁ ଅୟମାରମ୍ଭ ହୋଇଥିଲା କାଫ୍‌କାଙ୍କ ଭିନ୍ନ ଏକ ଜୀବନର କାହାଣୀ। ପ୍ରତିଦିନର ଚିଠି ଲେଖା, ଜୀବନ ଦର୍ଶନର ମାର୍ମିକ ସନ୍ଦେଶକୁ ନେଇ।

ଝିଅଟି ସାଙ୍ଗରେ ମଝିରେ ମଝିରେ ଦେଖାକରି ସେ କଣ୍ଢେଇଟିର ପ୍ରତିଟି ଚିଠିକୁ ଟିକି ଝିଅଟି ଆଗରେ ପଢୁଥିଲେ। ତା' ଆଗରେ ବଖାଣୁଥିଲେ ନିଜ ଭାଷାରେ ସେହି ବିସ୍ମୟକର ଅନୁଭୂତିର ଇତିବୃତ୍ତ।

କଣ୍ଢେଇଟି ଚିଠିଗୁଡ଼ିକରେ ତା'ର ଆଶ୍ଚର୍ଯ୍ୟଜନକ ଅନୁଭୂତି ସବୁକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିଥାଏ। ଏ ମଧ୍ୟରେ ଟିକିଝିଅଟି କଣ୍ଢେଇ ହଜିଯିବାର ଦୁଃଖକୁ ପାସୋରି ପକାଇଥାଏ। ସେ ଏବେ କିନ୍ତୁ ତା' ଚିଠିଗୁଡ଼ିକର ଭାଷା ଓ ଭାବର ଉପାସକ ହୋଇ ସାରିଥାଏ। ତା' ଚିଠିଗୁଡ଼ିକର ଭାଷା ସବୁଥର ତା'ର ହୃଦୟର ଅନ୍ତରତମ ପ୍ରଦେଶକୁ ରସାପ୍ଳୁତ କରିଦେଉଥାଏ। ପ୍ରତିଦିନ ସେ ଅପେକ୍ଷା କରି ରହିଥାଏ ତା' ଚିଠିଗୁଡ଼ିକର ଆଗମନକୁ।

ଦିନେ ପରିଶେଷରେ କାଫ୍‌କା (ନିଜେ କିଣି ଅବଶ୍ୟ) ତାକୁ ତା'ର ପୁରୁଣା କଣ୍ଢେଇଟି ବର୍ଲିନକୁ ଫେରି ଆସିଥିବା କଥା କହି ଫେରାଇ ଦେଇଥିଲେ।

"ଏଇଟି ତ ଆଦୌ ମୋ' କଣ୍ଢେଇ ପରି ଦିଶୁନାହିଁ।" ଝିଅଟି କଣ୍ଢେଇଟିକୁ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ଅରାଜି ଥିଲା।

କାଫ୍‌କା କଣ୍ଢେଇଠାରୁ ପାଇଥିବା ଆଉ ଗୋଟିଏ ଚିଠି ତାକୁ ହସ୍ତାନ୍ତର କରିଥିଲେ।

"ମୋ' ଭ୍ରମଣର ଅଭିଜ୍ଞତା ମୋତେ ବଦଳାଇ ଦେଇଛି। ମୋର ନୂଆ ରୂପକୁ ସ୍ୱୀକାର କର।"

ଟିକିଝିଅଟି କଣ୍ଢେଇର ନୂଆ ରୂପକୁ ବିସ୍ମିତ ହୋଇ ଚାହିଁ ରହିଥିଲା। ପରେ ପରେ ତାକୁ ଆପଣେଇ ନିଜ ଘରକୁ ଖୁସି ଖୁସି ଫେରିଥିଲା ସିଏ।

ଏ ଘଟଣାର ବର୍ଷକ ପରେ କାଫ୍‌କା ଏ ପାର୍ଥିବ ସଂସାରର ମାୟା କାଟି ଇହଲୀଳା ସମ୍ବରଣ କରିଥିଲେ।

ତା'ର ବହୁ ବର୍ଷ ପରେ ସେହି ଛୋଟ ଝିଅଟି ଏବେ ତରୁଣୀରେ ପରିଣତ ହୋଇ ସାରିଥିଲା। କାଫ୍‌କାଙ୍କ ଦତ୍ତ ସେହି ନୂଆ କଣ୍ଢେଇର ପେଟ ଭିତରୁ ଆକସ୍ମିକ ଭାବେ ସେ ଗୋଟେ ଚିଠି ପାଇଥିଲା। ଚିଠିର ତଳେ ଥିଲା କାଫ୍‌କାଙ୍କ ଦସ୍ତଖତ।

ଏ ସଂସାରରେ ସମୟର ଧାରାରେ ତୁମ ପ୍ରିୟ ବସ୍ତୁଟିକୁ ତୁମେ ହଜାଇ ଦେଇପାର, ତୁମ ଭଲପାଇବା ବୃଥା ଗଲା ବୋଲି ଭାବିପାର, କିନ୍ତୁ ସେହି ଭଲପାଇବା ତୁମ ପାଖକୁ ଅନ୍ୟ କୌଣସି ବାଟରେ ଫେରି ଆସିବାଟା ସୁନିଶ୍ଚିତ। ଭଲପାଇବା କେବେ ବ୍ୟର୍ଥ ଯାଏ ନାହିଁ। ତୁମେ ଦେଇଥିବା ଭଲପାଇବା ଓ ଅନୁରାଗ ତୁମ ହୃଦୟକୁ ଅଜସ୍ର ଧାରାରେ ସଂକ୍ରମିତ କରି ଆସିବ ପୁଣି ଥରେ କୌଣସି ନା କୌଣସି ବାଟରେ।

ପରିବର୍ତ୍ତନକୁ ଆଲିଙ୍ଗନ କର। ଏହା ତୁମର ପରିପୂର୍ଣ୍ଣତା ପ୍ରାପ୍ତି ପାଇଁ ଅପରିହାର୍ଯ୍ୟ। ଦୁଃଖକୁ ଗଣ୍ଠି ପକାଇ ବସିଲେ ହେବ ନାହିଁ। ତା' ବାହାରେ ଏକ ସୁନ୍ଦର ଅଭିନବ ଦୁନିଆ ଆମକୁ ସବୁବେଳେ ଅପେକ୍ଷା କରିଥାଏ। ତା'ର ସ୍ୱାଦ ଆସ୍ୱାଦନ କର।

ଜୀବନରେ କେହି କିଛି ହଜାଏ ନାହିଁ। ଅନ୍ତରତମ ପ୍ରଦେଶକୁ ଯଦି ପ୍ରେମ ଓ ଅନୁରାଗରେ ପ୍ଳାବିତ କରିପାରିବା, ତେବେ ଅବଶ୍ୟ ଆମେ ସୃଜନ କରିପାରିବା ଆମ ଚାରିପଟେ ଏକ ଅଲୌକିକ ସମ୍ପର୍କର ସେତୁ।

ଜୀବନ ସ୍ୱୟଂ ସମ୍ପୂର୍ଣ୍ଣ ଅଟେ। ଏହାକୁ କେବଳ ଅନୁଭବ କରିବାର ଆବଶ୍ୟକତା ରହିଛି। ଏହା ଆମ ସମସ୍ତଙ୍କୁ ନିଜ ଭିତରେ ବାନ୍ଧି ରଖିଛି, ଯୋଡ଼ି ରଖିଛି ଏବଂ ସବୁ କିଛି ସହ ନିଜେ ମଧ୍ୟ ଯୋଡ଼ି ହୋଇଅଛି।

ମୋ: ୯୮୬୧୦୧୭୫୫୧

## ପୁସ୍ତକ ପରିଚୟ


### ଅନନ୍ୟ ଭାରତୀୟ ଗଳ୍ପ




**ଅନୁବାଦକ:** ନଗେନ୍ଦ୍ରନାଥ ପଟ୍ଟନାୟକ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍ ରୋଡ୍, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୩୦୦/-

ବିଭିନ୍ନ ଭାରତୀୟ ଭାଷାରେ ରଚିତ ୫୪ଟିଗଳ୍ପ, ଯାହା ପୂର୍ବେପତ୍ରପତ୍ରିକାରେ ପ୍ରକାଶ ପାଇ ଆଦୃତ ହୋଇଛି- ତାକୁ ଏକତ୍ର କରି ଏହି ସଂକଳନଟି ପ୍ରସ୍ତୁତ କରିଛନ୍ତି ଲେଖକ। ଗ୍ରନ୍ଥାରମ୍ଭରେ ଲେଖିଛନ୍ତି: ପୁସ୍ତକ ସନ୍ନିହିତ "ପ୍ରତିଟି ଗଳ୍ପ ଭାରତୀୟମାନଙ୍କର ଆଶା ଆକାଂକ୍ଷା ଓ ଜୀବନ ଜିଜ୍ଞାସାକୁ ନେଇ ରଚିତ ହୋଇଥିବାରୁ ମୋ' ସ୍ରଷ୍ଟାମାନସକୁ ବିଶେଷଭାବେ ପ୍ରଭାବିତ କରିଛି। ଏହା ନିଶ୍ଚିତ ଭାବରେ ଆମ ଓଡ଼ିଆ ସାହିତ୍ୟର ପାଠକବର୍ଗଙ୍କୁ ଆହ୍ଲାଦିତ କରିବ।" ଗଳ୍ପଗୁଡ଼ିକ ବିଷୟବସ୍ତୁ ଓ ଉପସ୍ଥାପନା ଦୃଷ୍ଟିରୁ ମୂଳ ଭାଷାରେ କିପରି ଉତ୍ତୀର୍ଣ୍ଣ, ତାହା ଜାଣିବାର ଉପାୟ ନାହିଁ, ହେଲେ ଅନୁବାଦରେ ମୂଳ ଗଳ୍ପର ସ୍ୱାଦକୁ ସ୍ପର୍ଶ କରିବାର ପ୍ରଚେଷ୍ଟା ଯେ ଅନୁବାଦକ କରିଛନ୍ତି, ଏଥିରେ ସନ୍ଦେହ ନାହିଁ। ତେବେ ଗଳ୍ପ ଶେଷରେ ମୂଳ ଲେଖକଙ୍କ ନାଁ ସହିତ ଗଳ୍ପଟି କେଉଁ ଭାଷାର ତାହା ସୂଚାଇ ଦିଆଯାଇଥିଲେ ଭଲ ହୋଇଥା'ନ୍ତା। ଆଲୋଚ୍ୟ ବହିର ଶେଷ ଗଳ୍ପଟି 'ସୁଇସାଇଡ୍ ନୋଟ୍' (ଲେଖକ ଶକୀକ ଅଶରଫ୍) ଉର୍ଦ୍ଦୁ ଭାଷାର ହୋଇପାରେ। କରୋନା କାଳରେ ଜଣେ ବ୍ୟକ୍ତି ସୁଇସାଇଡ୍ କରି ମରିଯାଇଥିବାର ସ୍ୱପ୍ନ ଦେଖୁଛି ଓ ତା' ମୃତ୍ୟୁ କିପରି ସମସ୍ୟା ସମାଧାନ ପରିବର୍ତ୍ତେ ଅନେକ ସମସ୍ୟାର କାରଣ ହୋଇଉଠୁଛି- ଏଇ ଉପଲବ୍ଧି ଗଳ୍ପଟିରେ ରହିଛି। ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

### ଅବିନାଶ କହୁଛି ଓ ଅନ୍ୟାନ୍ୟ କବିତା




**କବି:** ଅଚ୍ୟୁତାନନ୍ଦ ସାମଲ
**ପ୍ରକାଶକ:** ସରସ୍ୱତୀ ପ୍ରକାଶନ, ତଳତେଲେଙ୍ଗା ବଜାର, କଟକ-୯
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୧୦୦/-

ବହିଟିରେ 'ଅବିନାଶ କହୁଛି' ସିରିଜ୍‌ର ୨୮ଟି କବିତା ଓ ଅନ୍ୟ ୧୬ଟି ପୃଥକ୍ କବିତା ସ୍ଥାନିତ। 'ଅବିନାଶ ସମ୍ପର୍କରେ' ଶୀର୍ଷକ ଗଦ୍ୟରେ କବି ଲେଖିଛନ୍ତି: "ଅବିନାଶ ଯାହା ଦେଖେ, ତାହା ଲେଖେ; x x ବେଳେବେଳେ ଅଧରାତିରେ କିଛି କଥା ତା' ମନ ଭିତରେ ଭଉଁରି ଖେଳାଏ। ସେ ଚଟ୍‌କିନା ଉଠିପଡ଼ି ତାକୁ ଅକ୍ଷରରେ ସଜାଡ଼ିଦିଏ।" କବିତାର ନାୟକ 'ସତ୍ୟ'ରେ ବ୍ରତୀ ଓ ବକ୍ତବ୍ୟରେ ରୋକ୍‌ଠୋକ୍। ମନେହୁଏ ଏଇ ଅବିନାଶ ଖୋଦ୍ କବି ଅଚ୍ୟୁତାନନ୍ଦ ଓ ଏହି ସିରିଜ୍‌ର କବିତାଗୁଡ଼ିକ ତାଙ୍କ ଅନୁଭବୀ ହୃଦୟର କଥା। କବିତାଗୁଡ଼ିକରେ ଭାଷା ସିଧାସଳଖ ଓ ଆବେଦନରେ ଗଭୀର। ଯଥା: "ଯିଏ ବାଜି ଲଗାଇଛି ଜୀବନକୁ/ ତା'ର ଡର କ'ଣ ଅଛି ମୃତ୍ୟୁକୁ?/ ଜିଇବାଠୁଁ ବେଶୀ ମଜା ଅଛି ମରଣରେ/ ଗୁଣନଠୁଁ ହରଣରେ।" (ପୃ:୧୩)। 'ଭଦ୍ରକ' ଶୀର୍ଷକ କବିତାରେ କବି କହିଛନ୍ତି: "କେଜାଣି କାହାର କେତେ/ ଫୁଙ୍ଗୁଳା ହାତରେ ଅଜାଡ଼ି ଦେଇଛି/ କାମନାର ଫୁଲ ସବୁକୁ ଭଦ୍ରକ/ କେଉଁକାଳରୁ ଆଜିଯାଏ.../ ଭୁଲି ନ ହେବା ଭଳି ସ୍ମୃତିରେ ଭରପୂର/ ଭାରି ଭଲ ଭଦ୍ରକର ଭୂଗୋଳ।" (ପୃ:୭୩)। ବହିର ପ୍ରାୟ କବିତା ବିଷୟବସ୍ତୁ, ଉପସ୍ଥାପନା ଶୈଳୀ ଓ ଆବେଦନ ଦୃଷ୍ଟିରୁ ଉତ୍ତୀର୍ଣ୍ଣ। ଓଡ଼ିଆ କବିତା-ସାରଣୀରେ ଗ୍ରନ୍ଥଟି ଯେ ଏକ ପ୍ରୟୋଜନୀୟ ସଂଯୋଗ, ଏଥିରେ ସନ୍ଦେହ ନାହିଁ।

## କ ବି ତା

### ଶବ୍ଦ ରାସ

**ମମତା ପ୍ରିୟଦର୍ଶିନୀ ସାହୁ**

ଆଜି ଖସିପଡୁଥିଲା କିଛି ଫୁଲ
ଅତି ସନ୍ତର୍ପଣରେ
କବିତାର ଗଭାରୁ,
ଭଅଁର କିନ୍ତୁ ଉଡ଼ିଲେନି
କାଳେ ବାସି ହୋଇଥିବ ବୋଲି।

ସେ ବି ଚାଲିଗଲା
ସେଇ ରାସ୍ତାରେ
ଦଳି ଚକଟି ଫୁଲର ଶରୀର,
ବୋଧେ ସଞ୍ଜ ନଇଁ
ମାଡ଼ିଆସୁଥିଲା ଅନ୍ଧାର ବୋଲି।

ଲମ୍ବା ପାହୁଣ୍ଡ ପକେଇ
ଏରୁଣ୍ଡି ଡେଇଁବାର ପ୍ରୟାସରେ
ମଗ୍ନ ହୋଇ
ସେ ଜାଣିପାରିଲାନି
କୋମଳ ଫୁଲର ଆଭା।

ଥରୁଟେ ବି ଭୋଗି ପାରିଲାନି
ସେ କ୍ଷତାକ୍ତ ପାଖୁଡ଼ାର ଯନ୍ତ୍ରଣା
ଲୁହ ଆଉ ଲହୁକୁ,
ଜାଣିପାରିଲାନି
ତା' କର୍ତ୍ତବ୍ୟ ସମ୍ପାଦନକୁ।

ବୁଝି ଅବୁଝା ହେଲା
ସେ ପ୍ରେମର ରାସ୍ତାକୁ,
ଯୋଉଠି ଦିନେ
କୁହୁକ କରୁଥିଲା
ସେ ଶବ୍ଦକୁ
ଆଉ ଶବ୍ଦ ତା'ର ହୃଦୟକୁ।

ଭୁଲିଗଲା ସେଇ ଶବ୍ଦରାସର
କେଳିକୁଞ୍ଜ, ରାଗ ମହ୍ଲାର,
ପ୍ରେମ ମଳୟ, ମଲ୍ଲୀମାଳ,
ଶବ୍ଦ ବନ୍ଦନା,
ମନେରହିଗଲା
କେବଳ ଆଉ କେବଳ
ଶବ୍ଦବାଣ, ବିଭୀଷିକା।

କବିତାର ଭାବ, ମୋହକୁ ଏଡ଼ି
ଶବ୍ଦର ଶେଷ ଯାଦୁକର ଭାବେ
ବିଦାୟ ନେବାବେଳେ ବି
ପ୍ରେମରେ ପଡ଼ିଗଲା
କବିତାୟନର,
ଆଉ ଲେଖିଚାଲିଥିଲା
ବିଦାୟ ସଙ୍ଗୀତ।

ମୋ: ୯୩୩୭୦୬୭୧୮୬

### ମୁଁ ଏକ ସଙ୍ଗୀତ

**ମୂଳ ରଚନା- ଚାର୍ଲସ କାସଲେ**
**ଅନୁସୃଜନ- ଡ. ସୁଚନା ପାଢ଼ୀ**

ମୁଁ ଏକ ସଙ୍ଗୀତ
ଅନାମ ଅସ୍ତିତ୍ୱ
ପ୍ରାଣିଜଗତର ସ୍ୱର
ପରିଚିତ। ମୁଁ ପତ୍ର
ବିଶାଳ ପ୍ରାଙ୍ଗଣ ବୃକ୍ଷ ଶୋଭିତ।
ମୁଁ ଲହରୀ
ଉତ୍ତାଳ ସାଗରର
ଯହିଁ ଜହ୍ନ ଖେଳଇ।

ମୁଁ ବାଲିବନ୍ଧ
ପ୍ରତିହତ ଜଳଧାରା
ଜୀବନ ଚପଳ ଛନ୍ଦ
ମୁଁ ବସୁଧା
ତପନ ଡାକେ କିରଣ
ନଥାଇ ବାଧା।
ମୁଁ ବହ୍ନି
ନାଶିପାରେ ସଂସାରର
ଗରିମା ଗାମ୍ଭୀର୍ଯ୍ୟ।
ମୁଁ ଶବ୍ଦ
ତ୍ରିଭୁବନ ଶବ୍ଦାୟିତ
ସୃଷ୍ଟି ପ୍ରଳୟର ନାଦ।
ମୋ' ହାତ
ଗଢ଼ିଛି ବିଶ୍ୱ ଜଗତ
ଆଚମ୍ବିତ ଆଚମ୍ବିତ!

ମୋ: ୯୪୩୮୬୦୪୮୬୫

### ସେହିଦିନୁ ଗଙ୍ଗଦତ୍ତ କୂଅକୁ ଫେରିନି

**ଉମା ଶଙ୍କର ପାଳ**

ମୋର ଜନ୍ମ
ଗୋଟେ ଅନ୍ଧକୂପରେ
ଯେଉଁଠି ପଡୁ ନଥିଲା ସୂର୍ଯ୍ୟକିରଣ
କେହି କେବେ ଦେଖି ନ ଥିଲେ
ଜହ୍ନ ତାରାର ମେଳଣ।

ଜେଜେବାପାଙ୍କଠାରୁ ଗପ ଶୁଣେ
ଏ କୂପ ବାହାରେ ଅଛି
ଏକ ଉପବନ
ସେଠି ଅହରହ ବହୁଥାଏ
ମଳୟ ପବନ
ଚାରିଆଡ଼େ ଜ୍ୟୋତ୍ସ୍ନାର ମହଳଣ।

କୈଶୋର ମନରେ ସ୍ୱପ୍ନ ଦେଖେ
ସେ ଈପ୍ସିତ ସ୍ୱର୍ଗର
ଯେଉଁଠାକୁ ଯାଇ,
ଆମ କୂପକୁ ବୁହାଇ ଆଣିବି
ସୁଖର ଗଙ୍ଗାଧାର।

ଯେତେଥର ଲମ୍ଫମାରିଛି ଊର୍ଦ୍ଧ୍ୱକୁ
ସେତେଥର ଖସିପଡ଼ିଛି
କୂପର ଗହ୍ୱରେ
ଦିନେ କେଉଁ ଶୁଭଲଗ୍ନରେ
ଗୋଟିଏ ଲମ୍ଫରେ
ପହଞ୍ଚିଗଲି ସ୍ୱର୍ଗର ନଅରେ।

ସୁଖର ସ୍ୱର୍ଗକୁ ସେଦିନୁ
ଆସିଛି ଯେ ଆସିଛି
ଫେରିନି ସେ ନରକର ଅନ୍ଧାରକୁ
ସୁଖର ପଟଳ ଏତେ ସାନ୍ଦ୍ର ଯେ
ଅନୁଭବି ପାରେନି ଦୁଃଖ
ଆଲୋକ ଏତେ ତୀବ୍ର ଯେ
ଦେଖାଯାଏନି ପଥ।

ସେ କୂପରେ ଏବେ ବି
ଶିଶୁଟିଏ ଜନ୍ମନିଏ
ଜେଜେବାପାଙ୍କଠାରୁ ଗପ ଶୁଣେ
ସ୍ୱର୍ଗର ସ୍ୱପ୍ନ ଦେଖେ, ଲମ୍ଫମାରେ
ଯିଏ ଥରେ କୂପ ବାହାରକୁ ଆସିଯାଏ
ସେ କେବେ ବି ଫେରି ନ ଥାଏ।
ସେ କୂପ ଭିତରେ ଏବେ ବି ଅନ୍ଧାର।

ମୋ: ୯୫୫୬୮୮୮୭୦୮

**ଗୀତି-କବିତା**

### ରାସ୍ତା

**ସୁହଂସ ଭୋଇ**

ଗୋଟିଏ ଜୀବନ ବାଟ ତ ଅନେକ
ବାଛିବାକୁ ହୁଏ ଏକ
ଅନେକ ବାଟର ଗୋଟିଏ ହିଁ ସତ
କଣ୍ଟକିତ ସବୁଯାକ।

ସଳଖ ବଙ୍କୁର କଠିନ ଚିକ୍କଣ
ପରିସୀମା ତା'ର ବ୍ୟାପ୍ତ
ଚାଲୁଥାଏ ଏହି ଛୋଟ ଛୋଟ ପାଦ
ପଡ଼ି ଉଠି ଅବିଶ୍ରାନ୍ତ।

ପଥର କାଦୁଅ ଘାତ ପ୍ରତିଘାତ
ତତଲା ବାଲିଟି ଦୁଃଖ
ତହିଁରେ ପଡ଼ିଛି ବେଦନାର କଣ୍ଟା
ରକତ ମଧୁର ସୁଖ।


କେବେ ସେ ସହଜ କେବେ ସେ ବିଷମ
ଦୁର୍ଗମ ଜୀବନ ବାଟ
ବାଟୋଇ ସାଜିଛି ନିରୀହ ମଣିଷ
କରୁଛି ସଂସାର ହାଟ।

ନାସାର ନିଃଶ୍ୱାସ ଯେବେ ଅଟକିବ
ପଥ ହେବ ତହୁଁ ଶେଷ
ଚାଲିଛି ଏକାକୀ ଚାଲିବ ଏମିତି
ନାହିଁ ଟିକେ ଅବସୋସ।

ମୋ: ୯୪୩୭୫୨୨୪୫୫

## କାଳକାଳକୁ

**"ସବୁବେଳେ ତୁମ ମୁହଁ ସୂର୍ଯ୍ୟଙ୍କ ଆଡ଼କୁ ରଖ, ଛାଇ ତୁମ ପଛରେ ପଡ଼ିବ।"**
**-ୱାଲ୍ଟ ହ୍ୱିଟ୍‌ମେନ୍**



**ୱାଲ୍ଟ ହ୍ୱିଟ୍‌ମେନ୍‌ଙ୍କ** ଜନ୍ମ ୩୧ ମେ ୧୮୧୯ରେ ନ୍ୟୁୟର୍କର ୱେଷ୍ଟ ହିଲ୍‌ସରେ ଓ ପରଲୋକ ୨୬ ମାର୍ଚ୍ଚ ୧୮୯୨ରେ, ନ୍ୟୁୟର୍କର କାମଡେନ୍‌ରେ। ଏକାଧାରରେ କବି, ନିବନ୍ଧ ଲେଖକ ଓ ପତ୍ରକାର ଏହି ସାହିତ୍ୟସ୍ରଷ୍ଟା ଆମେରିକୀୟ କବିତାରେ ସବୁଠୁ ପ୍ରଭାବଶାଳୀ କବି ଭାବେ ବିବେଚିତ। ଉତ୍ତରଣବାଦ ଓ ବାସ୍ତବବାଦର ଅପୂର୍ବ ସମନ୍ୱୟ ତାଙ୍କ କବିତାରେ ଦେଖିବାକୁ ମିଳିଥାଏ। ଆମେରିକୀୟ କବିତାରେ ସେ 'ମୁକ୍ତ ଛନ୍ଦ'ର ଜନକ। ନିଜ କବିତାଗ୍ରନ୍ଥ 'ଲିଭ୍‌ସ ଅଫ୍ ଗ୍ରାସ୍' ପାଇଁ ସେ ଥିଲେ ବିତର୍କିତ। ଯୌନ ବର୍ଣ୍ଣନାର ପ୍ରାବଲ୍ୟ ଯୋଗୁଁ ତାଙ୍କ ଉପରେ ଲଗାଯାଇଥିଲା ଅଶ୍ଳୀଳତାର ଆରୋପ। ହ୍ୱିଟ୍‌ମେନ୍‌ଙ୍କ ମତରେ କବି ଓ ସମାଜ ମଧ୍ୟରେ ଥିବା ସମ୍ବନ୍ଧ ଏକ ମହତ୍ତ୍ୱପୂର୍ଣ୍ଣ ସହଜୀବୀ ସମ୍ବନ୍ଧ। ଜଣେ କବି ତା' ଦେଶକୁ ଯେତିକି ଭଲପାଉଛି, ଦେଶ ଯଦି ବିନିମୟରେ ତାକୁ ସେତିକି ଭଲପାଉଛି, ତେବେ ଏହା ହେଉଛି କବିଭାବେ ତା'ର ପ୍ରମାଣ।

## ମିଛେଇ ମା'

**ଲଘୁଗଳ୍ପ**

**ମୈତ୍ରେୟୀ କମିଳା**

ଇସ୍, ଆଜି କ'ଣ ଘରେ କେହି ଉଠିନାହାନ୍ତି। ଚୁପ୍‌ଚାପ୍ ନିଜ କାମ ସାରି ରୋଷେଇ ଘରକୁ ଗଲା ନିଶା। ବାହାଘରକୁ ଆଜି ଆଠଦିନ ହୋଇଛି। ମା' କାନ ପାଖେ କହିଥିଲା, 'ନିଶୁ ବେଶୀ ସମୟ ଶୋଇବୁନି, ସକାଳୁ ସମସ୍ତେ ଉଠିବା ପୂର୍ବରୁ ଉଠିପଡ଼ିବୁ'। ଏମିତିରେ ରାତିରେ ଅଫିସ କାମ ସରୁସରୁ ରାତି ଗୋଟେ ବାଜିଥିଲା। ହେଲେ ସେ ଆଉ ନିଦକୁ ଗାଢ଼ ହେବାକୁ ନ ଦେଇ ସକାଳୁ ଉଠିପଡ଼ିଲା। ତା' ପାଇଁ ଶୋଇବାଟା ଜୀବନରେ ସବୁଠୁ ବେଶୀ ଖୁସି। ଘରେ ଥିବାବେଳେ ନଅଟା ନ ବାଜିଲେ ଉଠିବନି। ପଚାରିଲେ ମା'କୁ କହିବ ତୁ ଜାଣିନୁ, କାଲି ରାତିରେ ଅଫିସ କାମ ସାରି ଡେରିରେ ଶୋଇଲି। ତୁ ତ ଶୋଇଯାଇଥିଲୁ। ଏଇ ଶୋଇବା କଥା ପାଇଁ ମା' ଝିଅଙ୍କର ସବୁବେଳେ କଥା କଟାକଟି। ହେଲେ ଆଜି ନୂଆ ସଂସାରରେ ପାଦ ଥାପୁ ଥାପୁ ସଂସାରର ନୀତିନିୟମକୁ ସମ୍ମାନ ଦେଉଛି।

ରୋଷେଇ ଘରେ ଚା ସସ୍ପେନରେ ଚା ବସେଇବା ବେଳେ ଶାଶୁମା' ଉଠି ପଡ଼ିଲେଣି। ଆରେ ନିଶା ତୁ କ'ଣ ଚା ବସେଇଛୁ କି? ହଉ ସମସ୍ତଙ୍କ ପାଇଁ ବସେଇ ଦେ। ହଁ ମମି, ଆଜି ଜଳଖିଆ କ'ଣ ହେବ? ବଡ଼ ଯା' ମଧ୍ୟ ଉଠିନାହାନ୍ତି। ଫ୍ରିଜ୍‌ରୁ ପରିବା ବାହାର କରି ରଖିଲା। କ୍ଷୀର ଗରମ କଲା। ଚା ତିଆରି କରି ଶାଶୁଙ୍କୁ କପେ ଚା ଦେଲା ଆଉ ଦୁଇକପ ଚା ନେଇ ବେଡ୍‌ରୁମ୍‌କୁ ଗଲା। ସୋମ୍‌କୁ ଆହୁରି ଡେରିରେ ଉଠିବାର ଥିଲା। ହେଲେ ନିଶା ହାତରେ ଚା କପ ଦେଖି ଉଠିପଡ଼ିଲେ। ଏକ ନୂଆ ସକାଳ ନିଶା ସାମ୍ନାରେ। ଘର ଝର୍କା ଖୋଲି ବାହାରକୁ ଅନେଇଲା। ବଗିଚାର ଫୁଲ ସବୁ ସକାଳର କିରଣରେ ଭାରି ମନଲୋଭା ଦିଶୁଥିଲେ। ରାତିରେ ଅଫିସ କାମ କିଛି ବାକି ରହିଥିଲା। ସେସବୁ କାମରେ ନିଜକୁ ବ୍ୟସ୍ତ ରଖିଲା। ସକାଳ ଜଳଖିଆ ପାଇଁ ଶାଶୁମା'ଙ୍କୁ ରୋଷେଇ ଘର ଭିତରକୁ ଯିବାର ଦେଖି ସେ ଯାଇ ତାଙ୍କଠୁ ବୁଝି ନେଲା ଏବଂ ପୁଣି ଥରେ ନିଜ ଭିତରେ ନିଜେ ଛନ୍ଦି ହୋଇଗଲା। ସକାଳ ଜଳଖିଆ ମାଆ ବନେଇ ପ୍ଲେଟ୍‌ରେ ଥୋଇଦେଲା ମାତ୍ରେ ତା'ର ଆରମ୍ଭ ହୋଇଯାଏ, ଉପମା ଖାଇବିନି। ଚୁଡ଼ା ସନ୍ତୁଳା ପାଟିକି ଯିବନି। ସ୍ୟାଣ୍ଡୱିଚ ଖାଇବି। ଏଠି କ'ଣ ନିଜ ପସନ୍ଦର ଖାଇବ ନା ନିଜେ ଉପାସ ରହିବ। କୁକରରେ ଆଳୁ ସିଝେଇବା ପାଇଁ ରଖି ଅଟା ଚକଟିବାରେ ଲାଗିଲା ସେ। ଯା ଭିତରେ ଅଫିସରୁ ମେସେଜ ଆସିଗଲାଣି ୧୦.୩୦ରେ ମିଟିଂ ଅଛି। ତା' ପୂର୍ବରୁ କାମ କିଛି ସାରିଦେଇ ଯିବ। ଶାଶୁଙ୍କୁ କହିଲା- ଆପଣ ଗାଧୋଇ ଠାକୁରପୂଜା କରନ୍ତୁ। ମୁଁ ରୋଷେଇ ଦେଖୁଛି। ବଡ଼ ବୋହୂଙ୍କୁ ଡାକିବାକୁ କହିଲେ। ହେଲେ ତାକୁ ଅଡୁଆ ଲାଗିଲା।

ସନ୍ଧ୍ୟାରେ ପଡ଼ିଶା ଘର ଝିଅ ପୁଚୁ କେକ୍‌ଧରିଆସି ନୂଆ ଭାଉଜଙ୍କୁ ଖୋଜିଲା। ନିଶାକୁ ଦେଖି କହିଲା- ଭାଉଜ! ମୁଁ ଏ କେକ୍ ନିଜ ହାତରେ ବନେଇଛି। ଖୁସି ହୋଇ କେକ୍ ଖୁଆଇଦେଇ କହିଲା, ଭାଉଜ କାଲି ମୋର ଶାଢ଼ି ଡେ' ଅଛି। ସକାଳ ୮ଟାରେ ତୁମ ପାଖକୁ ଆସିବି। ମୋତେ ଶାଢ଼ି ପିନ୍ଧେଇ ଦେବ। ସୋମ୍ ହସି ହସି କହିଲେ କଲେଜରେ ଶାଢ଼ି ଡେ' ପାଇଁ ପିନ୍ଧିବୁ ନା ତୋତେ କିଏ ଦେଖିବାକୁ ଆସିବେ, ସତ କହିଲୁ। ହସିହସି ଗଡ଼ିଗଲା ପୁଚୁ। ତୁମ ବାହାଘର ହେଲା ବୋଲି କ'ଣ ସମସ୍ତଙ୍କ ବାହାଘର ତୁମକୁ ଦେଖାଯାଉଛି କି ସୋମ୍ ଭାଇ।

ସନ୍ଧ୍ୟାରେ ଶାଶୁ କହିଲେ- ନିଶା ମୁଁ ମାର୍କେଟ ଯାଉଛି। ତୋ ପାଇଁ କିଛି ଆଣିବି କି? ହଠାତ୍ ତା'ର ମନେପଡ଼ିଗଲା ଚକୋଲେଟ। କହିଲା ମମି ଦୁଇଟା ଚକୋଲେଟ ଆଣିବେ। ଭାରି ଖୁସି ହେଲେ ଶାଶୁ। ବଡ଼ ଯା' ଶାଶୁମା' ମାର୍କେଟ ଯିବାପରେ ପୁତୁରା ରିତ୍ ଆଉ ଝିଆରୀ ମିକିକୁ ନେଇ ଗପସପ ଚାଲିଲା। ତା'ପରେ ରିତ୍ ଆଉ ମିକି ହୋମ୍‌ୱର୍କରେ ଲାଗିଲେ। ନିଶା ନିଜ କାମରେ ବ୍ୟସ୍ତ ରହିଲା। ସେମାନେ ଫେରିବାବେଳକୁ ନିଶା ରାତି ଖାଇବା ପାଇଁ ତରକାରି ରୋଟି ବନେଇ ସାରିଥିଲା। ଘରେ ପହଞ୍ଚି ତା' ହାତକୁ ଚକୋଲେଟ ବଢ଼େଇ ଦେଲେ ଶାଶୁମା'। ତାଙ୍କୁ ଲାଗିଲା ନିଶା ଚକୋଲେଟ ଭଲପାଏ। ଦେଖିଲାବେଳକୁ ସେ ଖୁସି ହୋଇ ରିତ୍ ଆଉ ମିକିକୁ ଧରେଇଦେଲା, ଆଉ କହିଲା ମମି ଜଲଦି ଆସନ୍ତୁ। ରାତି ଖାଇବା ସାଙ୍ଗରେ ଖାଇବା। ବଡ଼ ଯା' ଆଶ୍ଚର୍ଯ୍ୟ ହୋଇ ଅନେଇ ରହିଲେ। ଶାଶୁ ତୁରନ୍ତ ରୋଷେଇ ଘରେ ପଶି ସବୁ ଦେଖି କହିଲେ- "ତୋ ମାଆଟା ଏଡ଼େ ମିଛେଇ ନିଶା, କହିଲା କ'ଣ ନା ମୋ' ଝିଅକୁ କିଛି ଆସେନି।"

ମୋ: ୯୦୨୯୧୯୯୬୫୦



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୨୫/୨୦୨୪ Bhubaneswar, Saturday, May 25/ 2024

# ଓଡ଼ିଶାର ଆହାନ ମିଶ୍ରଙ୍କୁ ତ୍ରିମୁକୁଟ

**ଭୁବନେଶ୍ୱର, ୨୪।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ ଓ ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ତ୍ରିମୁକୁଟ ହାସଲ କରିଛନ୍ତି। ସେ ୧୪ ଓ ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଏବଂ ୧୬ ବର୍ଷରୁ କମ୍ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଫାଇନାଲରେ ଟପ୍ ସିଡ୍ ଆହାନ କର୍ଣ୍ଣାଟକର ଇଶାୟୁ ଦେସାଇଙ୍କୁ ୬-୩, ୬-୦ ସେଟ୍‌ରେ ହରାଇଛନ୍ତି। ସେହିପରି ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅଣସିଡେଡ ଆନ୍ଧ୍ର ପ୍ରଦେଶର କେ. ସୌର୍ଯ୍ୟଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ସୁତଭ୍ୟ କର୍ମକାରଙ୍କୁ ସାଥିକରି ଖେଳିଥିବା ଆହାନ ୧୬ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ଅନିକେତ ସାହୁ ଓ ଅଂଶୁମାନ ଆଚାର୍ଯ୍ୟଙ୍କୁ ୬-୦, ୬-୨ ସେଟ୍‌ରେ ହରାଇ ତ୍ରିମୁକୁଟ ପୂରଣ କରିଛନ୍ତି। ଅନ୍ୟପକ୍ଷରେ ଏସ୍ ବେସ୍ ଟେନିସ ଏକାଡେମୀରେ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ଆହାନ ୧୬ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ତାମିଲନାଡୁର ଲୋକେଶ ସନ୍ନିଥାଙ୍କୁ ୬-୧, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ତାମିଲନାଡୁର ଲୋକେଶ ସନ୍ନିଥା। ସେ ଓଡ଼ିଶାର ଶାଜଫା ସେକ୍‌ଙ୍କୁ ୬-୦, ୬-୨ରେ ହରାଇ ଟାଇଟଲ ଜିତିଛନ୍ତି। ୧୪ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ଓଡ଼ିଶାର ଜଗତ ଜ୍ୟୋତି ପତି ଓ ସ୍ୱୟମ ସାହୁ ଅନ୍ୟତମ ଓଡ଼ିଆ ଯୋଡ଼ି ରାୟାଂଶ ଦାସ ଓ ଶ୍ରେୟାନ ପଟ୍ଟନାୟକଙ୍କୁ ୬-୩, ୭-୫ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ (କେଡିଟିଏ) ସଭାପତି ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଡିଟିଏ ସମ୍ପାଦକ ଅସିତ ପ୍ରଧାନ, ଓଡ଼ିଶା ଟେନିସ ଆସୋସିଏଶନ ଉପସଭାପତି ତଥା ଟୁର୍ନାମେଣ୍ଟ ଡାଇରେକ୍ଟର ଦାମୋଦର ପ୍ରଧାନୀ, କାର୍ଯ୍ୟକାରିଣୀ ସଦସ୍ୟ ବିବେକାନନ୍ଦ ପଟ୍ଟନାୟକ, ଦୁଷ୍ମନ୍ତ ତୁଙ୍ଗା, ସମ୍ବିତ ପଟ୍ଟନାୟକ, ଟୁର୍ନାମେଣ୍ଟ ରେଫରି ଜତୀନ ବୈଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ୮ ରାଜ୍ୟରୁ ୭୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ**

## ବାତ୍ରାଙ୍କ ବିରୋଧରେ ମାମଲା ବନ୍ଦ କଲା ସିବିଆଇ

**ନୂଆଦିଲ୍ଲୀ, ୨୪।୫ (ପି.ଟି.):** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ଧ୍ରୁବ ବାତ୍ରା ଏବଂ ହକି ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଓିଆର୍ ଆର.କେ. ଶ୍ରୀବାସ୍ତବଙ୍କ ବିରୋଧରେ ଚାଲିଥିବା ଭ୍ରଷ୍ଟାଚାର ମାମଲାକୁ ପ୍ରମାଣ ଅଭାବରୁ ବନ୍ଦ କରିଦେଇଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ସିବିଆଇ ତରଫରୁ ଏହି ଦୁଇଜଣଙ୍କ ବିରୋଧରେ ୨ ବର୍ଷ ଧରି ତଦନ୍ତ ଚାଲିଥିଲା। ସିବିଆଇ ପକ୍ଷରୁ ୩ମାସ ଧରି ପ୍ରାଥମିକ ଅନୁସନ୍ଧାନ ପରେ ବାତ୍ରାଙ୍କ ବିରୋଧରେ ଭ୍ରଷ୍ଟାଚାର, ବିଶ୍ୱାସଘାତକତା ଏବଂ ଆପରାଧିକ ଷଡ଼ଯନ୍ତ୍ର ଆଦି ମାମଲାରେ ଏଫ୍‌ଆଇଆର୍ କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ଶ୍ରୀବାସ୍ତବ, ପୂର୍ବତନ ସଭାପତି ରାଜିନ୍ଦର ସିଂ ଏବଂ ପୂର୍ବତନ ସେକ୍ରେଟାରି ଜେନେରାଲ ମହମ୍ମଦ ମୁସ୍ତାକ ଅହମଦଙ୍କ ବିରୋଧରେ ମଧ୍ୟ ମାମଲା ହୋଇଥିଲା। ଏହା ଉପରେ ବାତ୍ରା ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ତାଙ୍କ ପାଖରେ ଏ ବିଷୟରେ କୌଣସି ଖବର ନାହିଁ ବୋଲି କହିଛନ୍ତି।

## ଆଫ୍ରିଦୀ ଟି୨୦ ବିଶ୍ୱକପ୍ ବ୍ରାଣ୍ଡ୍ ଆମ୍ବାସାଡର

**ଦୁବାଇ, ୨୪।୫ (ପି.ଟି.)**

ପୂର୍ବତନ ଅଲରାଉଣ୍ଡର ଶାହିଦ ଆଫ୍ରିଦୀ ଆସନ୍ତା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତାଙ୍କୁ ଟୁର୍ନାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ମନୋନୀତ କରାଯାଇଛି। ୨୦୦୯ରେ ପାକିସ୍ତାନର ଟି୨୦ ବିଶ୍ୱକପ ସଫଳତା ପଛରେ ଆଫ୍ରିଦୀଙ୍କର ବିଶେଷ ଅବଦାନ ରହିଥିଲା। ଟି୨୦ ବିଶ୍ୱକପ ଆମେରିକାରେ ଜୁନ୍ ୨ରୁ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଆଗାମୀ ଟୁର୍ନାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଯୁବରାଜ ସିଂ, ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଏବଂ ସ୍ପ୍ରିଣ୍ଟ କିମ୍ବଦନ୍ତୀ ଉସେନ ବୋଲ୍ଟ ମନୋନୀତ ହୋଇସାରିଛନ୍ତି। ଆଫ୍ରିଦୀ ବର୍ତ୍ତମାନ ଏହି ଗ୍ରୁପ୍‌ରେ ଯୋଗ ଦେଇଛନ୍ତି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ